RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-205 ◆TUESDAY ◆20 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୫ ◆ମଙ୍ଗଳବାର ◆୨୦ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**‘ଜେଲର୍ ୨’**
ଅତିଥି କଳାକାର ହେବାର କାରଣ କହିଲେ ବିଜୟ
▶ପୃଷ୍ଠା ୧୧ ଦେଖନ୍ତୁ...

# ହଟୁନି ଧାନ କିଣା ଅଚଳାବସ୍ଥା

- ୩ ଜିଲ୍ଲାରେ ଏଯାଏ ଖୋଲା ହୋଇନାହିଁ ମଣ୍ଡି
- ୪ ଜିଲ୍ଲାରେ ଧାନ ବିକିଛନ୍ତି ମାତ୍ର ୧୮୮ ଚାଷୀ
- ବରଗଡ଼ରେ ଧାନ ବିକ୍ରି ଅପେକ୍ଷାରେ ୬୦ ହଜାର
- ଏଯାଏ କିଣା ଯାଇଛି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୩୦%



■ ଭୁବନେଶ୍ୱର, ୧୯ ।୧ (ସମିସ): ରାଜ୍ୟରେ ଜାରି ରହିଛି ଧାନ କିଣା ଅଚଳାବସ୍ଥା। ଯେତେ ତାଳି ପକା ଉଦ୍ୟମ କଲେ ମଧ୍ୟ ଧାନ କିଣା ପ୍ରକ୍ରିୟା ସ୍ୱାଭାବିକ ହୋଇପାରୁ ନାହିଁ। ମଣ୍ଡିରେ ଧାନବସ୍ତା ଧରି ଚାଷୀ ଶୀତ କାକରରେ ପଡ଼ିଛନ୍ତି, ସେପଟେ ଅଧିକାଂଶ ଜିଲ୍ଲାର ଚାଷୀ ଏଯାଏ ଟୋକନ ପାଇ ନାହାନ୍ତି। ଚାଷୀଙ୍କୁ ୮୦୦ ଟଙ୍କା ଇନ୍‌ପୁଟ ସହାୟତା ଫାଙ୍କିବାକୁ ଯୋଜନାବଦ୍ଧ ଭାବରେ ଷଡ଼ଯନ୍ତ୍ର କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରିକି ଯେତେ କମ୍ ଧାନ କିଣାଯାଇପାରିବ ସେଥିପାଇଁ ମିଲର-ସରକାର ଏକାଠି ହୋଇ କାମ କରୁଛନ୍ତି ଓ ଏହାର ପରିଣାମ ଚାଷୀ ଭୋଗୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଚାଷୀ ବେଶ୍ ଭଲ ଧାନ ଉତ୍ପାଦନ କରିଛନ୍ତି। ଏପରିକି ଏଥର ଖରିଫରେ ୧୪୦ ଲକ୍ଷ ମେଟ୍ରିକ୍ ଟନରୁ ଊର୍ଦ୍ଧ୍ୱ ଧାନ ଉତ୍ପାଦନ ହୋଇଥିବା ଆକଳନ କାରଯାଇଛି। ନିଜ ଆବଶ୍ୟକତା ପାଇଁ ରଖିବା ପରେ ରାଜ୍ୟର ଚାଷୀ ପ୍ରାୟ ୧୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପଟେ ସରକାର ମାତ୍ର ୭୩ ଲକ୍ଷ ମେଟ୍ରିକ ଟନ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ୍ୟ ଚାଷୀଙ୍କ ସମସ୍ତ ବଳକା ଧାନ କିଣିବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। ମାତ୍ର ଏବେ ଧାର୍ଯ୍ୟ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ଉଠି ପାରିବ କି ନାହିଁ ତାହା ବି ଅସ୍ପଷ୍ଟ। ରାଜ୍ୟରେ ନଭେମ୍ବର ମାସରୁ ମଣ୍ଡି ଖୋଲି ସାରିଥିଲେ ମଧ୍ୟ ଏବେ ସୁଦ୍ଧା ମାତ୍ର ୩୦ ପ୍ରତିଶତ ଅର୍ଥାତ୍ ୨୪ ଲକ୍ଷ ଟନ୍ ଧାନ ସଂଗୃହୀତ ହୋଇଛି। ବିଡ଼ମ୍ବନା ହେଉଛି ଯେ ଏହି ସମୟରେ ପଡ଼ୋଶୀ ଛତିଶଗଡ଼ରେ ୮୦% ଧାନ କିଣା ସରିଥିବାବେଳେ ଓଡ଼ିଶାରେ ପଞ୍ଜିକୃତ ୧୭ ଲକ୍ଷ ୮୮ ହଜାର ୮୮୦ ▶ପୃଷ୍ଠା-୭

## ଦୁଇ ଦ୍ରୁତଗାମୀ ଟ୍ରେନ୍ ଧକ୍କା; ୩୯ ମୃତ



■ ମାଡ୍ରିଡ୍, ୧୯ ।୧(ଏଜେନ୍ସି): ୟୁରୋପୀୟ ଦେଶ ସ୍ପେନ୍‌ର କର୍ଡୋବା ରାଜ୍ୟରେ ରବିବାର ରାତିରେ ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ୩୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୭୩ ଜଣ ଆହତ ହୋଇଥିବା ସୂଚନା ମିଳିଛି।

## ନୋବେଲ ନାହିଁ ତ ଶାନ୍ତି ନାହିଁ: ଟ୍ରମ୍ପ



■ ୱାଶିଂଟନ, ୧୯।୧ (ଏଜେନ୍ସି): ବିଶ୍ୱରେ ଭୟ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ସତ ସ୍ୱୀକାର କରିଛନ୍ତି। ଗ୍ରୀନଲାଣ୍ଡ କବ୍‌ଜା କରିବାର ଭାବନା କାହିଁକି ଆସିଲା ତାହା ବି ଉଗାରିଛନ୍ତି। ଟ୍ରମ୍ପ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି, ୮ଟି ଯୁଦ୍ଧ ବନ୍ଦ କରିବା ସତ୍ତ୍ୱେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଲା ନାହିଁ। ତେଣୁ ଏବେ ସେ ଶାନ୍ତି କଥା ଚିନ୍ତା କରିବା ଛାଡ଼ି ଦେଇଛନ୍ତି।

## କୁଲଦୀପଙ୍କ ଦଣ୍ଡାଦେଶ ସ୍ଥଗିତକୁ ନା

■ ଉନ୍ନାଓ, ୧୯ ।୧(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ସୋମବାର ପୂର୍ବତନ ବିଧାୟକ ତଥା ଦୁଷ୍କର୍ମକାରୀ କୁଲଦୀପ ସିଂହ ସେଙ୍ଗରଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବା ପାଇଁ ହୋଇଥିବା ଏକ ଆବେଦନକୁ ଖାରଜ କରିଛନ୍ତି। ଉନ୍ନାଓ ଦୁଷ୍କର୍ମ ପୀଡିତାଙ୍କ ପିତାଙ୍କ ପୁଲିସ ହାଜରେ ମୃତ୍ୟୁ ମାମଲାରେ ଟ୍ରାଏଲ କୋର୍ଟ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଥିଲେ। ବିବରଣୀ: ପୃଷ୍ଠା-୨

## କମୁଛି ଶୀତ; ବଢୁଛି ପାରଦ



■ ଭୁବନେଶ୍ୱର, ୧୯।୧ (ସମିସ): ରାଜ୍ୟରେ ଶୀତର ପ୍ରଭାବ କମିବାରେ ଲାଗିଛି। ତାପମାତ୍ରାରେ କ୍ରମାଗତ ବୃଦ୍ଧି ଯୋଗୁଁ ଶୀତ କମିବାରେ ଲାଗିଛି। ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ତେଣୁ ପୂର୍ବାପେକ୍ଷା ଶୀତ ଆହୁରି କମିବ। ଅନ୍ୟପଟେ, ପଛକୁ ପଛ ୩ଟି ପଶ୍ଚିମାଝଡ଼ ସକ୍ରିୟ ହେବାକୁ ଥିବାରୁ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ। ରାତି ଭଳି ଦିନରେ ମଧ୍ୟ ତାପମାତ୍ରା ବଢ଼ିବାରେ ଲାଗିଛି। ସୋମବାର ▶ପୃଷ୍ଠା-୭

## ଷ୍ଟାଲିନ୍‌ଙ୍କ ଘୋଷଣା | ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ମିଳିବ ସାହିତ୍ୟିକ ପୁରସ୍କାର



■ ଚେନ୍ନାଇ, ୧୯ ।୧ (ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏକ ଭିନ୍ନ ଧରଣର ପୁରସ୍କାର ଦେବାକୁ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ଓଡ଼ିଆ ସମେତ ୭ଟି ଅଣ-ହିନ୍ଦୀ ଭାଷା ପାଇଁ ନୂଆ ବାର୍ଷିକ ସାହିତ୍ୟିକ ପୁରସ୍କାର ଘୋଷଣା କରି ଷ୍ଟାଲିନ୍ ପରୋକ୍ଷରେ ହୀନ୍ଦି ଭାଷା ପ୍ରତି ତାଙ୍କର ରହିଥିବା ଅସନ୍ତୋଷକୁ ପୁଣିଥରେ ବ୍ୟକ୍ତ କରିଛନ୍ତି।

ଷ୍ଟାଲିନ୍‌ଙ୍କ ଘୋଷଣା ଅନୁଯାୟୀ ଏହି ବାର୍ଷିକ ସାହିତ୍ୟିକ ପୁରସ୍କାରରେ ଓଡ଼ିଆ ସମେତ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ, ବଙ୍ଗଳା ଓ ମରାଠୀ ଭାଷା ସାମିଲ ରହିଛି। ଏହି ପୁରସ୍କାରଗୁଡ଼ିକୁ ‘ସେମ୍ମୋଝି ଇଲାକକିଆ ବିରୁଧୁ’ ▶ପୃଷ୍ଠା-୭

## ନିତିନ ନବୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ



■ ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି): ବିଜେପି କାର୍ଯ୍ୟକାରୀ ସଭାପତି ନିତିନ ନବୀନ ଦଳର ଦ୍ୱାଦଶ କାର୍ଯ୍ୟକାରୀ ସଭାପତି ଭାବେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜାନୁଆରୀ ୨୦ ଅର୍ଥାତ ମଙ୍ଗଳବାର ସେ ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଦଳର ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୧୧.୩୦ରେ ଆୟୋଜନ ହେବାକୁ ଥିବା ପରିବର୍ତ୍ତନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନଥା ସିଂହ ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ। ୪୬ ବର୍ଷୀୟ ନିତିନ ଏଥିସହ ବିଜେପିର ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପଦ ପାଇଁ ସୋମବାର ୩୭ ସେଟ୍‌ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ଅବସରରେ ଅମିତ ଶାହା, ବିଜେପି ପୂର୍ବତନ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାଜନାଥ ସିଂ, ନିତିନ ଗଡକାରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ନିର୍ବାଚନ ପାଇଁ ପ୍ରକ୍ରିୟା ପାର୍ଟି ମ୍ୟୁଖ୍ୟ କାର୍ଯ୍ୟାଳୟରେ ହୋଇଥିଲା। ଏହି ନେତାମାନେ ନିତିନଙ୍କ ପାଇଁ ନିର୍ବାଚନ ଅଧିକାରୀ ଡକ୍ଟର କେ ଲକ୍ଷ୍ମଣଙ୍କ ନିକଟରେ ସମର୍ଥନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଯାଞ୍ଚ୍ ପରେ ସମସ୍ତ କାଗଜପତ୍ର ବୈଧ ବୋଲି ଜଣାପଡ଼ିଛି। ପାର୍ଟି ସଭାପତି ଭାବେ ଜାନୁଆରୀ ୨୦ରେ ନିତିନଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୧୬ରେ ଜାତୀୟ ସଭାପତି ▶ପୃଷ୍ଠା-୭




## ସ୍ପେନ୍‌ରେ ଦୁଇ ଦ୍ରୁତଗାମୀ ଟ୍ରେନ୍ ଧକ୍କା

# ୩୯ ମୃତ, ୭୩ ଆହତ

ମାଡ୍ରିଡ୍, ୧୯ ।୧(ଏଜେନ୍ସି): ୟୁରୋପୀୟ ଦେଶ ସ୍ପେନ୍‌ରେ ରବିବାର ରାତିରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଛି । ସ୍ପେନ୍‌ର କର୍ଡୋବା ରାଜ୍ୟରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ବହୁ ସଂଖ୍ୟାରେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇ ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ ୩୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୩ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁଇଟି ଯାକ ଟ୍ରେନ୍‌ରେ ପାଖାପାଖି ୫୦୦ ଯାତ୍ରୀ ଯାତ୍ରା କରୁଥିଲେ ।

ରିପୋର୍ଟ ଅନୁଯାୟୀ, ମାଲାଗରୁ ମାଦ୍ରିଦ୍ ଯାଉଥିବା ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହୋଇ ନିକଟବର୍ତ୍ତୀ ଏକ ଲାଇନ୍ ପାର କରି ମାଦ୍ରିଦ-ହୁଏଲଭା ରୁଟ୍‌ରେ ଚାଲୁଥିବା ଏକ ଏଭିଇ ଟ୍ରେନ୍ ସହିତ ଧକ୍କା ଦେଇଥିଲା । ସ୍ଥାନୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଆଣ୍ଟୋନିଓ ସାଞ୍ଜ୍ କହିଛନ୍ତି ଯେ, ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ଆହତମାନଙ୍କୁ ୬ଟି ଭିନ୍ନ ଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଏହି ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ଭୂକମ୍ପ ଆସିଥିବା ପରି ଲାଗିଥିଲା ବୋଲି ଯାତ୍ରୀମାନେ କହିଛନ୍ତି । ଟ୍ରେନ୍‌ର ପଛ ଦୁଇଟି ବଗି ଲାଇନଚ୍ୟୁତ ହୋଇଥିଲା ଓ ଗୋଟିଏ ସମ୍ପୂର୍ଣ୍ଣ ଭାବେ ଓଲଟି ପଡ଼ିଥିଲା । ଟ୍ରେନ୍‌ଟି ସନ୍ଧ୍ୟା ୬.୪୦ରେ ମାଲାଗାରୁ ଯାତ୍ରା ଆରମ୍ଭ କରିଥିଲା । କିଛି ସମୟ ପରେ ହଠାତ ଏକ ଝଟ୍‌କା ଲାଗିବା ପରେ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା । ପରେ ହାତୁଡ଼ି ସାହାଯ୍ୟରେ ଝରକା ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା । ଝରକା ଦେଇ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ଟ୍ରେନ୍‌ରେ ଧୂଆଁ ଭର୍ତ୍ତି ହୋଇଥିବା କେତେକ ଅଭିଯୋଗ କରିଛନ୍ତି । ଏହି ଦୁର୍ଘଟଣା ଫଳରେ ସ୍ପେନ ରେଳ ଭିତ୍ତିଭୂମି



ସଂସ୍ଥା, ଏଡିଆଇଏଫ୍ କହିଛି ଯେ, ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ମାଦ୍ରିଦ ଓ ଆଣ୍ଡାଲୁସିଆ ମଧ୍ୟରେ ସମସ୍ତ ଟ୍ରେନ୍ ସେବା ବନ୍ଦ ହୋଇଛି । ଘଟଣାସ୍ଥଳରେ ଜରୁରୀକାଳୀନ ସେବା ନିୟୋଜିତ କରାଯାଇଛି ଓ ରାତାରାତି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସ୍ପେନ ପରିବହନ ମନ୍ତ୍ରୀ, ଅସ୍କାର ପୁଏଣ୍ଟ କହିଛନ୍ତି ଯେ, ଏଡିଆଇଏଫ୍ ଅପରେସନ କଣ୍ଟ୍ରୋଲ ସେଣ୍ଟରରୁ ସ୍ଥିତି ଉପରେ ନଜର ରଖିଛି ।

## ଚିଲି ଜଙ୍ଗଲରେ ଲାଗିଲା ନିଆଁ

# ୧୯ ମୃତ, ୫୦ ହଜାର ବାସହରା

ସାଣ୍ଟିଆଗୋ, ୧୯ ।୧(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ଚିଲି ଜଙ୍ଗଲରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି । ଏହି ଜଙ୍ଗଲ ନିଆଁ ୧୯ ଜଣଙ୍କ ଜୀବନ ନେଲାଣି । ଶତାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ଏହି



ଅଗ୍ନିକାଣ୍ଡ ଯୋଗୁଁ ୫୦, ୦୦୦ ଲୋକ ବାସଚ୍ୟୁତ ହୋଇଛନ୍ତି । ଅନେକ ସହରରେ ଘର, ଯାନବାହାନ ଏବଂ ସମ୍ପୂର୍ଣ୍ଣ ବସତି ନଷ୍ଟ ହୋଇଯାଇଛି । ଆଉ ୨୦ ମିନିଟ ବିଳମ୍ବ କରିଥିଲେ ଆମେ ଜଳିଯାଇଥାନ୍ତୁ ବୋଲି କେତେକ ପୀଡିତ କହିଛନ୍ତି । ରାଜଧାନୀ ସାଣ୍ଟିଆଗୋରୁ ପ୍ରାୟ ୫୦୦ କିମି ଦକ୍ଷିଣରେ ନୁଏଭୋ ଓ ବାୟୋବିଓ ଅଞ୍ଚଳକୁ ନିଆଁ ବ୍ୟାପିଛି । ଲଗାତର ଦୁଇଦିନ ଧରି ଚାଲିଥିବା ପବନ କାରଣରୁ ନିଆଁ ଆଗକୁ ବଢ଼ି ବଢ଼ି ଚାଲିଛି । ସ୍ଥିତିର ଭୟଭୟତାକୁ ଦୃଷ୍ଟିରେ ରଖି ସରକାର ଜରୁରୀକାଳୀନ ପରିସ୍ଥିତି ଓ କର୍ଫ୍ୟୁ ଘୋଷଣା କରିଛନ୍ତି । ପ୍ରାୟ ୪, ୦୦୦ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ସେନା ସହାୟତା ମଧ୍ୟ ନିୟୋଜିତ କରାଯାଇଛି ।

ଚିଲି ରାଷ୍ଟ୍ରପତି ବାବ୍ରିଏଲ ବୋରିକ ପ୍ରଭାବିତ ସହର କନସେପ୍ସିଓନୋରେ ପହଞ୍ଚି ପରିସ୍ଥିତି ସମୀକ୍ଷା କରିଛନ୍ତି । ସେ ସବୁଠାରୁ ପ୍ରଭାବିତ ଅଞ୍ଚଳରେ ରାତି କର୍ଫ୍ୟୁ ଘୋଷଣା କରିଛନ୍ତି । ଚିଲି ଏବେ ଏକ ସଂକଟଜନକ ସ୍ଥିତିରେ ପଡ଼ିଛି ବୋଲି ସେ କହିଛନ୍ତି । ଚିଲିର ବନ୍ଦର ସହର ଲିରୁକୁଏନ୍‌ରେ ସ୍ଥିତି ବହୁତ ଭୟଙ୍କର ରହିଛି । ପ୍ରାୟ ୨୦, ୦୦୦ ଲୋକ ଏହି ସହରରେ ରୁହନ୍ତି । ମାତ୍ର କିଛି ସେକେଣ୍ଡ ମଧ୍ୟରେ ନିଆଁ ବ୍ୟାପୀ ଯାଇଥିଲା ବୋଲି ସହରର ବାସିନ୍ଦାମାନେ କହିଛନ୍ତି । ପେନକୋ ଓ ଲିରକୁଏନ୍‌ରେ ସର୍ବାଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଦୁଇଟି ସହର ମିଳିତ ଜନସଂଖ୍ୟା ୬୦ ହଜାର ରହିଛି । ପ୍ରବଳ ତାପମାତ୍ର ଓ ପବନ ସ୍ଥିତିକୁ ଆହୁରି ଭୟଙ୍କର କରିଛି । ଅବଶ୍ୟ ଚିଲିର ଜଙ୍ଗଲରେ ନିଆଁ ଲାଗିବା ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଏହି ଭଳି ଏକାଧିକ ଘଟଣା ଘଟିଛି । ୨୦୨୪ ଫେବୃଆରୀରେ ସାଣ୍ଟିଆଗୋର ଉତ୍ତର ପଶ୍ଚିମରେ ଥିବା ଭୁନା ଡେଲ ମାର ସହର ନିକଟରେ ଏକକାଳୀନ ଅଗ୍ନିକାଣ୍ଡ ଘଟିଥିଲା ଓ ଏଥିରେ ୧୩୮ ଜଣ ମୃତ୍ୟୁବରଣ କରିଥିବାବେଳେ ୧୬, ୦୦୦ ଲୋକ ପ୍ରଭାବିତ ହୋଇଥିଲେ ।

## ପତ୍ନୀଙ୍କୁ ଛାଡ଼ପତ୍ର ଦେବେ ଅଖିଳେଶଙ୍କ ଭାଇ ପ୍ରତୀକ



ଲକ୍ଷ୍ନୌ, ୧୯ ।୧(ଏଜେନ୍ସି): ମୁଲାୟମ ସିଂ ଯାଦବଙ୍କ ସାନପୁଅ ତଥା ଅଖିଳେଶ ଯାଦବଙ୍କ ସାବତ ଭାଇ ପ୍ରତୀକ ନିଜ ପତ୍ନୀ ଅପର୍ଣ୍ଣାଙ୍କୁ ଛାଡ଼ପତ୍ର ଦେବେ । ଅପର୍ଣ୍ଣାଙ୍କ ସହ ସମ୍ପର୍କ ଛିର୍ଣ୍ଣ ହୋଇ ଯାଇଥିବା ପ୍ରତୀକ ସୋମବାର କହିଛନ୍ତି । ପ୍ରତୀକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, 'ମୁଁ ଏହି ସ୍ୱାର୍ଥପର ମହିଳାଙ୍କୁ ଖୁବଶୀଘ୍ର ଛାଡ଼ପତ୍ର ଦେବାକୁ ଯାଉଛି । ସେ ଆମ ପରିବାର ଓ ପାରିବାରିକ ସମ୍ପର୍କକୁ ନଷ୍ଟ କରିଛନ୍ତି । ସାରା ଦୁନିଆ ଆଗରେ ନିଜକୁ ପରିଚିତ କରାଇବା ଓ ପ୍ରଭାବଶାଳୀ ହେବା ତାଙ୍କର ଏକମାତ୍ର ଲକ୍ଷ୍ୟ । ଏବେ ମୋର ମାନସିକ ସ୍ଥିତି ଖରାପ ରହିଛି । କିନ୍ତୁ ଏ ନେଇ ମହିଳାଙ୍କ କୌଣସି ଯାଏଆସେ ନାହିଁ । ସେ କେବଳ ନିଜ ଚିନ୍ତା କରିଥାନ୍ତି । ଏପରି ଦୁଷ୍ଟ ଆତ୍ମାଙ୍କୁ କେବେ ଦେଖିନାହିଁ । ଏହା ମୋର ଦୁର୍ଭାଗ୍ୟ ଯେ, ମୁଁ ତାଙ୍କୁ ବିବାହ କରିଛି ।' ସୂଚନାଯୋଗ୍ୟ ଯେ ଅପର୍ଣ୍ଣା ଏବେ ବିଜେପିରେ ଥାଇ ରାଜ୍ୟ ମହିଳା କମିଶନର ଉପାଧ୍ୟକ୍ଷା ଅଛନ୍ତି । ୩୮ ବର୍ଷୀୟ ପ୍ରତୀକ ୧୪ ବର୍ଷ ତଳେ ଅର୍ଥାତ ୨୦୧୧ରେ ୩୬ ବର୍ଷୀୟ ଅପର୍ଣ୍ଣାଙ୍କୁ ପ୍ରେମ ବିବାହ କରିଥିଲେ । ପ୍ରତୀକ ହେଉଛନ୍ତି ମୁଲାୟମଙ୍କ ଦ୍ୱିତୀୟ ପତ୍ନୀ ସାଧନା ଗୁପ୍ତାଙ୍କ ପୁଅ । ୨୦୨୨ ନିର୍ବାଚନ ପୂର୍ବରୁ ଅପର୍ଣ୍ଣା ହଠାତ ସମାଜବାଦୀ ପାର୍ଟି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ।

## କୁଲଦୀପଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ହାଇକୋର୍ଟଙ୍କ ନା

ଉନ୍ନାଓ, ୧୯ ।୧(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ସୋମବାର ପୂର୍ବତନ ବିଧାୟକ ତଥା ଦୁଷ୍କର୍ମକାରୀ କୁଲଦୀପ ସିଂହ ସେଙ୍ଗରଙ୍କ ଦଣ୍ଡାଦେଶ ସ୍ଥଗିତ ରଖିବା ପାଇଁ ହୋଇଥିବା ଏକ ଆବେଦନକୁ ଖାରଜ କରିଛନ୍ତି । ପୁଲିସ ହାଜରେ ଉନ୍ନାଓ ଦୁଷ୍କର୍ମ ପୀଡିତାଙ୍କ ପିତାଙ୍କ ମୃତ୍ୟୁ ମାମଲାରେ ଟ୍ରାଏଲ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଏବଂ ୧୦ ଲକ୍ଷ ଟଙ୍କା ଜରିମାନା ଲଗାଇ ଥିଲେ । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ହାଜତ ମୃତ୍ୟୁ ମାମଲାରେ ଅନୁକମ୍ପା ପ୍ରଦର୍ଶନ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ । କୁଲଦୀପଙ୍କ ଭାଇ ଅତୁଲ ସିଂହ ସେଙ୍ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା । କୁଲଦୀପ ଏହି ନିଷ୍ପତ୍ତି ବିରୋଧରେ ଆବେଦନ କରିଥିଲେ । ।

## ଲଦାଖରେ ୫.୭ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ, ୧୯ ।୧(ଏଜେନ୍ସି): କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଓ ତା'ର ଆଖାପାଖ ଅଞ୍ଚଳରେ ସୋମବାର ପୂର୍ବାହ୍ଣ ୧୧.୫୧ରେ ୫.୭ ତୀବ୍ରତାର ଭୂକମ୍ପ ହୋଇଛି । ଲଦାଖ ବ୍ୟତୀତ ଜମ୍ମୁ ଓ କଶ୍ମୀରର ଓ ଉତ୍ତର ଭାରତର କିଛି ସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଲଦାଖ ଅଞ୍ଚଳର ୧୭୧ କିମି ଗଭୀରରେ ଏହାର କେନ୍ଦ୍ରସ୍ଥଳ ଥିଲା । ଭୂକମ୍ପ ଗଭୀରତା ଯୋଗୁଁ ସେତେଟା ବିନାଶ ତଥା କ୍ଷୟକ୍ଷତି ହୋଇ ନଥିଲା । ଏପର୍ଯ୍ୟନ୍ତ କୌଣସି ଜୀବନ ହାନୀ ତଥା କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ ।

## ପୁରୁଖା ଲୋକ ଅବସର ନେବା ଉଚିତ: ଗଡ଼କରୀ

ନାଗପୁର, ୧୯।୧ (ଏଜେନ୍ସି):ପୁରୁଖା ପିଢ଼ିର ଲୋକ ଧିରେ ଧିରେ ଅବସର ନେବା ଉଚିତ । ସେମାନେ ନୂଆ ପିଢିକୁ ଦାୟିତ୍ୱ ପ୍ରଦାନ କରି ମାର୍ଗଦର୍ଶନ କରିବା ଆବଶ୍ୟକ । ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି ଯେ ସମୟ ସହିତ ପିଢ଼ି ବି ବଦଳିବା ଉଚିତ । ନୂଆ ଲୋକ ଠିକ୍‌ରେ ଗାଡ଼ି ଚଲାଇବା ଶିଖିଗଲେ ବରିଷ୍ଠମାନେ ଅନ୍ୟ କାମ କରିବା ଆବଶ୍ୟକ । ଆସୋସିଏସନ ଫର ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ (ଏଆଇଡି)ର କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଛନ୍ତି ।

## ଆଫଗାନିସ୍ତାନରେ ବିସ୍ଫୋରଣ; ୭ ମୃତ

କାବୁଲ, ୧୯।୧ (ଏଜେନ୍ସି): ଆଫଗାନିସ୍ତାନ ସବୁଠାରୁ ସୁରକ୍ଷିତ ସ୍ଥାନ ରାଜଧାନୀ କାବୁଲର ସାହର-ଇ-ନୌ ଅଞ୍ଚଳରେ ସୋମବାର ବିସ୍ଫୋରଣ ହୋଇଛି । ଏଥିରେ ଜଣେ ବିଦେଶୀ ନାଗରିକଙ୍କ ସମେତ ୭ ଜଣ ପ୍ରାଣ ହରାଇଛନ୍ତି । ୧୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ବିସ୍ଫୋରଣରେ ବ୍ୟବହୃତ ବିସ୍ଫୋରକ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ ।

## ଶେଷରେ ସତ ଉଗାରିଲେ ଟ୍ରମ୍ପ

# ନୋବେଲ ନାହିଁ ତ ଶାନ୍ତି ନାହିଁ

ୱାସିଂଟନ, ୧୯।୧ (ଏଜେନ୍ସି): ବିଶ୍ୱରେ ଭୟ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ସତ ସ୍ୱୀକାର କରିଛନ୍ତି । ସେ କାହିଁକି ଗୋଟିଏ ପରେ ଗୋଟିଏ ଦେଶ ଉପରେ ଦାଉ ସାଧୁଛନ୍ତି ତାହାର କାରଣ କହିଛନ୍ତି । ଗ୍ରୀନଲାଣ୍ଡ କବ୍‌ଜା କରିବାର ଭାବନା କାହିଁକି ଆସିଲା ତାହା ବି ଉଗାରିଛନ୍ତି । ଟ୍ରମ୍ପ

- ନିରାଶ ହେବାରୁ ଗ୍ରୀନଲାଣ୍ଡ କବ୍‌ଜା ପାଇଁ ବିଚାର ଆସିଲା
- ନୋବେଲ ନ ମିଳିବାରୁ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପଙ୍କ ଅଭିଯୋଗ

ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗହର ଷ୍ଟୋରଙ୍କୁ ଚିଠି ଲେଖି ଗତ ବର୍ଷ ଅକ୍ଟୋବର ପରେ କାହିଁକି ଉଗ୍ର ହୋଇ ଉଠିଲେ ତାହାର କାରଣ ଦର୍ଶାଇଛନ୍ତି । ଏହି ଚିଠିରେ ନୋବେଲ ନ ମିଳିବାକୁ ନେଇ ଷ୍ଟୋରଙ୍କୁ ଟ୍ରମ୍ପ ଅଭିଯୋଗ କରିଛନ୍ତି । ନୋବେଲ ନାହିଁ ତ ଶାନ୍ତି ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଲେଖିଛନ୍ତି ଯେ ୮ ଯୁଦ୍ଧ ବନ୍ଦ କରିବା ସତ୍ତ୍ୱେ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳି ନ ଥିଲା । ତେଣୁ ଏବେ ସେ ଶାନ୍ତି କଥା ଚିନ୍ତା କରିବା ଛାଡ଼ି ଦେଇଛନ୍ତି । ଶାନ୍ତି ଜରୁରୀ, ମାତ୍ର ଏବେ ଆମେରିକା ସ୍ୱାର୍ଥ କଥା ଆଗ ଭାବିବି । ଗ୍ରୀନଲାଣ୍ଡକୁ କବ୍‌ଜା କରିବା ପ୍ରୟାସ ମଧ୍ୟ ଏହାର ଅଂଶବିଶେଷ । ନୋବେଲ ପୁରସ୍କାର ନ ମିଳିବାରୁ ଏପରି



ଭାବନା ଆସିଥିଲା । ଏହାର ପ୍ରଭାବ ତାଙ୍କର ସବୁ ନିଷ୍ପତ୍ତି ଉପରେ ପଡୁଛି । ସୂଚନାଯୋଗ୍ୟ ଯେ

ନୋବେଲ ଶାନ୍ତି ପୁରସ୍କାର ନ ମିଳିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇ ଯାଇଥିଲେ । ଭେନେଜୁଏଲା ଆକ୍ରମଣ ହେଉ ଅବା ବେଆଇନ ପ୍ରବାସୀଙ୍କୁ ଅମାନବୀୟ ନିର୍ଯାତନା ଦେଇ ପଠାଇବା ସବୁଥିରେ ଆଡବାୟା ଟ୍ରମ୍ପଙ୍କ କ୍ରୁର ରୂପ ଦେଖିବାକୁ ମିଳିଥିଲା । ସେ ନିଜ ବନ୍ଧୁ ରାଷ୍ଟ୍ରଙ୍କୁ ମଧ୍ୟ ଛାଡ଼ି ନ ଥିଲେ । ବ୍ରିଟେନ, ଫ୍ରାନ୍ସ ଆଦି ଦେଶ ଉପରେ ବି ଶୁଳ୍କ ଲଗାଇ ଦେଇଥିଲେ । ଭେନେଜୁଏଲା ବିରୋଧୀ ଦଳ ନେତା ମାରିଆ ମାଚାଡ଼ୋ ନିଜ ଶାନ୍ତି ପୁରସ୍କାର ଦେଇଥିଲେ ବି ଟ୍ରମ୍ପ ଶାନ୍ତ ହୋଇ ନ ଥିଲେ ।

ଟ୍ରମ୍ପଙ୍କ ଚିଠି ପାଇଛି ବୋଲି ନରୱେ ପ୍ରଧାନମନ୍ତ୍ରୀ କହିଛନ୍ତି । ସୂଚନା ଅନୁଯାୟୀ, ଶୁଳ୍କ ବୃଦ୍ଧି ନିଷ୍ପତ୍ତିକୁ ବିରୋଧ କରି ଗହର ଏବଂ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ ମିଳିତ ଭାବେ ଟ୍ରମ୍ପଙ୍କୁ ଚିଠି ଲେଖିଥିଲେ । ଏହାର ଜବାବରେ ଟ୍ରମ୍ପ ନୋବେଲ ନ ମିଳିବାକୁ ନେଇ ଅଭିଯୋଗ କରି ଦେଇଥିଲେ । ଟ୍ରମ୍ପ ଲେଖିଥିଲେ ଯେ ଗ୍ରୀନଲାଣ୍ଡକୁ ରୁଷ କିମ୍ବା ଚୀନ୍ କବଳରୁ ଡେନମାର୍କ ସୁରକ୍ଷା ଦେଇପାରିବ ନାହିଁ । ଡେନମାର୍କ ପାଖରେ ଏହାର ମାଲିକାନା କାହିଁକି ରହିଛି । ଏହାର କୌଣସି ଲିଖିତ କଗାଜପତ୍ର ମଧ୍ୟ ନାହିଁ ।

ଶହ ଶହ ବର୍ଷ ତଳେ ଡେନମାର୍କର ଏକ ଡଙ୍ଗା ସେଠାରେ ପହଞ୍ଚି ଥିଲା ବୋଲି କୁହାଯାଉଛି, କିନ୍ତୁ ଆମ ଡଙ୍ଗା ବି ସେଠି ପହଞ୍ଚି ଥିଲା । ନାଟୋ ପ୍ରତିଷ୍ଠା ହେବା ପରଠାରୁ ଅନ୍ୟ ରାଷ୍ଟ୍ର ତୁଳନାରେ ଆମେରିକା ଅଧିକ କାମ କରିଥିଲା । ଏବେ ଆମେରିକା ପାଇଁ ନାଟୋ କିଛି କରିବାର ସମୟ ଆସିଯାଇଛି । ଗ୍ରୀନଲାଣ୍ଡକୁ ଆମେରିକା ସମ୍ପୂର୍ଣ୍ଣ କବ୍‌ଜା ନ କରିବା ପର୍ଯ୍ୟନ୍ତ ବିଶ୍ୱ ସୁରକ୍ଷିତ ରହିବ ନାହିଁ ।

## ଆମେରିକାଠାରୁ ଗ୍ରୀନଲାଣ୍ଡର ସୁରକ୍ଷାପାଇଁ ଜଣେ ସୈନିକଙ୍କୁ ପଠାଇଲା ବ୍ରିଟେନ

ନୁକ୍, ୧୯ ।୧(ଏଜେନ୍ସି): ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ୍ ଦେବା ପରେ କିଛି ୟୁରୋପୀୟ ଦେଶ ଏକାଠି ହୋଇଛନ୍ତି । ନାଟୋର ଅନେକ ସଦସ୍ୟ ରାଷ୍ଟ୍ର ଅପରେସନ ଆର୍କଟିକ୍ ଏଣ୍ଡ୍ୟୁରାନ୍ସ ନାମକ ଏକ ମିଳିତ ସାମରିକ ଅଭ୍ୟାସ ଆରମ୍ଭ କରିଛନ୍ତି । ଏଥିପାଇଁ ଫ୍ରାନ୍ସ ୨୭ତମ ମାଉଣ୍ଟେନ୍ ଓନ୍‌ଫାଣ୍ଟ୍ରି ବ୍ରିଗେଡ୍‌ରୁ ୧୫ ଜଣ ସୈନିକଙ୍କୁ ଗ୍ରୀନଲାଣ୍ଡ ପଠାଇଛି । ସେହିପରି ଜର୍ମାନୀ ଏକ ୧୩ ଜଣିଆ ସୈନିକ ଦଳ ସେଠାକୁ ପଠାଇଛି । ନରୱେ, ଫିନ୍‌ଲାଣ୍ଡ ଓ ନେଦରଲାଣ୍ଡ ଦୁଇଜଣ ଲେଖାଏଁ ସୈନିକଙ୍କୁ ଗ୍ରୀନ୍‌ଲାଣ୍ଡରେ ନିୟୋଜିତ କରିଛି । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଆମେରିକାରଠାରୁ ଗ୍ରୀନଲାଣ୍ଡର ସୁରକ୍ଷା ପାଇଁ ବ୍ରିଟେନ ଜର୍ଣେ ମାତ୍ର ସାମରିକ ଅଧିକାରୀଙ୍କୁ ପଠାଇଛି ।

ସ୍ୱିଡେନ ମଧ୍ୟ ସୈନିକ ନିୟୋଜିତ କରିବା ନିଶ୍ଚିତ କରିଛି । ମୋଟ ଉପରେ ଡେନମାର୍କର ନିୟୋଜିତ ସୈନ୍ୟଙ୍କୁ ବାଦ୍ ଦେଲେ ୩୫ରୁ ୪୦ ସାମରିକ କର୍ମଚାରୀ ୟୁରୋପୀୟ ଦେଶଗୁଡିକରୁ ଆସିଛନ୍ତି । ତେବେ ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ ଏହି ସମ୍ପୂର୍ଣ୍ଣ ଅପରେସନକୁ ଏକ ମଜା ବୋଲି କହି ପରିହାସ କରିଛନ୍ତି । ତେବେ ପୋଲାଣ୍ଡ ଓ ଇଟାଲୀ ଏହି ଅପରେସନରୁ ନିଜକୁ ଦୂରେଇ ରଖିଛନ୍ତି । ପୂର୍ବରୁ ଗ୍ରୀନ୍‌ଲାଣ୍ଡରେ ଡେନମାର୍କର ୨୦୦ ସୈନିକ ମୁତୟନ ଅଛନ୍ତି । ଏହାକୁ ବାଦ୍‌ଦେଲେ ୧୪ ଜଣିଆ ସିରିୟସ ଡଗ୍ ସ୍ଲେଜ ପାଟ୍ରୋଲ ବି ସେଠାରେ ରହିଛନ୍ତି । ଏମାନେ ଆର୍କଟିକ୍ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି ।

## ବିଜେପି ନିଜ କାଉନସିଲରଙ୍କୁ ଲୁଚାଇବାକୁ ଯୋଜନା କରୁଛି: ସଞ୍ଜୟ ରାଉତ

ମୁମ୍ବଇ, ୧୯।୧ (ଏଜେନ୍ସି): ମୁମ୍ବଇ ପୌର ନିର୍ବାଚନରେ କ୍ଷମତାସୀନ ମହାଯୁତି ମେଣ୍ଟ ମ୍ୟାଜିକ ନମ୍ବର ପାର୍ କରିଛି । ବିଜେପିରୁ ପ୍ରଥମ ଥର ପାଇଁ ମେୟର ହେବେ ବୋଲି କୁହାଯାଉଛି । ମାତ୍ର ଏପରି ସମୟରେ ଉଦ୍ଧବ ଗୋଷ୍ଠୀର ଶିବସେନା ନେତା ସଞ୍ଜୟରାଉତ ଭିନ୍ନ ଦାବି କରିଛନ୍ତି । ଏବେ ବି ମେୟର ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି କହି ସଂଶୟକୁ ବଢ଼ାଇ ଦେଇଛନ୍ତି । ବିଏମସି ନିର୍ବାଚନରେ ୨୨୭ ୱାର୍ଡରୁ ବିଜେପି ୮୯, ଏକନାଥ ସିନ୍ଦେଙ୍କ ଶିବସେନା ୨୯ଟି ସିଟ୍ ଜିତିଥିଲା । ଭାରତର ସବୁଠାରୁ ଧନୀ ପୌର ନିଗମର ମେୟର ପଦ ପାଇଁ ଆବଶ୍ୟକ ବହୁମତ ହାସଲ କରି ନେଇଥିଲା । ସେହିପରି ଶିବସେନା (ୟୁବିଟି) ୬୫ଟି ଏବଂ ଅନ୍ୟ ସହଯୋଗୀଙ୍କ ସଂଖ୍ୟା ମିଶି ମୋଟ ୧୦୮ ହେଉଛି । ବିରୋଧୀ ବହୁମତଠାରୁ କେବଳ ୬ଟି ଆସନ ଦୂରରେ ରହିଛନ୍ତି । ଏକନାଥଙ୍କ ଶିବସେନା ଏବଂ ବିଜେପି ମଧ୍ୟରେ ମେୟର ପଦକୁ ନେଇ ବିବାଦ ଜାରି ରହିଥିବାରୁ ଉଦ୍ଧବ ଗୋଷ୍ଠୀ ଏବେ ଅପେକ୍ଷା କର ଏବଂ ଦେଖ ରଣନୀତି ଆପଣାଉଛି ବୋଲି ସଞ୍ଜୟ ରାଉତ କହିଛନ୍ତି । ସେ ଦାବି କରିଛନ୍ତି ଯେ ସିନ୍ଦେଙ୍କ ପରି ବିଜେପି ମଧ୍ୟ ନିଜ କାଉନସିଲରଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ଚାହୁଁଛି । ଏବେ କିଏ କାହାକୁ ଡରୁଛି ବୋଲି ପ୍ରଶ୍ନ ଉଠୁଛି? କଲ୍ୟାଣ-ଡୋମ୍ବିଭଲିରେ ସିନ୍ଦେ ବିଜେପି କାଉନସିଲରଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ମୁମ୍ବଇରେ ମଧ୍ୟ ଏପରି ହୋଇପାରେ ବୋଲି ସଞ୍ଜୟରାଉତ କହିଛନ୍ତି ।

## ପାକିସ୍ତାନ ସପିଙ୍ଗ ମଲ୍‌ରେ ଅଗ୍ନିକାଣ୍ଡ: ୨୧ ମୃତ, ୬୫ ନିଖୋଜ

କରାଚୀ, ୧୯ ।୧(ଏଜେନ୍ସି): ପାକିସ୍ତାନର କରାଚୀରେ ଶନିବାର ଏକ ସପିଙ୍ଗ ମଲ୍‌ରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ରବିବାର ବିଳମ୍ବିତ ରାତିରେ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଅଗ୍ନିକାଣ୍ଡ ପରେ ପ୍ରାୟ ୬୫ ଜଣ ନିଖୋଜ ଥିବା ସୂଚନା ମିଳିଛି । ଉଦ୍ଧାର କାର୍ଯ୍ୟପାଇଁ ସେନାକୁ ନିୟୋଜିତ କରାଯାଇଛି । ପୁଲିସ ନିଖୋଜଙ୍କ ପରିବାରର ମୋବାଇଲ ନଂ ସଂଗ୍ରହ କରିଛି । ଅଧିକାରୀମାନେ କହିଛନ୍ତି ଯେ, ମଲ୍ ଭିତରେ ୨୦ରୁ ଅଧିକ କଲ୍ ଲୋକେସନ ଚିହ୍ନଟ କରାଯାଇଛି । ଫ୍ରଣ୍ଟିୟର ୱାର୍କ୍ସ ଅର୍ଗାନାଇଜେସନ (ଏଫ୍‌ଡବ୍ଲ୍ୟୁଓ) ସହିତ ସେନା, ପୁଲିସ ଓ ସ୍ଥାନୀୟ ପ୍ରଶାସନ ଅବଶେଷ ସଫା କରୁଛି । ସୁରକ୍ଷା ବାହିନୀ କୋଠାର କ୍ଷତିଗ୍ରସ୍ତ ଅଂଶ, ଯେଉଁଠାରେ ଲୋକମାନେ ଫସି ରହିଛନ୍ତି ସେମାନଙ୍କୁ ଉଦ୍ଧାର କରିବାକୁ ସେଠାରେ ପହଞ୍ଚିବାକୁ ଚେଷ୍ଟା କରୁଛି । ଏଥିପାଇଁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି । ଶନିବାର ରାତି ୧୦ଟା ସମୟରେ ଦୋକାନଗୁଡିକରେ ନିଆଁ ଲାଗିଥିଲା । ଏହା ବେସମେଣ୍ଟରୁ ଆରମ୍ଭ ହୋଇଥିଲା ।

## ଏସ୍‌ଆଇଆର୍ ମାମଲାରେ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ପ୍ରକାଶ କର

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି । ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୧.୨୫ କୋଟି ଭୋଟରଙ୍କୁ ନିଜ ନାମ ସାମିଲ କରିବା ପାଇଁ ଆଉ ଏକ ସୁଯୋଗ ଦେଇଛନ୍ତି । ବାଦ୍ ପଡ଼ିଥିବା ଭୋଟରଙ୍କୁ ସୁପ୍ରିମକୋର୍ଟ ୧୦ ଦିନ ମଧ୍ୟରେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ନିଜ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି । ଅନ୍ୟପକ୍ଷରେ ବାଦ୍ ପଡ଼ିଥିବା ଭୋଟରଙ୍କ ନାମ ତାଲିକାକୁ ପଞ୍ଚାୟତ, ବ୍ଲକ୍, ପଞ୍ଚାୟତ ଏବଂ ୱାର୍ଡ଼ କାର୍ଯ୍ୟାଳୟରେ ଲଗାଇବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବେଳେ ନାମ, ସାଙ୍ଗିଆ, ବୟସରେ ତାର୍କିକ ବିସଂଗତି (ଲଜିକାଲ ଡିସ୍‌କ୍ରେପେନ୍ସି) ଥିବା ଦର୍ଶାଇ ନିର୍ବାଚନ କମିସନ ରାଜ୍ୟର ୧.୨୫ କୋଟି ଭୋଟରଙ୍କୁ ନୋଟିସ ଜାରି କରିଥିଲେ । ଏହାକୁ ଶାସକ ଟିଏମ୍‌ସି ତୀବ୍ର ବିରୋଧ କରିଥିଲା । ଏହି ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, କେବଳ ତର୍କ ଆଧାରରେ ଲୋକଙ୍କୁ ସମସ୍ୟାରେ ପକାଯାଇ ପାରିବ ନାହିଁ । ଭୋଟର ତାଲିକାରେ ସୁଧାର ହେବା ଜରୁରୀ; କିନ୍ତୁ ଏହା ସ୍ୱଚ୍ଛ ହେବା ଉଚିତ । ତେଣୁ ସମସ୍ତଙ୍କୁ ସମାନ ସୁଯୋଗ ଦେବାକୁ ଖଣ୍ଡପୀଠ ଇସିଙ୍କୁ କହିଛନ୍ତି ।

ତାର୍କିକ ବିସଙ୍ଗତିରେ ଲୋକଙ୍କ ନାମର ବନାନ ଭୁଲ୍, ଅଭିଭାବକ ଏବଂ ପିଲାଙ୍କ ମଧ୍ୟରେ ବୟସ ବ୍ୟବଧାନ ଆଦି ରହିଛି । ଶୁଣାଣି ସମୟରେ ଦଶମ ଶ୍ରେଣୀ ପରୀକ୍ଷାର ଆଡ୍‌ମିଟ କାର୍ଡଙ୍କୁ ଭୋଟର ତାଲିକା ପାଇଁ ବୈଧ ପ୍ରମାଣପତ୍ର ମାନିବାକୁ

- ସ୍ୱଚ୍ଛତାର ସହ ଭୋଟର ତାଲିକାରେ ସୁଧାର ଅଣାଯାଉ: ସୁପ୍ରିମକୋର୍ଟ
- କେବଳ ତର୍କ ଆଧାରରେ ଲୋକଙ୍କୁ ସମସ୍ୟାରେ ପକାଯାଇ ପାରିବନି
- ପ୍ରମାଣପତ୍ର ଦାଖଲ ପାଇଁ ଲୋକଙ୍କୁ ୧୦ ଦିନ ସମୟ ଦେଲେ ଅଦାଲତ

ସୁପ୍ରିମକୋର୍ଟ ଇସିଙ୍କୁ କହିଛନ୍ତି । ଜଷ୍ଟିସ ବାଗ୍‌ଚୀ କହିଥିଲେ ଯେ ସାଧାରଣ ଲୋକଙ୍କ ଉପରେ ବହୁତ ଚାପ ରହିଛି । ଏସ୍‌ଆଇଆର୍‌ରେ ରାଜ୍ୟର କୋଟିଏରୁ ଅଧିକ ଲୋକ ପ୍ରଭାବିତ ହେଉଛନ୍ତି । ଏହା ସହିତ ଅଭିଯୋଗର ଶୁଣାଣି ସମୟରେ ଅଧିକ କର୍ମଚାରୀ ନିୟୋଜିତ କରିବା, ଲୋକମାନେ ଦାଖଲ କରିଥିବା ପ୍ରମାଣପତ୍ର ପାଇଁ ସେମାନଙ୍କୁ ରସିଦ ଦେବା ଏବଂ ଆପତ୍ତି ଉପରେ ନିଆଯାଇଥିବା ଚୂଡ଼ାନ୍ତ ନିଷ୍ପତ୍ତି ସଂପର୍କରେ ସେମାନଙ୍କୁ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ଣ୍ଣେଲ ସୋଫିଆଙ୍କୁ ଅପମାନିତ ମାମଲା

# ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି): 'ଅପରେସନ ସିନ୍ଦୂର' ସମୟରେ କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି । ଅନ୍‌ଲାଇନରେ ଶାହା କ୍ଷମା ମାଗିବାକୁ କୋର୍ଟରେ ସହଜରେ ନେଇନାହାନ୍ତି । କ୍ଷମା ମାଗିବାକୁ ଏତେ ବିଳମ୍ବ କାହିଁକି ହେଲା ବୋଲି କୋର୍ଟ ପଚାରିଛନ୍ତି । ଶାହାଙ୍କ ବିରୋଧରେ କେବେ ମାମଲା ଚଲାଇବେ ବୋଲି ରାଜ୍ୟ ସରକାରଙ୍କୁ କୋର୍ଟ ପଚାରିଛନ୍ତି? ଏଥିପାଇଁ ଦୁଇ ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ସିଜେଆଇ ସୂର୍ଯ୍ୟକାନ୍ତ ଜଷ୍ଟି ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ସମୟ ବିତି ଯାଇଥିଲେ ବି ଏସଆଇଟି ଯାଞ୍ଚ ରିପୋର୍ଟ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଉ ନ ଥିବାରୁ ସୁପ୍ରିମକୋର୍ଟ କଡ଼ା ଆପତ୍ତି ଉଠାଇଛନ୍ତି । ଏସଆଇଟି କେବେଠାରୁ ଯାଞ୍ଚ ଶେଷ କରି ରିପୋର୍ଟ ଦାଖଲ କରିସାରିଛି । ଅନ୍ୟପକ୍ଷରେ ସେନା ଅଧିକାରୀ, ଦେଶର ନାରୀ ଏବଂ ରାଷ୍ଟ୍ରର ସମ୍ମାନ ଉପରେ ଆକ୍ରମଣ ହେଲେ ବିଜେପି ସରକାର ମାସ ମାସ ପର୍ଯ୍ୟନ୍ତ ଏସଆଇଟି ରିପୋର୍ଟ ପକାଇ ବସି ରହୁଛି ବୋଲି ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ଅଭିଯୋଗ କରିଛନ୍ତି ।



# ପ୍ରୋଟୋକଲ୍ ଭାଙ୍ଗି ୟୁଏଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ମୋଦୀ

ନୂଆଦିଲ୍ଲୀ, ୧୯ ।୧(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଶେଖମହମ୍ମଦ ବିନ ଜାଏଦ ଅଲ ନାହିୟାନ ସୋମବାର ସନ୍ଧ୍ୟା ୪.୩୦ରେ ମାତ୍ର ୧୦୫ ମିନିଟର ଭାରତ ଗସ୍ତରେ ଆସି ନୂଆଦିଲ୍ଲୀର ପାଲମ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଛନ୍ତି । ମୋଦୀ ଏକ୍ସ' ପୋଷ୍ଟ କରି ଲେଖିଛନ୍ତି ଯେ, ମୁଁ ନିଜ ଭାଇଙ୍କୁ ନେବା ପାଇଁ ବିମାନ ବନ୍ଦର ଆସିଛି' । ମୋଦୀ ଶେଖ୍ ଜାଏଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ନିଜ ବାସଭବନରେ ସ୍ୱାଗତ କରିଛନ୍ତି । ମୋଦୀ ସେମାନଙ୍କୁ ଗୁଜରାଟରୁ ଏକ ରାଜକୀୟ ଖୋଦିତ କାଠ ଦୋଳି ଏବଂ ତେଲଙ୍ଗାନାରେ ତିଆରି ଏକ ରୂପା ବାକ୍ସରେ ରଖାଯାଇଥିବା ଏକ କଶ୍ମୀର ପଶ୍ମିନା ସାଲ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ମୋଦୀ ରାଷ୍ଟ୍ରପତିଙ୍କ ମା ଶେଖ ଫାତିମା ବିନ୍ତ ମୁବାରକ ଅଲ୍ କେତବିଙ୍କୁ ମଧ୍ୟ ଏକ ପଶ୍ମିନା ସାଲ ଉପହାର ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଏହି ଭାରତ ଗସ୍ତ ବେଶ୍ ଗୁରୁତ୍ୱବହନ କରୁଛି । ଉଭୟ ନେତା ଦ୍ୱିପାକ୍ଷିକ ବୈଠକ କରି ବାଣିଜ୍ୟ ଏବଂ ପ୍ରତିରକ୍ଷାକୁ ନେଇ ୯ଟି ବଡ଼ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ବିଦେଶ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ଏହି ଗସ୍ତ କ୍ଷୁଦ୍ର ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୟୁଏଇ ରାଷ୍ଟ୍ରପତିଙ୍କ ସହ ଆବଧାବି ଏବଂ ଦୁବାଇର ରାଜପରିବାର ସଦସ୍ୟଙ୍କ ସହିତ ଅନେକ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ ସାମିଲ ଥିଲେ । ସ୍ୱାକ୍ଷର ଚୁକ୍ତି ମଧ୍ୟରେ ପରମାଣୁ ଶକ୍ତିରେ ସହଯୋଗ, ୨୦୩୨ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୦ ବିଲିୟନ ଡଲାରରେ ପହଞ୍ଚିବା, ଭାରତକୁ ପ୍ରତି ବର୍ଷ ୫ ଲକ୍ଷ ମେଟ୍ରିକ ନଟ ଏଲଏନଜି ଦେବା ସାମିଲ ରହିଛି ।

# ଖଣିମନ୍ତ୍ରୀଙ୍କୁ ବହିଷ୍କାର କରି ମୁଖ୍ୟମନ୍ତ୍ରୀ ନିଜ ଦକ୍ଷତାର ପ୍ରମାଣ ଦିଅନ୍ତୁ: ବିଜେଡି

ଭୁବନେଶ୍ୱର, ୧୯।୧(ସମିସ): ରାଜ୍ୟରେ ବାଲି, ମୋରମ୍ ଓ ପଥର ଚୋରି ବ୍ୟାପକ ହୋଇଥିବା ବେଳେ ଏଥିରେ ସରକାରୀ ଦଳର ନେତା କର୍ମୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି। ନିକଟରେ ଗଞ୍ଜାମ




ଜିଲ୍ଲାରେ ଇଡି ଚଢ଼ଉରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତିନିଧିଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଖଣି ମନ୍ତ୍ରୀଙ୍କୁ ବହିଷ୍କାର କରି ମୁଖ୍ୟମନ୍ତ୍ରୀ ନିଜର ଦକ୍ଷତାର ପ୍ରମାଣ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି ।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ଚୋରି, ଖଣି ଚୋରି ଅହେତୁକ ବୃଦ୍ଧି ପାଇଛି। ଏହି ଚୋରି ସରକାରୀ ଦଳର ପ୍ରୋତ୍ସାହନରେ ହେଉଛି ବୋଲି ବିଜେଡି ଅଭିଯୋଗ କରିଆସୁଛି। ସରକାରଙ୍କ ପ୍ରୋତ୍ସାହନରେ ହେଉଥିବା ଚୋରିର ଫଳସ୍ୱରୂପ ଲଘୁଖଣିଜ ସମ୍ପଦର ରାଜସ୍ୱ ୨୦୨୩-୨୪ରେ ୧୪୮୫ କୋଟି ଥିଲା ବେଳେ

- ■ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଚାଲିଛି ବାଲି ଓ ଅନ୍ୟ ଖଣିଜ ସମ୍ପଦ ଚୋରି
- ■ ଖଣିମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମ୍ପୃକ୍ତି ଇଡି ଚଢ଼ଉରୁ ସ୍ପଷ୍ଟ ହୋଇଛି
- ■ ଚୋରି ବୃଦ୍ଧି ଯୋଗୁଁ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦ ରାଜସ୍ୱ ହ୍ରାସ ଘଟିଛି

୨୦୨୪-୨୫ରେ ୬୦୦କୋଟି ଟଙ୍କାକୁ ଖସି ଆସିଛି। ସେହିପରି, ଗୁରୁ ଖଣିଜ ସମ୍ପଦରେ ୫୦,୦୦୦ କୋଟି ଟଙ୍କାରୁ ୩୪,୦୦୦ କୋଟି ଟଙ୍କାକୁ ଖସି ଆସିଛି। ଏହି ରାଜସ୍ୱହାନି ରାଜ୍ୟ ଆର୍ଥିକ ସ୍ଥିତି ପାଇଁ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ଏହାଛଡ଼ା ବାଲି ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଚୋରି ଯୋଗୁଁ ବାଲି ଇତ୍ୟାଦିର ଦର ଅହେତୁକ ବୃଦ୍ଧି ପାଇଛି। ଏହି କାରଣରୁ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ବିପର୍ଯ୍ୟସ୍ତ ହେଉଛି।

ଡ. ମହାନ୍ତି କହିଥିଲେ ଯେ ଏହି ଚୋରି ସମ୍ପର୍କରେ ବିଜୁ ଜନତା ଦଳ ପକ୍ଷରୁ ବାରମ୍ବାର ଅବଗତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି। ନିକଟରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା ଇଡି ଚଢ଼ଉରେ ଖଣିମନ୍ତ୍ରୀଙ୍କ ପ୍ରତିନିଧି ନିଜେ ଚୋରିରେ ସମ୍ପୃକ୍ତ ବୋଲି ସ୍ପଷ୍ଟ ହେବାପରେ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ମୁଖା ଖୋଲିଯାଇଛି। ଖଣିମନ୍ତ୍ରୀ ଶ୍ରୀ ଜେନା ନିଜ ଦସ୍ତଖତରେ ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ ସୁନୀଲ ପାତ୍ର ଖଣି, ପୁଲିସ ଓ କୋର୍ଟ ବିଭାଗରେ ତାଙ୍କର ପ୍ରତିନିଧିର ମାନ୍ୟତା ଦେଇଥିଲେ। ସୁନୀଲଙ୍କ ବାଲି ଚୋରିରେ ସମ୍ପୃକ୍ତି ଇଡି ଚଢ଼ଉରେ ସ୍ପଷ୍ଟ ହେବା ପରେ ଏହି ଚୋରିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ସିଧାସଳଖ ରହିଛି ବୋଲି ସ୍ପଷ୍ଟ ହୋଇଛି। ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ ବୋଲି ବିଜେଡି ଦାବି କରୁଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୁ-ଶାସନ କଥା କହୁଛନ୍ତି, ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ଯଦି ସତ୍‌ସାସସ ଅଛି, ଖଣି ମନ୍ତ୍ରୀ ଶ୍ରୀ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ନିଜ ଦକ୍ଷତାର ପରିଚୟ ଦିଅନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି।

### ବନ୍ଧୁକ ମୁନରେ ବ୍ୟାଙ୍କ ଡକାୟତି

# ଲୁଟିନେଲେ ୫ କୋଟିର ଗହଣା

ବଡ଼ବିଲ, ୧୯।୧ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରରେ ଆଜି ଏକ ବଡ଼ଧରଣର ବ୍ୟାଙ୍କ ଡକାୟତି ହୋଇଛି। ଶାଖା ପରିଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତମାନେ ଲକର୍‌ରୁ ୫ କୋଟିର ସୁନାଗହଣା ଓ ନଗଦ ୮ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଦିନ ପ୍ରାୟ ୨ଟା ବେଳେ ବଡ଼ବିଲ-କଳିଙ୍ଗ ରାସ୍ତାପାର୍ଶ୍ୱରେ ଥିବା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ଶାଖାରୁ ଏହି ଡକାୟତି ହୋଇଛି। ଏହି ଖବର ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ଘଟଣାରେ ବଡ଼ବିଲ ପୁଲିସ ୨ଜଣ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ବ୍ୟାଙ୍କ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଡକାୟତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି। ଏପରିକି, କେତେକ ସ୍ଥାନରେ ପୁଲିସ ନାକାବନ୍ଦୀ କରିଥିବା ବଡ଼ବିଲ ଆଇଆଇସି କହିଛନ୍ତି। ସେହିପରି ଜିଲ୍ଲାର ଅନ୍ୟାନ୍ୟ ଥାନା ଓ ପଡ଼ୋଶୀ ଝାଡ଼ଖଣ୍ଡ ପୁଲିସ ସହ ବଡ଼ବିଲ ପୁଲିସ ଯୋଗସୂତ୍ର ରକ୍ଷା କରି ତଦନ୍ତକୁ ଜୋରଦାର୍ କରିଛି। ବଡ଼ବିଲ ସହର ଝାଡ଼ଖଣ୍ଡକୁ ଲାଗି ରହିଥିବାରୁ ସୀମା




ରାସ୍ତାରେ ମଧ ପୁଲିସ ତୀକ୍ଷ୍ଣ ନଜର ରଖିଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା ହୋଇଥିବାରୁ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଡକାୟତିରେ ୫ରୁ ୬ଜଣ ଦୁର୍ବୃତ୍ତ ସାମିଲ ଥିବା ଜଣାପଡ଼ିଛି।

ଦିନ ପ୍ରାୟ ୨ଟା ବେଳେ ଦୁର୍ବୃତ୍ତମାନେ ମୁହଁରେ ମୁଖା ଓ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ। ବ୍ୟାଙ୍କରେ ସୁରକ୍ଷା କର୍ମୀ ନଥିବାରୁ ସେମାନଙ୍କୁ କେହି ବାଧା ଦେଇପାରିନଥିଲେ। ପରେ ସେମାନେ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇଥିଲେ। ସେତେବେଳେ ମାତ୍ର ୨ଜଣ କର୍ମଚାରୀ ବ୍ୟାଙ୍କରେ କାର୍ଯ୍ୟରତ

- ■ ୮ଲକ୍ଷ ଟଙ୍କା ବି ଲୁଟିନେଲେ
- ■ ଢିଲା ସୁରକ୍ଷା ବ୍ୟବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ
- ■ ୨ ଅଟକ, ପୁଲିସର ଛାନ୍‌ଭିନ୍

ଥିଲେ। ଅଭିଯୁକ୍ତମାନେ ସମସ୍ତଙ୍କ ମୋବାଇଲ୍ ଛଡ଼ାଇ ନେଇ ବ୍ୟାଙ୍କର ଗୋଟିଏ ରୁମ୍‌ରେ ବନ୍ଦ କରିଦେଇଥିଲେ। ପରେ ଶାଖା ପରିଚାଳକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ଲକର୍ ଖୋଲିବାକୁ କହିଥିଲେ। ଏହି ବ୍ୟାଙ୍କରେ ସୁନାବନ୍ଧକ ରଖି ଋଣ ପ୍ରଦାନ କରାଯାଉଥିବାରୁ ଲକ୍‌ରରେ ପାଖାପାଖି ୫ କୋଟି ମୂଲ୍ୟର ଗହଣା ଗଚ୍ଛିତ ଥିଲା। ଦୁର୍ବୃତ୍ତମାନେ ସବୁ ସୁନା ସହ ୮ଲକ୍ଷ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିଲେ। ସ୍ପଷ୍ଟ ଦିବାଲୋକରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଏତେ ବଡ଼ଧରଣର ଲୁଟ୍ ରାଜ୍ୟର ଆଇନଶୃଙ୍ଖଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ହତ୍ୟାକାରୀକୁ ଆଜୀବନ ଜେଲ୍

ଅନୁଗୋଳ,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା ଓ ଦୌରାଜଜ୍ ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗାଁର ଚତୁର୍ଭୁଜ ମାଝୀକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ୨୦୨୪ ନଭେମ୍ବର ୪ରେ ଚତୁର୍ଭୁଜ ନିଜ ଗାଁର ଚିକୁନ ମାଝୀ ନାମକ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲା। ଏ ସଂପର୍କରେ ଚିକୁନଙ୍କ ପରିବାରଲୋକେ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଚତୁର୍ଭୁଜଙ୍କୁ ଗିରଫ କରିଥିଲା। ୧୪ଜଣଙ୍କ ସାକ୍ଷ୍ୟ ଏବଂ ତଥ୍ୟ-ପ୍ରମାଣ ଆଧାରରେ ଅନୁଗୋଳ ଜିଲ୍ଲା ଓ ଦୌରାଜଜ୍ ଦାମୋଦର ରଥ ଆଜି ଚତୁର୍ଭୁଜଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ପ୍ରଶାନ୍ତ କୁମାର ମଲ୍ଲିକ ମାମଲା ପରିଚାଳନା କରୁଥିଲେ।

# ଫାଟିଲା ମାଟି ତଳ ଗ୍ୟାସ୍ ଲାଇନ୍

- ■ ସିଡିଏରେ ଆତଙ୍କ
- ■ ଅଳ୍ପକେ ବର୍ତ୍ତିଲା ଧନଜୀବନ

କଟକ,୧୯ ।୧(ସମିସ): ସୁ... ସୁ ଗର୍ଜନ କରି ଆଗ୍ନେୟ ଉଦ୍‌ଗୀରଣ ଭଳି ମାଟି ତଳୁ ଗ୍ୟାସ୍ ବାହାରିଲା। ପାଖାପାଖି ୫୦ ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ଗ୍ୟାସ୍ ଉଠି ବାୟୁମଣ୍ଡଳରେ ଖେଳିଗଲା। କେହି କିଛି ବୁଝିବା ଆଗରୁ ପୂରା ଅଞ୍ଚଳଟା ଏଲ୍‌ପିଜି (ରନ୍ଧନ ଗ୍ୟାସ୍) ଗନ୍ଧରେ ଫାଟି ପଡ଼ିଲା। ଦୋକାନୀଙ୍କଠାରୁ ଆରମ୍ଭ କରି ପଥଚାରୀ, ଯିଏ ଯୁଆଡ଼େ ପାରିଲେ ଦୌଡ଼ିଲେ। ପୂରା ଅଞ୍ଚଳରେ ଏକ ଭୟର ବାତାବରଣ ଖେଳିଗଲା। କଟକ ସିଡିଏ ସେକ୍ଟର୍-୯ ଅଞ୍ଚଳରେ ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ମାଟି ତଳେ ଯାଇଥିବା ଗ୍ୟାସ୍ ଲାଇନ୍ ଫାଟି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭାରୀ ଯନ୍ତ୍ରପାତି ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। ଅଗ୍ନିଶମବାହିନୀ ଓ ଗ୍ୟାସ୍ ପାଇପ୍



ଲାଇନ କମ୍ପାନୀର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାରୁ ଏକ ବଡ଼ଧରଣର ଅଘଟଣ ଟଳି ଯାଇଥିଲା।

ସୂଚନାନୁଯାୟୀ, ଗ୍ୟାସ୍ ପାଇପ୍ ଲାଇନ୍‌ଟି ଏକ ପେଟ୍ରୋଲ ପମ୍ପର ଅତି ନିକଟରେ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସେହି ସ୍ଥାନରେ ମାଟି ତଳେ ଗ୍ୟାସ୍ ପାଇପଲାଇନ ଥିବା ନେଇ ସୂଚନାଫଳକ ଲାଗିଥିବା ସତ୍ତ୍ୱେ ସେଠାରେ ଭାରୀ ଯନ୍ତ୍ରପାତି ଲଗାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ବିପଦରେ ପକାଇ କିପରି ଏବଂ କାହା ଅନୁମତିରେ ଏହି କାମ ଚାଲିଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ କହିବା ଅନୁଯାୟୀ, ଗ୍ୟାସ୍ ନିର୍ଗତ ହେଉଥିବା ସମୟରେ ଯଦି କେହି ମୋବାଇଲ ଫୋନ୍ ବ୍ୟବହାର କରିଥା'ନ୍ତେ କିମ୍ବା କୌଣସି ଗାଡ଼ି ସେହି ଅଞ୍ଚଳ ଦେଇ ଯାଇଥା'ନ୍ତା ଅଥବା କୌଣସି ଉପାୟରେ ନିଆଁ ପହଞ୍ଚି ଥାଆନ୍ତା, ଏକ ବଡ଼ଧରଣର ବିସ୍ଫୋରଣ ଘଟିବାର ଆଶଙ୍କା ଥିଲା।

ଅପରପକ୍ଷେ, ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିକଟସ୍ଥ ପେଟ୍ରୋଲ ପମ୍ପ ସହ ଜଡ଼ିତ କିଛି ବ୍ୟକ୍ତି ସେଠାରେ ଏକ ବେଆଇନ ରାସ୍ତା ନିର୍ମାଣ କରିବାକୁ ଚେଷ୍ଟା କରୁଥିଲେ। ପୂର୍ବରୁ ସେହି ସ୍ଥାନରେ ଏକ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲେ ମଧ୍ୟ ଗ୍ୟାସ୍ ଓ ସ୍ୱେରେଜ୍ ପାଇପଲାଇନ୍ ଥିବା ଯୋଗୁଁ ତାହାକୁ ମଞ୍ଜୁରି ମିଳି ନଥିଲା। ଏଭଳି ସ୍ଥିତିରେ ପ୍ରତିବନ୍ଧିତ ଅଞ୍ଚଳରେ ଗଛ କଟାଯିବା ସହ ନିର୍ମାଣ କାର୍ଯ୍ୟ ହେବା ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ତ୍ରୁଟି ବୋଲି ଅଭିଯୋଗ ହୋଇଛି। ଘଟଣାକୁ ଗମ୍ଭୀରତାର ସହ ନେଇ ଗ୍ୟାସ୍ ପାଇପ୍ ଲାଇନ୍‌ଟି ଉପଯୁକ୍ତ ଗଭୀରତାରେ ରହିଛି କି ନାହିଁ ଏବଂ ଏହି ଅନଧିକୃତ ନିର୍ମାଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ମଝିଘରିଆଣୀଙ୍କ ଦାନହୁଣ୍ଡିରୁ ବାହାରିଲା ୧ କୋଟି ୫ଲକ୍ଷ ଟଙ୍କା

ରାୟଗଡ଼ା, ୧୯ ।୧ (ସମିସ): ଦୀର୍ଘ ୬ ମାସ ପରେ ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ଦାନହୁଣ୍ଡି ଖୋଲିଛି। ସକାଳ ପ୍ରାୟ ୯ଟା ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ୯ଟି ଯାକ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ନଗଦ ୧ କୋଟି ୫ଲକ୍ଷ ୫୨ ହଜାର ୮୪୫ଟଙ୍କା, ୩୦



ଗ୍ରାମ ସୁନା ଏବଂ ୨ କିଲୋ ୧୫୦ ଗ୍ରାମ ରୁପା ସଂଗୃହୀତ ହୋଇଛି। ଏହାସହ, ୮ଟି ଦେଶର ୨୩ଟି ବିଦେଶୀ ନୋଟ୍ ମଧ ବାହାରିଛି। ବିଦେଶରେ ରହୁଥିବା ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଆସିଥିବା ବେଳେ ଏହି ସବୁ ବିଦେଶୀ ଟଙ୍କା ହୁଣ୍ଡିରେ ଦାନ ଆକାରରେ ପକାଇଥିବା ଅନୁମାନ କରାଯାଉଛି।

ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିରର ହୁଣ୍ଡିଗୁଡ଼ିକ ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ଦୀର୍ଘ ୯ଘଣ୍ଟା ଧରି ଗଣତି କରିଥିଲେ। ହୁଣ୍ଡିରୁ ପୁରୁଣା ୫୦୦ଟଙ୍କା ଗୋଟିଏ, ହଜାରେ ଟଙ୍କିଆ ନୋଟ୍ ଦୁଇଟି ଓ ଦୁଇ ହଜାର ଟଙ୍କିଆ ନୋଟ୍ ଗୋଟିଏ ବାହାରିଛି। ୪ଲକ୍ଷରୁ ଅଧିକ ଟଙ୍କାର କଏନ୍ ବାହାରିଛି। ଏହି ଟଙ୍କା ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜମା କରାଯାଇଛି। ସେହିଭଳି ସୁନା ଓ ରୁପା ଜିଲା

- ■ ୩୦ ଗ୍ରାମ ସୁନା, ୨ କେଜି ରୁପା ସଂଗୃହୀତ
- ■ ମିଳିଲା ୮ଟି ଦେଶର ବିଦେଶୀ ନୋଟ୍

କୋଷାଗାରରେ ରଖାଯାଇଛି ବୋଲି ମନ୍ଦିର ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡ଼ିକା ପ୍ରକାଶ କହିଛନ୍ତି। ସେହିପରି, ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଦୁଇ ଶହରୁ ଅଧିକ ମହିଳା ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ ବୋଲି ଶ୍ରୀ ବିଡିକା ସୂଚନା ଦେଇଛନ୍ତି। ଗଣତି ବେଳେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା। ଗତବର୍ଷ ଜୁଲାଇରେ ଖୋଲା ଯାଇଥିବା ଦାନହୁଣ୍ଡିରୁ ୧.୪ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସମେତ ୩୮ ଗ୍ରାମ୍ ସୁନା, ୨ କେଜି ୫୦୫ ଗ୍ରାମ୍ ରୁପା ଅଳଙ୍କାର ବାହାରିଥିଲା।

## ବ୍ଲକ୍ ଅଫିସ୍‌ରେ ବିଡିଓଙ୍କୁ ଚାପୁଡ଼ା

ନୂଆପଡ଼ା, ୧୯ ।୧ (ସମିସ): ବ୍ଲକ୍ ଅଫିସ୍ ପରିସରରେ ବିଡିଓଙ୍କୁ ଶକ୍ତ ଚାପୁଡ଼ା। ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍‌ରେ ଆଜି ଏଭଳି ଏକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ନୋଟିସ୍ ଦେଇ ଛାଡ଼ିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲା, ହେମନାଥ ବଞ୍ଜାରା(୩୨)। ଏନେଇ ପୁଲିସ ନମ୍ବର ୧୧/୨୬ରେ ଏକ ମାମଲା ରୁଜୁ କରିଛି।

ସୂଚନାନୁଯାୟୀ, ସୋମବାର ସକାଳ ପ୍ରାୟ ୧୦ଟା ବେଳେ ବିଡିଓ ରୋହିତ ଭୋଇ ନିଜ ବାସଭବନରୁ କାର୍ଯ୍ୟାଳୟ ଅଭିମୁଖେ ଆସୁଥିବା ବେଳେ ଭଏଁଷାଟାଲ ପଞ୍ଚାୟତର ୮/୧୦ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ବାଲୋଦା ଗାଁରେ ନିର୍ମାଣାଧୀନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ କାମବନ୍ଦ କରିବାକୁ ସେମାନେ ବିଡିଓଙ୍କୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ହେମନାଥ ବିଡିଓଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିଲା। ପରେ ସେମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପ୍ରଚାରିତ ହେବା ପରେ ବ୍ଲକ୍ କ୍ୟାମ୍ପସ ଲୋକାରଣ୍ୟ ପାଲଟିଥିଲା। ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ତୁରନ୍ତ ଏସ୍‌ଡିପିଓ ସ୍ୱାଧୀନ ମିଶ୍ର, ଥାନାଧିକାରୀ ଗଙ୍ଗାଧର ମେହେର ସଦଳବଳେ ବ୍ଲକ୍‌କୁ ଯାଇ ତଦନ୍ତ କରିଥିଲେ। ଅଭିଯୁକ୍ତମାନଙ୍କୁ ଠାବ କରି ଥାନାକୁ ଆଣିଥିଲେ। ଜେରା ପରେ ହେମନାଥକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିଲା।

# 'ମନରେଗା' ପାଇଁ କଂଗ୍ରେସର ସତ୍ୟାଗ୍ରହ

ଭୁବନେଶ୍ୱର, ୧୯ ।୧ (ସମିସ): କଂଗ୍ରେସ ସରକାର ସମୟରେ କରାଯାଇଥିବା ମନରେଗା ଯୋଜନାକୁ ପରିବର୍ତ୍ତନ କରି ଏବେକାର କେନ୍ଦ୍ର ସରକାର ବିଭି ଜି ରାମ ଜି ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇବାର ପ୍ରୟାସ କରାଯାଇନି, ବରଂ ୧୨ କୋଟି




ଲୋକଙ୍କ ଜୀବନଜୀବିକାକୁ ହରଣ କରାଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଏହି ନୂଆ ଆଇନ ଅବଜ୍ଞା କରୁଛି ବୋଲି ଅଭିଯୋଗ କରି ପିସିସିର ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଆଜି ଲୋୟର ପିଏମ୍‌ଜିଠାରେ ଏକ ରାଜ୍ୟସ୍ତରୀୟ ମନରେଗା ବଞ୍ଚାଅ ସତ୍ୟାଗ୍ରହ କରାଯାଇଛି। ଏଥିରେ ସଂଗଠନର ଜାତୀୟ ଅଧ୍ୟକ୍ଷ ଡ. ସୁନୀଲ ପନୱର ଏବଂ ଉପାଧ୍ୟକ୍ଷ କୁନାଲ ବାନାର୍ଜୀ ଯୋଗଦେଇ ମନରେଗାର ପରିବର୍ତ୍ତିତ ରୂପରେଖ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ ଏବଂ ନିଜ ହକ୍ ପାଇଁ ପଞ୍ଚାୟତସ୍ତରକୁ ଯାଇ ଲଢ଼େଇ କରିବାକୁ କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସତ୍ୟାଗ୍ରହକୁ ଅନୁଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ ଏହାକୁ ପରିଚାଳନା କରିଥିଲେ।

ଅନ୍ୟପଟେ, ସଂଗଠନ ତରଫରୁ ରାଜ୍ୟପାଳଙ୍କୁ ଏ ସଂପର୍କିତ ଦାବିପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଥିଲା। ସେଥିପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ସାକ୍ଷାତକାର ସହିତ ଦାବି ପତ୍ର ଦେବା ପାଇଁ ଏକ ଅନୁରୋଧ ପତ୍ର ଦିଆଯାଇଥିଲା। କିନ୍ତୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ମିଳିନଥିଲା। ରାଜ୍ୟପାଳଙ୍କର ଏତାଦୃଶ ଆଚରଣକୁ କଂଗ୍ରେସ ଦୁର୍ଭାଗ୍ୟଜନକ କହିବା ସହ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ଗୃହୀତ କରାଯାଇଥିଲା। ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଗୃହୀତ

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିନ୍ଦା ପ୍ରସ୍ତାବ**

ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା, ଶରତ ରାଉତ, ଦେବାଶିଷ ନାୟକ, ଭୁଜବଳ ମାଝୀ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ମନରେଗା ଯୋଜନାର ପରିବର୍ତ୍ତିତ ରୂପରେଖ ଏବଂ ସରକାରଙ୍କ ଜନମାରଣ ନୀତି ସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ।



# ସମଲ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



କଣିହାଁ,୧୯ ।୧(ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ସରସ୍ୱତୀ ଶିଶୁମନ୍ଦିରର ଏକବିଂଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଚିତ୍ରାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଜେଏସପି ଅନୁଗୋଳ ସିଏସଆର ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ଜଳସମ୍ପଦ ବିଭାଗ ବ୍ରାହ୍ମଣୀ ଅବବାହିକା ସମଲର ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ସମଲ ଥାନା ଆଇଆଇସି ମୃଣାଳ କାଲ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା ଯୋଗଦେଇଥିଲେ । ବିଦ୍ୟାଳୟ ସଭାପତି ତୋଷମଣି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ବିଜୟ କୁମାର ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ । ଉପସଭାପତି ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିନ୍ଦଲ ଦ୍ୱାରା ନିର୍ମିତ ପ୍ରଧାନଆଚାର୍ଯ୍ୟ କାର୍ଯ୍ୟାଳୟ ଓ ଶ୍ରେଣୀଗୃହ ଉନ୍ନତୀକରଣ କାର୍ଯ୍ୟକୁ ଅତିଥି ଉଦଘାଟନ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଏସପିଙ୍କ ହଣ୍ଡପା ଥାନା ପରିଦର୍ଶନ




ଅନୁଗୋଳ,୧୯ ।୧(ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନି ସୋମବାର ଅଚାନକ ହଣ୍ଡପା ଥାନା ପରିଦର୍ଶନ କରିଛନ୍ତି । ହଠାତ ଥାନାରେ ପହଞ୍ଚି ସେଠାରେ ଉପସ୍ଥିତ ଲୋକଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ । ପରେ ଥାନା ଭିତରକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ । ଲୋକଙ୍କ ଅଭିଯୋଗ ସବୁ ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ପୁଲିସ ଉପରେ କିପରି ଲୋକଙ୍କର ଭରସା ରହିବ ସେ ନେଇ ପୁଲିସ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହ ଥାନାରେ ଲାଗିଥିବା ସମସ୍ତ ସିସିଟିଭି ଯାଞ୍ଚ କରିଥିଲେ । ଏସ୍‌ପିଙ୍କ ପରିଦର୍ଶନ ସମୟରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ବଙ୍ଗଳା ନିର୍ମାଣ ପାଇଁ ଜମି ଦେଖିଲେ ଜିଲ୍ଲାପାଳ

ବଇଣ୍ଠା,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଠାଠାରେ ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ସୋମବାର ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମଦ ଅଖତର ସରକାରୀ ଜମି ଦେଖିଛନ୍ତି ।



ନୁନୁକାପଶି ମୌଜାରେ ଥିବା ଜମି ଦେଖିବା ସହ ବଙ୍ଗଳା ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଏସପି ରାହୁଲ ଜୈନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ବିକ୍ରମ ନାୟକ, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂ, କିଶୋରନଗର ତହସିଲ କୋର୍ଟ ଅମିନ ଜପୁନ କୁମାର ପ୍ରଧାନ, କିଶୋରନଗର ତହସିଲ ରାଜସ୍ୱ ପରିଦର୍ଶକ ସର୍ବେଶ୍ୱର ସାହୁ, ବଇଣ୍ଠା ରାଜସ୍ୱ ଅମିନ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ନୁନୁକାପସି ମୌଜାରେ ଥିବା ସରକାରୀ ଜମିରୁ ଗୋଟିଏ ଏକର ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ଜମିକୁ ରାସ୍ତା ପ୍ରସ୍ତୁତ କରାଯାଇଛି ।

# ତାଳଚେରରେ ଜବରଦଖଲ ଉଚ୍ଛେଦ

ତାଳଚେର,୧୯ ।୧(ସମିସ): ତାଳଚେର ପୌରାଞ୍ଚଳ ଅନ୍ତର୍ଗତ ଫାଷ୍ଟଗେଟ୍ ରାମଚନ୍ଦ୍ର ବଜାରଠାରୁ ହାଟତୋଟା ଦେଇ ହାଣ୍ଡିଧୁଆ ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଥିବାରୁ ପୂର୍ବ ନିଷ୍ପତ୍ତି



ଅନୁଯାୟୀ ପୌରପରିଷଦ ପକ୍ଷରୁ ମାଜିଷ୍ଟ୍ରେଟ୍ ଓ ପୁଲିସ୍ ଉପସ୍ଥିତିରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ କରି ବହୁ ଲୋକ ଦୋକାନ ବଜାର ନିର୍ମାଣ କରିଥିବାରୁ ରାସ୍ତା ଜାମ୍ ହେବା ସହ ପୌରପରିଷଦ ପକ୍ଷରୁ ଉନ୍ନୟନ କାର୍ଯ୍ୟ ହୋଇପାରୁ ନ ଥିଲା । ତେବେ ଏହାକୁ ବିଚାରକୁ ନେଇ ସୋମବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଦୀର୍ଘବର୍ଷ ଧରି ଏଠାରେ ବ୍ୟବସାୟ କରି ପରିବାର ଚଳାଉଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଦାବି ହେଉଛି । ଉଚ୍ଛେଦ କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ବଡ଼ବଜାରଠାରୁ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜାଗାରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ କେବେ ଉଚ୍ଛେଦ କରାଯିବ ତାହା ଦେଖିବାକୁ ବାକି ରହିଲା ।

# ଘଣ୍ଟପଡ଼ା ରେଳ ଓଭରବ୍ରିଜ ଲୋକାର୍ପଣ କେବେ?



ତାଳଚେର,୧୯ ।୧(ସମିସ): ତାଳଚେର ସହରରୁ ହାଟତୋଟା ଘଣ୍ଟପଡ଼ା ଲେବଲ କ୍ରସିଂ ଦେଇ ଦୈନନ୍ଦିକ ହଜାର ହଜାର ଜନସାଧାରଣ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଯଥା-ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ଚିକିତ୍ସାଳୟ, ଏସପି, ଶ୍ରମ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି । ଘଣ୍ଟପଡ଼ା ରାସ୍ତାରେ ଦୀର୍ଘବର୍ଷ ହେଲା ଏକ ଲେବଲକ୍ରସିଂ ରହିଥିବାରୁ ଟ୍ରେନ୍ ଯାତାୟାତ ସମୟରେ ଲୋକେ ସେଠାରେ ଦୀର୍ଘ ସମୟ ଠିଆ ହେବାକୁ ପଡ଼ିଥାଏ । କି ଖରା କି ବର୍ଷା, ରେଳ ଲାଇନର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥାଏ । ଏପରିକି, ଅତି ଜରୁରୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ମଧ୍ୟ ଫାଟକ ପଡ଼ିଯିବା ଯୋଗୁଁ ଅପେକ୍ଷା କରିବାକୁ ପଡ଼ିଥାଏ । ଏହାକୁ ଦୃଷ୍ଟିରେ ତାଳଚେରର ବିଭିନ୍ନ ସଂଗଠନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ପରେ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏଠାରେ ଏମସିଲ ସିଏସଆର ଅର୍ଥ ବିନିଯୋଗରେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଇଛି । ହେଲେ ଆଜିପର୍ଯ୍ୟନ୍ତ ଏହି ବ୍ରିଜ ଲୋକାର୍ପଣ କରାଯାଇ ନ ଥିବାରୁ ଲୋକଙ୍କ କାମରେ ଆସୁନାହିଁ । ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ନେତାମନ୍ତ୍ରୀମାନେ ଏହାକୁ ଉଦଘାଟନ କରିବା ନେଇ ବିଭାଗ ପକ୍ଷରୁ ଅପେକ୍ଷା କରାଯାଇଛି । ତୁରନ୍ତ ଏହି ବ୍ରିଜ ଲୋକାର୍ପଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପୁରାତନ ଛାତ୍ରଙ୍କ ବୈଠକ



ବଇଣ୍ଠା,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଠା ରାମଦେଓ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବୈଠକ ରବିବାର ଦିନ ଜାମୁନାଳୀଠାରେ ଅନୁଷ୍ଠିତ ହୋଇଛି । ସୁବ୍ରଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ଶୁଭେନ୍ଦୁ ମୋହନ ସାହୁ, ବିନୀତ ସାହା, ଅନିଲ ସାହୁ, ଅନିଲ ବେହେରା, ପ୍ରୀତୀଶ ପ୍ରଧାନ, ପ୍ରୀତିରଞ୍ଜନ ବେହେରା, ସଞ୍ଜୟ ପ୍ରଧାନ, ରବୀନ୍ଦ୍ର ସାହୁ, ଭବାନୀ ଶଙ୍କର ମିଶ୍ର, ଅରବିନ୍ଦ ପ୍ରଧାନ, ସୁବ୍ରତ ପ୍ରଧାନ, ଅନ୍ତର୍ଯ୍ୟାମୀ ରାଉଳ, ମନୋରଞ୍ଜନ ପ୍ରଧାନ, ପ୍ରଦୋଷ ପ୍ରଧାନ, ନରେଶ ପ୍ରଧାନ, ସୁଶାନ୍ତ ଦାସ, ଭୁପେନ ପ୍ରଧାନ, ପରୀକ୍ଷିତ ସାହୁଙ୍କ ସମେତ ବହୁ ସାଥୀ ଯୋଗଦେଇଥିଲେ । ଏଥିରେ କିପରି ବିଦ୍ୟାଳୟର ବିକାଶ ହୋଇପାରିବ ସେ ନେଇ ଆଲୋଚନା କରାଯିବା ସହ ଆଗକୁ ଏକଜୁଟ ହୋଇ ବଇଣ୍ଠାର ଉନ୍ନତି ଉପରେ ଅଧିକ ଧ୍ୟାନ ଦେବା ପାଇଁ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଆଉ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

# ଲାଉପାଳରେ ଚାଲିଛି ବେଆଇନ ପଥର ବ୍ଲାଷ୍ଟିଂ

ଅନୁଗୋଳ,୧୯ ।୧(ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ କୁଦଗାଁ ପଞ୍ଚାୟତ ଲାଉପାଳ ପ୍ରୋଜେକ୍ଟ ତଳେ ଥିବା ନାଳରେ ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବା ଅଭିଯୋଗ ହୋଇଛି । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ଲାଉପାଳ ପ୍ରୋଜେକ୍ଟରେ ପଥର ପେଚିଂ କାର୍ଯ୍ୟ ଜାରି ରହିଛି । ଏଥିପାଇଁ ପଥର ଆବଶ୍ୟକ ପଡୁଥିବା ବେଳେ କିଛି ବ୍ୟକ୍ତି ପ୍ରୋଜେକ୍ଟ ତଳେ ଥିବା ନାଳରେ ବ୍ଲାଷ୍ଟିଂ କରି ପଥର ସଂଗ୍ରହ କରୁଛନ୍ତି । ଦିନ ଦ୍ୱିପ୍ରହରରେ ଚାଲିଛି ପଥର ବ୍ଲାଷ୍ଟିଂ । ରାଜ୍ୟ ରାଜପଥ ପାର୍ଶ୍ୱରେ ବ୍ଲାଷ୍ଟିଂ ଚାଲିଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପଥର ବ୍ଲାଷ୍ଟିଂ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା

## ଲୋକେ ଆତଙ୍କିତ

ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି ।

ବ୍ଲାଷ୍ଟିଂ କରାଯାଉଥିବା ସ୍ଥାନ ବଇଣ୍ଡା-କିଆକଟା ରାଜ୍ୟ ରାଜପଥ ପାର୍ଶ୍ୱରେ ହୋଇଥିବା ବେଳେ ଲାଉପାଳ ପ୍ରୋଜେକ୍ଟର ଠିକ୍ ତଳ ଭାଗରେ । ଫଳରେ ବ୍ଲାଷ୍ଟିଂ ଦ୍ୱାରା



ପ୍ରୋଜେକ୍ଟ ପ୍ରତି ବିପଦ ସୃଷ୍ଟି ହୋଇଛି । କାରଣ ବ୍ଲାଷ୍ଟିଂ ବେଳେ ଆଖାପାଖରେ ମୃଦୁ ଭୂକମ୍ପ ଅନୁଭୂତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ରାଜ୍ୟ ରାଜପଥ ପାର୍ଶ୍ୱରେ ବ୍ଲାଷ୍ଟିଂ ହେଉଥିଲେ ମଧ୍ୟ ଅଧିକାରୀଙ୍କ ନଜରରେ ପଡୁନାହିଁ ନା ଦେଖି ଆଖି ବୁଜିଦେଇଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଅଭିଷେକ ଜେନା କହିଛନ୍ତି, ପ୍ରୋଜେକ୍ଟରେ ପଥର ପେଚିଂ କାର୍ଯ୍ୟ ଜାରି ରହିଛି । ମାତ୍ର ପଥର କେଉଁଠୁ ଆସୁଛି ଏବଂ ବ୍ଲାଷ୍ଟିଂ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି । ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି

କିଶୋରନଗର,୧୯ ।୧(ସମିସ): କିଶୋରନଗର ବ୍ଲକ ରାଜୀବ ସେବାକେନ୍ଦ୍ର ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳ ଅବଦଲ ମହମ୍ମଦ ଅଖତର ଓ ଏସ୍‌ପି ରାହୁଲ ଜୈନଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୪୬ ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା । ନାକଚି ପଞ୍ଚାୟତ ମଧୁପୁରର ସତୀଶ ପ୍ରଧାନ, ଛେଣ୍ଡିପଦା ମାଳିସାହିର ଦିବାକର ମାହାର, କୁଷୁଣୀର ବିସ୍ମିତା ମାଝୀ, କଦଳୀମୁଣ୍ଡାର ହରିବନ୍ଧୁ ବାରିକଙ୍କୁ ଚିକିତ୍ସା ସହାୟତା ବାବଦ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ଓ ଓସ୍ତାପାଲ୍ଲୀର ଉଷାବତୀ ସାହୁଙ୍କୁ ୭୫୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଶିବିରରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ,



ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ସିଡିଏମଓ ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ରାଜୁ ଡାଉଳିଆ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁଗୁନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବିଡିଓ ସୁବ୍ରତ କୁମାର ବେହେରା ଓ ତହସିଲଦାର ବିକ୍ରମ କେଶରୀ ନାୟକ ଶିବିର ପରିଚାଳନା କରିଥିଲେ । ସୁଜିତ ପ୍ରଧାନ, ଅରବିନ୍ଦ ମାଝୀ, ଆରଏମସି ଡିଇଓ ସରୋଜ କୁମାର ପ୍ରଧାନ, ସୌମ୍ୟାଶ୍ରୀ ବେହେରା ନାମ ପଞ୍ଜୀକରଣ କରିଥିଲେ ।

# ଫୁଲାମ୍ବା ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ

କିଶୋରନଗର,୧୯ ।୧(ସମିସ): ପିଏମଶ୍ରୀ ଫୁଲାମ୍ବା ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଇଓ ଅରୁଣ କୁମାର ସେଠୀ ମୁଖ୍ୟଅତିଥି, କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ମୁଖ୍ୟବକ୍ତା, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦୀବ ସୁନ୍ଦର ବରାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ଶିକ୍ଷାର୍ଥୀ ସମେତ ପିତାମାତା, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଓ ସରକାରଙ୍କ ଗୁରୁ ଦାୟିତ୍ୱ ରହିଛି । ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଓ ଉତ୍ତରଦାୟୀ ହେଲେ ଜଣେ ସୁନାଗରିକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଶିକ୍ଷକ ପ୍ରଦୀପ କୁମାର ମାଝୀ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ଘସିନାଥ ସେଠୀ, ନୀହାର ରଞ୍ଜନ ଦେଓ, ପ୍ରଭାତ କୁମାର ସାହୁ, ବସନ୍ତ କୁମାର ବିଶ୍ୱାଳ, ଅଞ୍ଜନା ସାହୁ, ଶିବରାମ ସାହୁ, ଧରଣୀଧର ସେଠୀ ଓ ଶୁଭସ୍ମିତା ସାହୁ ସହଯୋଗ କରିଥିଲେ ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଅନୁଗୋଳ,୧୯ ।୧(ସମିସ): ଜିଲ୍ଲାରେ ପୁଲିସ ଇନ୍ସପେକ୍ଟର ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି । ଆଠମଲ୍ଲିକ ଥାନା ଅଧିକାରୀ ଥିବା ପ୍ରକାଶ ମାଝୀଙ୍କୁ ଅନୁଗୋଳ ଟାଉନ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି । ଏଠାରେ ଥିବା ଇନ୍ସପେକ୍ଟର ଧୀରେଶ ଦାସଙ୍କୁ ଆଠମଲ୍ଲିକ ଥାନା ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । କିଆକଟା ଥାନା ଅଧିକାରୀ ଥିବା ଅନୁପ କୁମାର ତିର୍କୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ସେହିପରି ଗୋପାଳପ୍ରସାଦ ଥାନାରେ ଥିବା ବାଲୁଙ୍କେଶ୍ୱର ନାୟକଙ୍କୁ କିଆକଟା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଅନୁଗୋଳ ଟାଉନ୍ ଥାନାରେ ଥିବା ସବ୍‌ଇନ୍ସପେକ୍ଟର ଗୋପୀନାଥ ଭାରତୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ସୋମବାର ଏହି ବଦଳି ଆଦେଶ ବାହାରିଥିବା ବେଳେ ମଙ୍ଗଳବାର ସୁଦ୍ଧା ନୂତନ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମା' ଶାରଳାଙ୍କ ବାର୍ଷିକ ଯାତ୍ରା



କିଶୋରନଗର,୧୯ ।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଗାଁବଇଣ୍ଠା ପଞ୍ଚାୟତ କରଡ଼ାବଣି ସାହିରେ ମା' ଶାରଳାଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଛି । ପ୍ରତିବର୍ଷ ଏହି ଯାତ୍ରା ମାଘ ମାସରେ ହୋଇଥାଏ । ରବିବାର ସକାଳ ୯ଟାରେ ନଗରକୀର୍ତ୍ତନ ହୋଇ ୧୦ଟାରେ ପୂଜାରମ୍ଭ ହୋଇଥିଲା । ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏଥିରେ ମା' ମାହେଶ୍ୱରୀ ଓ ମା' ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ଦେହୁରୀ ଦିଗମ୍ବର ନାୟକ ପୂଜାପାଠ କରିଥିଲେ । ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା ।

# ବେଆଇନ କୋଇଲା ଚାଲାଣ; ଗାଡ଼ି ଜବତ, ୨ ଗିରଫ

କଣିହାଁ,୧୯ ।୧(ସମିସ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ତରଫରୁ ବେଆଇନ କୋଇଲା ଚାଲାଣ ମାମଲାରେ ଗାଡ଼ି ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଜରପଡ଼ା ଥାନା କୁଶକୁଳିଆ ଗ୍ରାମର ଡ୍ରାଇଭର ସତ୍ୟବ୍ରତ ସାହୁ (୨୯) ଓ ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନାଧାରା ଗ୍ରାମର ମାଲିକ ବିଘ୍ନେଶ୍ୱର ଭୂୟାଁ (୩୫) । ପାଟ୍ରୋଲିଂ ଟିମ ତାଳଚେର କୋଇଲା ଖଣି ଅଞ୍ଚଳରୁ ଜେଇପିଏଲ ବିଦ୍ୟୁତ ପ୍ରକଳ୍ପକୁ କୋଇଲା ପରିବହନ କରୁଥିବା ଗାଡ଼ିଗୁଡ଼ିକ ଯାଞ୍ଚ କରୁଥିବା ବେଳେ ଉକ୍ତ ଗାଡ଼ିର ଡ୍ରାଇଭର କୋଇଲା ପରିବହନ ସମ୍ପର୍କିତ ସଠିକ କାଗଜପତ୍ର ଦେଖାଇ ପାରି ନ ଥିଲେ । ଏ ନେଇ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ସୋମବାର ଗାଡ଼ି ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି ।

# ଉପଖଣ୍ଡସ୍ତରୀୟ ଠିକାଦାର ସଂଘର ବୈଠକ



ପାଲଲହଡ଼ା,୧୯ ।୧(ସମିସ): ମା' କୁଣ୍ଢେଇବୀର ଉପଖଣ୍ଡସ୍ତରୀୟ ଠିକାଦାର ସଙ୍ଘର କାର୍ଯ୍ୟକାରିଣୀ ବୈଠକ ରବିବାର ଦ୍ୱିତୀୟ ଚିଲିକାଠାରେ ଅନୁଷ୍ଠିତ ହୋଇଛି । ମଦନ ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ନିର୍ବାଚନ ଅଧିକାରୀ ରୂପେ ଜିଲ୍ଲା ଠିକାଦାର ସଙ୍ଘର ସଭାପତି ସୁନୀଲ କୁମାର ପ୍ରଧାନ ଓ ସମ୍ପାଦକ ସୁବୋଧ କୁମାର ମହାପାତ୍ର ଯୋଗଦେଇଥିଲେ । ସଭାପତି ଭାବେ ମନୋରଞ୍ଜନ ଶତପଥୀ, ସହ ସଭାପତି ନରେନ୍ଦ୍ର କୁମାର ଭୁକ୍ତା, ସମ୍ପାଦକ ଅଶୋକ କୁମାର ପାଣି, ସହ ସମ୍ପାଦକ ଶକ୍ତିକାନ୍ତ ସାହୁ, ରଞ୍ଜିତ ସାମଲ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି । ବୈଠକରେ ସର୍ବସମ୍ମତି କ୍ରମେ ସରକାରଙ୍କ ନୂତନ ନିୟମକୁ ବିରୋଧ କରାଯିବା ସହ ସମସ୍ତ ସରକାରୀ କାମ ନିର୍ଦ୍ଧାରିତ ସରକାରୀ ମୂଲ୍ୟରେ କରାଯିବ ଏବଂ କମ୍ ମୂଲ୍ୟରେ କାମ ହାସଲ କରୁଥିବା ଠିକାଦାରଙ୍କୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି । ଉପଖଣ୍ଡର ୫୦ରୁ ଅଧିକ ଠିକାଦାର ବୈଠକରେ ଯୋଗଦେଇଥିଲେ ।

**ବସ୍ତି ମଝିରେ ବ୍ରାଉନସୁଗର ନେଟୱର୍କର ପର୍ଦ୍ଦାଫାଶ**

# ୪ ମହଲା କୋଠାରୁ ୨୬ ଲକ୍ଷ ଟଙ୍କା, ୩୦ ଗ୍ରାମ ବ୍ରାଉନସୁଗର ଜବତ

ଅନୁଗୋଳ,୧୯ ।୧(ସମିସ): ଅନୁଗୋଳ ସହରରେ ନିଶା କାରବାର ବିରୋଧରେ ପୁଲିସକୁ ମିଳିଛି ବଡ଼ ସଫଳତା । ସ୍ପେସିଆଲ ସ୍କ୍ୱାଡ୍ ଓ ଅନୁଗୋଳ ଟାଉନ ଥାନା ପୁଲିସର ମିଳିତ ଚଢ଼ଉ କରି ହାତୀଶାଳପଡ଼ାର ଏକ ୪ ମହଲା କୋଠାରୁ ୨୬ ଲକ୍ଷରୁ ଅଧିକ ଟଙ୍କା ଓ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଗୁପ୍ତ ସୂଚନା ଆଧାରରେ ପୁଲିସ ଚଢ଼ଉ କରିଥିବା ବେଳେ ଏତେ ପରିମାଣର ନଗଦ ଟଙ୍କା ଦେଖି ଅଧିକାରୀମାନେ ମଧ୍ୟ ଟେରା ହୋଇଯାଇଥିଲେ । ଟଙ୍କା ଗଣତି ପାଇଁ ମେସିନ ଆଣିବାକୁ ପଡ଼ିଥିଲା । ପୁଲିସ ସୂଚନା ଅନୁସାରେ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଏହି ଘରେ ପ୍ୟାକିଂ କରାଯାଇ ଅନୁଗୋଳ ସହ ଆଖ ପାଖ ଅଞ୍ଚଳକୁ ପଠାଯାଉଥିଲା । ବସ୍ତି ଅଞ୍ଚଳ ହୋଇଥିବାରୁ କାହାରି ସନ୍ଦେହ ହେଉ ନ ଥିଲା । ଏହା ବେପାରୀଙ୍କୁ ବେଶ୍ ସୁହାଉଥିଲା । ଏହି ଘଟଣାରେ ପୁଲିସ ସାକସିଙ୍ଗା ଗ୍ରାମର ମାନସ ନାୟକ, ରାଜେଶ ସାହୁ ଓ କୁମଣ୍ଡର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖି ତଦନ୍ତ କରୁଛି । ଟଙ୍କା ଗଣତି ଓ ଯାଞ୍ଚ ସରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି ।



# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା

କିଶୋରନଗର,୧୯ ।୧(ସମିସ):

କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ ସ୍ଥାପନ, ଖାଲିପଡ଼ିଥିବା ନର୍ସ, କର୍ମଚାରୀ ପଦ ପୂରଣ, ଆନୁଷଙ୍ଗିକ ଉପକରଣ, ଔଷଧ ଯୋଗାଣ, ସମସ୍ତ ପରୀକ୍ଷା ମାଗଣାରେ ଯୋଗାଇ ଦେବା, କ୍ୱାର୍ଟର୍ସ ନିର୍ମାଣ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ, ଜଳଭଣ୍ଡାର ନିର୍ମାଣ କରି ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ଦାବିରେ ସୋମବାର ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ



ଜନଶୁଣାଣି ଶିବିର ସମୟରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୀତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ଲକ୍ଷ୍ମଣ ବେହେରା, ଗୌର ସାହୁ, ପ୍ରଫୁଲ୍ଲ ପ୍ରଧାନ, ବାବାଜୀ ଚରଣ ବେହେରା, ଚିତ୍ତରଞ୍ଜନ ମେହୁଲି ପ୍ରମୁଖ ବକ୍ତବ୍ୟ ରଖି କିଶୋରନଗରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ନିନ୍ଦା କରିଥଲେ । ଧାରଣାସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଜନଶୁଣାଣି ଶିବିରରେ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏକ୍ସ-ରେ ମେସିନ ସ୍ଥାପନ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତାଳଚେର,୧୯ ।୧(ସମିସ): ତାଳଚେର କୋଲିୟରୀ ଥାନା ଘଣ୍ଟପଡ଼ାସ୍ଥିତ ବାଘମରା ଅଞ୍ଚଳର ସଞ୍ଜୀବ ସାହୁ (୪୬)ଙ୍କ ଝୁଲନ୍ତା ମୃତଦେହ ସୋମବାର ବାଘମରା ଜଙ୍ଗଲରୁ ଉଦ୍ଧାର କରାଯାଇଛି । ସକାଳ ୭ରେ ଏକ ଆମ୍ବଗଛରେ ସେ ନିଜ ଗାମୁଛା ଦ୍ୱାରା ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ସଞ୍ଜୀବ ଦୀର୍ଘବର୍ଷ ହେବ ଜଗନ୍ନାଥ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ । ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ ।

# ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧାହେଲେ ୨ ରୋଡ୍ ରୋମିଓ

ଛେଣ୍ଡିପଦା,୧୯ ।୧(ସମିସ): ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧା ହୋଇଛନ୍ତି ଦୁଇ ରୋଡ୍ ରୋମିଓ । ସେମାନେ ହେଲେ ଅନ୍ଧାରୀକଟା ଗାଁର ମନୋଜ ବାରିକ ଓ କଣିହାଁ ଥାନା କାକୁଡ଼ିଆ ଗାଁର ନିର୍ମଳ ବାରିକ । ଛାତ୍ରୀ ଜଣକ କଲେଜରୁ ଛେଣ୍ଡିପଦା ମେଡିକାଲ ପଛ ରାସ୍ତାଦେଇ ଘରକୁ ଫେରୁଥିବା ବେଳେ ମନୋଜ ଓ ନିର୍ମଳ ବାଇକ୍‌ସେ ଆସି ତାଙ୍କୁ କମେଣ୍ଟ ମାରିଥିଲେ । ଏପରିକି ଛାତ୍ରୀଙ୍କ ମୁହଁକୁ ସିଗାରେଟ ଧୂଆଁ ଛାଡ଼ିଥିଲେ । ଏ ନେଇ ଛାତ୍ରୀଜଣକ ଘରେ ଜଣାଇବା ପରେ ପରିବାର ଲୋକେ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍ ଜବତ କରିଛି । ପୋକ୍ସୋ ଆଇନରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଟ୍ରେଲର ଧକ୍କାରେ ଜଣେ ମୃତ

ବଇଣ୍ଠା,୧୯ ।୧(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କମରେଇ ନିକଟରେ ଟ୍ରେଲର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରାଜସ୍ଥାନର ମହାବୀର କୁମାର । ରବିବାର ସନ୍ଧ୍ୟାରେ କମରେଇ ନିକଟରେ ମହାବୀର ରାସ୍ତାକାମ କରୁଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରେଲର ତାଙ୍କୁ ପଛରୁ ଧକ୍କା ଦେଇଥିଲା । ଫଳରେ ମହାବୀର ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସୋମବାର ତାଙ୍କ ମୃତ୍ୟୁ ହୋଇଛି । ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

# ପୃଥକ ମାମଲାରେ ୨ ଅଭିଯୁକ୍ତ ଗିରଫ

କଣିହାଁ,୧୯ ।୧(ସମିସ): କଣିହାଁ ଥାନାରେ ପୃଥକ ମାମଲାରେ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ସେମାନେ ହେଲେ ସମଲ ଥାନା ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ପ୍ରଶାନ୍ତ ମୁଖୀ (୨୩) ଓ କଣିହାଁ ବ୍ଲକ ହନୁମାନପୁର ଗ୍ରାମର ପ୍ରଦୀପ (ବ୍ରହ୍ମାନନ୍ଦ) ନାଏକ (୨୬) । ପୁଲିସ ସୂତା ଅନୁଯାୟୀ, ଜରଡ଼ା ପଞ୍ଚାୟତ ଗୁଣ୍ଡୁରୀନାଳି ଗ୍ରାମ ଭ୍ରମରାଡଇଳା ସାହିର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଏହି ମାମଲାରେ ପ୍ରଶାନ୍ତ ମୁଖୀଙ୍କୁ ଗିରଫ କରିଛି । ସେହିପରି ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ନେଇ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାରେ ପୁଲିସ ପ୍ରଦୀପ ନାଏକଙ୍କୁ ଗିରଫ କରିଛି । ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୮୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ରାଜକନିକା,୧୯ ।୧(ସମିସ)



ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ଦୀପ୍ତିମୟୀ ପ୍ରଧାନ, ରାଜକନିକା ବିଡିଓ କୈଳାସ ମହାଲିକ, କନିକା ତହସିଲଦାର ଭାନୁମତୀ ମାଝୀ ପ୍ରମୁଖ ଯୋଗଦେଇ ୧୮୪ଟି ଅଭିଯୋଗର ଶୁଣାଣି କରିଥିଲେ । ବରୁଣାଡିହା ଗାଁର ହାମଲେଟ ବନିଡ଼ିହପାଟଣାରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି ସେଣ୍ଟର ପର୍ଯ୍ୟନ୍ତ ରାସ୍ତା ନ ଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ । ଜିଲ୍ଲାପାଳ ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କାଟଣା, ସିଙ୍ଗିଡି ପାକ୍ସରେ ଅଚଳାବସ୍ଥା ଲାଗି ରହିଥିବା ନେଇ ସଭ୍ୟମାନେ ଅଭିଯୋଗ କରିଥିଲେ । ସିଙ୍ଗିଡି ପାକ୍ସକୁ କାଟଣା-ବଣିଆଁ ପାକ୍ସ ସହ ମିଶାଯାଇ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳ କହିଥିଲେ । ବାଲି ଚୋରାଚାଲାଣ ରୋକିବାକୁ ଏନଫୋର୍ସ ଟିମ୍ ଗଠନ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି । ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୯୪ଟି ସମାଧାନ ହୋଇଥିବା ଓ ୫୩ଟି ବିଚାରଧୀନ ଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ ।

## ଭିତରକନିକାରେ ଡଲଫିନ ଗଣନା ପାଇଁ ପ୍ରଶିକ୍ଷଣ



ରାଜନଗର,୧୯।୧(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଓ ଗହିରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଡଲଫିନ ଗଣନା । ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଧାମରା ମୁହାଁଣଠାରୁ ଦେବୀ ମୁହାଁଣ ଯାଏଁ ସମୁଦ୍ର ଓ ଭିତରକନିକାରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲଫିନ ଗଣନା କରିବେ । ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍ ଗଣନା କରିବେ । ଆଜି ଗୁପ୍ତିଠାରେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଡକ୍ଟର ଶିବପ୍ରସାଦ ପରିଡା, ଏସିଏଫ ମାନସ ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ମହାକାଳପଡା ରେଞ୍ଜ ଅଫିସର ଶାନ୍ତନୁ ଦଳାଇ ପ୍ରଶିକ୍ଷଣ ଦେଇଛନ୍ତି । ସକାଳ ୬ଟାରୁ ୧୨ଟା ଯାଏଁ ଡଲଫିନ ଗଣନା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବନପାଳ ବିଭୂତି ତରାଇ, ବିଜୟ ପାତ୍ରଙ୍କ ସମେତ ବନ କର୍ମଚାରୀ ତାଲିମ ନେଇଥିଲେ ।

● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ମୁକ୍ତେଶ୍ୱରକୁ ହରାଇ ୟୁନାଇଟେଡ ଚାମ୍ପିଅନ୍

ରାଜନଗର, ୧୯।୧(ସମିସ): ବଡ଼ପଲ୍ଲୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଉଦ୍‌ଯାପିତ ହୋଇଛି । ଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ରନରେ ହରାଇ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ଚାମ୍ପିଅନ ହୋଇଛି । ପ୍ରଥମେ ୟୁନାଇଟେଡ ଇଲେଭେନ ବ୍ୟାଟିଂ କରି ୨୨ ଓଭରରେ ୭ ୱିକେଟ ହରାଇ ୨୩୮ ରନ କରିଥିଲା । ଜବାବରେ ମୁକ୍ତେଶ୍ୱର ସମାନ ସଂଖ୍ୟକ ୱିକେଟ ହରାଇ ୨୩୧ ରନ୍ କରି ପରାସ୍ତ ହୋଇଥିଲା । ସୁରତାଜ ମଞ୍ଜୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ଇଲୁ ଗୋଛାୟତଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୁବନେତା ରଜନୀକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଚିନ୍ମୟ ଦାସ, ସରୋଜ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତପନ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜୀବ ମିଶ୍ର ଡେରାବିଶ ବ୍ଲକ୍ କଂଗେସ ସଭାପତି

ଡେରାବିଶ,୧୯।୧(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟିକୁ ସୁଦୃଢ଼ କରିବା ପାଇଁ ଡେରାବିଶ ବ୍ଲକ୍ କଂଗ୍ରେସ କମିଟି ସଭାପତି ଭାବେ ରାଜୀବଲୋଚନ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ରାଜୀବଙ୍କୁ ସଭାପତି ଦାୟିତ୍ୱ ଦେଇଛନ୍ତି । ଦକ୍ଷ ଯୁବ ସଂଗଠକ ଭାବେ ଡେରାବିଶ ବ୍ଲକ ଅଞ୍ଚଳରେ



ରାଜୀବ ପରିଚିତ ଥିବାବେଳେ ତାଙ୍କୁ ଏଭଳି ଗୁରୁଦାୟିତ୍ୱ ଦିଆଯାଇଥିବାରୁ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି । ଏଥିପାଇଁ ରାଜୀବ ପିସିସି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ଡା. ଦେବସ୍ମିତା ଶର୍ମା, ପାଟକୁରା ନିର୍ବାଚ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଓ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଶୋକସଭା

ଡେରାବିଶ,୧୯।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଗତ ଗୁରୁବାର ଦିନ ବିୟୋଗ ଘଟିଥିଲା । ଶ୍ରୀ ରାଉତଙ୍କ ବିୟୋଗ ସମଗ୍ର ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବାବେଳେ ଶୁକ୍ରବାର ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନା ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ଏ ଅବସରରେ ଅଧ୍ୟକ୍ଷ ଶ୍ରୀ ନାୟକଙ୍କ ସମେତ ଅଧ୍ୟାପକ ଅଧ୍ୟାପିକ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି ସହ ଡେରାବିଶ ବ୍ଲକ ଅଞ୍ଚଳର ବିକାଶ ନିମନ୍ତେ ସ୍ୱର୍ଗତ ରାଉତଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

## ଗୀତା ଜ୍ଞାନ ପ୍ରତିଯୋଗିତାରେ ସତ୍ୟମ୍ ପ୍ରଥମ

ମହାକାଳପଡ଼ା,୧୯।୧(ସମିସ): ବୟସ ମାତ୍ର ଦଶ ବର୍ଷ । ଏହି ବୟସରୁ ସେ ଖେଳକୁଦ ସହିତ ଭଗବତ ଗୀତା ଅଧ୍ୟୟନ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଆଣୁଛନ୍ତି । ସେ ହେଉଛନ୍ତି ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତ ଅନ୍ତର୍ଗତ ବରକନ୍ଧା ଗ୍ରାମର ସନ୍ତୋଷ ରାଉତ ଓ ମାହେଶ୍ୱରୀ ରାଉତଙ୍କ ପୁଅ ସତ୍ୟମ ରାଉତ । ସେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରକନ୍ଧା-ଛେଡାକଣୀରେ ଚତୁର୍ଥ ଶ୍ରେଣୀର ଛାତ୍ର । ପିଲାଟି ଦିନରୁ ବାପାମାଆଙ୍କ ନିର୍ଦ୍ଦେଶନାରେ ଭଗବତ୍ ଗୀତା ଅଧ୍ୟୟନ କରିଆସୁଛନ୍ତି । ଏହି ଗୀତା ଅଧ୍ୟୟନ କରି ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଆଣୁଛନ୍ତି । ଗୀତା ଆବୃତ୍ତି ପ୍ରତିଯୋଗିତାରେ ସତ୍ୟମ୍ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରକୁ ଯାଇଛନ୍ତି । ଗୁରୁବାର ଗାନ୍ଧିଜୀ ନୋଡାଲ ବିଦ୍ୟାପୀଠ, ଗୋଜବନ୍ଧଠାରେ ଆୟୋଜିତ ଗୀତା ଜ୍ଞାନ ପ୍ରତିଯୋଗିତାରେ ଗୀତା ଆବୃତ୍ତି କରି ସତ୍ୟମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସତ୍ୟମଙ୍କୁ ପାରଦର୍ଶିତା ପ୍ରମାଣ ପତ୍ର ସହିତ ୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ପିଲାଙ୍କ ମଧ୍ୟରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ପାଇଁ ଆୟୋଜିତ ହୋଇଥିବା ଏହି ଗୀତା ଜ୍ଞାନ ପ୍ରତିଯୋଗିତାକୁ ପୂର୍ବତନ ଶିକ୍ଷକ ଅଙ୍ଗଦ ରାଉତ ଆୟୋଜନ କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ ବିଦ୍ୟୁତ ଖୁଣ୍ଟିଆ, ଅତିଥି ଭାବେ ବିବସ୍ୱ ଲେଙ୍କା, ପ୍ରଧାନଶିକ୍ଷକ ବସନ୍ତ ଜେନା, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବରକନ୍ଧା ପ୍ରିମିୟର ଲିଗ୍

ମହାକାଳପଡ଼ା,୧୯।୧(ସମିସ): ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ଚାଲିଥିବା ପଞ୍ଚମ ବରକନ୍ଧା ପ୍ରିମିୟର ଲିଗ୍‌ର ଦଶମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଜେପି ନେତା ସଞ୍ଜୟ ରଥ, ମୁଖ୍ୟବକ୍ତା ବଡୀଘର ପଞ୍ଚାୟତର ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ଜଣେ ଶିକ୍ଷକରେ ଚାଲିଛି ଅଲେଖପୁର ବିଦ୍ୟାଳୟ | ୨୭ରେ ବିଇଓ ଅଫିସ ଘେରଉ

ପଟ୍ଟାମୁଣ୍ଡାଇ,୧୯।୧(ସମିସ): ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଅଲେଖପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ଏହି ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଶିକ୍ଷକ ଜଣକ ମଧ୍ୟାହ୍ନଭୋଜନ, ଅଫିସ କାମ କରୁଥିବାର ଶିକ୍ଷାଦାନ ବ୍ୟାହତ ହେଉଛି । ଫଳରେ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି । ଶିକ୍ଷକ ନିଯୁକ୍ତି ଦାବିରେ ଗତ ନଭେମ୍ବର ୧୧ ତାରିଖରେ ଛାତ୍ରଛାତ୍ରୀ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ । ଅବିଳମ୍ବେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ୍ୟ ବ୍ଲକ ଶିକ୍ଷା ବିଭାଗ ପ୍ରତିଶ୍ରୁତି ପାଳନ କରିନାହାନ୍ତି । ଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜାନୁଆରୀ ୨୬ ତାରିଖ ମଧ୍ୟରେ ଶିକ୍ଷକ ନିଯୁକ୍ତ କରା ନ ଗଲେ ୨୭ ତାରିଖରେ ବିଇଓ ଅଫିସ ଘେରଉ କରାଯିବ ବୋଲି ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡା, ଜୟନ୍ତ ନାୟକ, ବିଜୟ ନାୟକ, ଗୋପୀନାଥ ରାଉଳ, ଅରବିନ୍ଦ ରାଉଳ, ବାବନ ସୂତାର, ବିବେକାନନ୍ଦ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## କମଳାକାନ୍ତ ଦାଶଙ୍କୁ ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ



କେନ୍ଦ୍ରାପଡ଼ା,୧୯।୧(ସମିସ): ବିକଶିତ ଓଡ଼ିଶା ଭିଜନକୁ କେନ୍ଦ୍ର କରି ଉଦୟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ବ୍ରହ୍ମପୁର ଗ୍ରାମର ପ୍ରଫେସର କମଳାକାନ୍ତ ଦାଶଙ୍କୁ ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ସମାରୋହରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ, ପଶୁ ସମ୍ପଦ ଉନ୍ନୟନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଶିକ୍ଷା, ସାହିତ୍ୟ, ମାଧ୍ୟମ, ସାର୍ବଜନିକ ନୀତି ଓ ଆନ୍ତର୍ଜାତିକ ସହଯୋଗ କ୍ଷେତ୍ରରେ ନିରନ୍ତର ଓ ନିଷ୍ଠାପୂର୍ଣ୍ଣ ଅବଦାନ ପାଇଁ ପ୍ରଫେସର ଦାଶଙ୍କୁ ଏହି ସମ୍ମାନ ଦିଆଯାଇଛି । ୨,୫୦୦ରୁ ଅଧିକ ସାକ୍ଷାତକାର ଓ ପ୍ୟାନେଲ ଆଲୋଚନା ମାଧ୍ୟମରେ ସେ ସାମ୍ପ୍ରତିକ ଘଟଣାବଳୀ, ଭାରତର ବିଦେଶ ନୀତି ଓ ବିଶ୍ୱ ଭୌଗୋଳିକ ପରିବର୍ତ୍ତନକୁ ସରଳ ଓଡ଼ିଆ ଭାଷାରେ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇଛନ୍ତି । କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲର ସହକାରୀ ପ୍ରତିଷ୍ଠାତା ଭାବେ ପ୍ରଫେସର ଦାଶ ଓଡ଼ିଶାର ସାହିତ୍ୟ, କଳା ଓ ସଂସ୍କୃତିକୁ ଜାତୀୟ ଓ ଆନ୍ତର୍ଜାତିକ ମଞ୍ଚରେ ପରିଚିତ କରାଇଛନ୍ତି ।

## ଏମ୍ଏନ୍ ହାଇସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୧୯।୧(ସମିସ): ପିଏମ୍‌ଶ୍ରୀ ଏମ୍‌ଏନ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅଶୋକ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟବକ୍ତା ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଶିକ୍ଷାବିତ ସଚ୍ଚିନନ୍ଦନ ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ



ଯୋଗଦେଇ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଗ୍ରହଣ କରି ଜୀବନରେ ସଫଳ ହେବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ଶଶାଙ୍କ ସାହୁ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉତ୍ସବକୁ ସୁଜୟ ରାଉତରାୟ, ତାପସ ବେହେରା, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ଅମୃତମଣୋହି ବାଳିକା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୧୯।୧(ସମିସ): ଅମୃତମଣୋହି ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବନ୍ଦେ ମାତରମ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୀର ସେଠୀ, ସିଦ୍ଧ କଖାରୁଖିଆ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ମଲିକ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଶୋକ ଦାସ, ଦୟାନିଧି ନାୟକ, ସତ୍ୟାନନ୍ଦ ବିଶ୍ୱାଳ, କାମିନୀ ପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀ ଅଞ୍ଜନା ଧଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରୀତି ମଲିକ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ । ଦେବୀ ସାହୁ ଅତିଥି ପରିଚୟ ଓ ସସ୍ମିତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜୟହିନ୍ଦ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାସ୍କର ବେହେରା ଏହି କ୍ରୀଡ଼ାକୁ ଉଦଘାଟନ କରିଥିଲେ । ପଣ୍ଡିତ ଦେବୀ ଶତପଥୀ, ମନୋଜ ମଲିକ ଓ ରୂପାଲୀ ମଲ୍ଲିକ ପରିଚାଳନା କରିଥିଲେ ।

## ଗ୍ରାମଦେବତୀଙ୍କ ସ୍ୱନକ୍ଷତ୍ର ଉତ୍ସବ

ଡେରାବିଶ,୧୯।୧(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଗ୍ରାମଦେବତୀ ମା' କ୍ଷେତ୍ରପାଳଙ୍କ ସ୍ୱନକ୍ଷତ୍ର ଉତ୍ସବ ପବିତ୍ର ମକର ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମା'ଙ୍କ ମହାସ୍ନାନ ପର୍ବ ପରେ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ଗ୍ରାମବାସୀ ଦିନତମାମ ଭଜନ କୀର୍ତ୍ତନ କରିବା ପରେ ସନ୍ଧ୍ୟାରେ ବିଶେଷ ଆଳତିରେ ଗ୍ରାମବାସୀ ଯୋଗଦେଇଥିଲେ ।

## ବଡ଼କୂଳ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ମହାକାଳପଡ଼ା,୧୯।୧(ସମିସ): ବଡ଼କୂଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ରଞ୍ଜନ ରାଉତ, ନିର୍ଦ୍ଦେଶକ ଟହଲି ସୂତାର, ଅଭୟ ରାଉତ, ହରପ୍ରିୟା ଲେଙ୍କା, ପ୍ରଶାନ୍ତ ସ୍ୱାଇଁ, ଦୀପ୍ତିମୟୀ ବିଶ୍ୱାଳ, ଭାରତୀ ରାଉତ, ରୁବିନା ରାଉତ, ଚାଷୀ ଅନାମ ରାଉତ, ରତ୍ନାକର ରାଉତ, ହିରାମଣୀ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ କର୍ମଚାରୀ ପ୍ରଶାନ୍ତ ରାଉତ ଓ ନୀଳମଣି ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ଦାନପୁର ସମବାୟ ସମିତିର ସାଧାରଣ ସଭା ଓ ମଣ୍ଡି ଉଦ୍‌ଘାଟନ

ଡେରାବିଶ,୧୯।୧(ସମିସ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ଦାନପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ପରିଚାଳନା କମିଟିର ସଭାପତି ପର୍ଶୁରାମ ମଲ୍ଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମବାୟ ସମିତି ନିବନ୍ଧକ ପ୍ରଭାକର ନାୟକ, ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ବିଡିଓ ନମିତା ବାରିକ, ଯୋଗାଣ ଅଧିକାରୀ ସ୍ୱରୂପ ଦାସ, କଟକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ପ୍ରଦୀପ୍ତ ରଞ୍ଜନ ସାହୁ ଏବଂ ସମବାୟବିତ୍ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ଚଳିତ ବର୍ଷର ବଜେଟ୍, ବାର୍ଷିକ ଜମା ଓ ଖର୍ଚ୍ଚ ମଧ୍ୟ ଅନୁମୋଦନ କରାଯାଇଥିଲା ପରେ ଧାନମଣ୍ଡିକୁ ଡିଆରସିଏସ୍ ଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ସମିତି ୭୯୩୫ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ସମିତିକୁ ଟାର୍ଗେଟ୍ ଦିଆଯାଇଛି । ଧାନକ୍ରୟ କମିଟି ଓ ନୋଡାଲ ଅଫିସର ଧାନ କ୍ରୟ ସମୟରେ ଉପସ୍ଥିତ ରହିବେ ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ଶୋକସଭା

ପଞ୍ଚୁପାଣ୍ଡବ,୧୯।୧(ସମିସ): କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପାଇଁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ମାନସୀ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ରବି ସାମଲ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ଅଧ୍ୟାପକ ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର




ମହାଭୋଇ, କଂଗ୍ରେସ ନେତା ବିଦ୍ୟୁଭୂଷଣ ମହାପାତ୍ର, ସାହାଜାନ ଖାଁନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ସାମଲ, ଅଭିମନ୍ୟୁ ରାଉତ, ହୃଷିକେଶ ଦାଶ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇ କୋର୍ଟ ଜଜ୍ ଓ ଓକିଲ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



ପଟ୍ଟାମୁଣ୍ଡାଇ,୧୯।୧(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ଜଜ ଟିମ ଓ ଓକିଲ ଟିମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏମ୍‌ଏନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ୍‌କୁ ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ ଅପୂର୍ବ ଚୌଧୁରୀ ଓ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଉଦ୍‌ଘାଟନ କରିଥିଲେ । ଓକିଲ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ବିନିମୟରେ ୧୧୩ ରନ କରିଥିଲା । ଜବାବରେ ଜଜ ଟିମ ୭ ୱିକେଟ ହରାଇ ୧୦୧ ରନ୍ କରି ପରାସ୍ତ ହୋଇଥିଲା । ଓକିଲ ଟିମ୍‌ର ପ୍ରକାଶ ତାତ୍ତୁ ସର୍ବାଧିକ ୩୯ ରନ, ମନୋଜ ନାୟକ ୩୬ ରନ, ଅଶ୍ୱିନୀ ଚୌଧୁରୀ ୨୦ ରନ କରିଥିଲେ । ଜଜ ଟିମ ପକ୍ଷରୁ ଅଧିନାୟକ ସନ୍ତୋଷ ବେହେରା ୪୪ ରନ କରିଥିଲେ । ଓକିଲ ଟିମ୍‌ର ମନୋଜ ନାୟକ ୩ ୱିକେଟ୍ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରା ଯାଇଥିଲା । ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଉପସ୍ଥିତ ଥିଲେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଡେରାବିଶ, ୧୯।୧(ସମିସ): ନରସିଂପୁରର ପୂର୍ବତନ ସରପଞ୍ଚ ଅଲେଖ ଚନ୍ଦ୍ର ବେହେରା (୮୫)ଙ୍କର ପରଲୋକ ହୋଇଛି । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ବିଜୁବାବୁଙ୍କ ଅନୁଗତ ଥିବା ସ୍ୱର୍ଗତ ବେହେରା ଅବିଭକ୍ତ ଏଣ୍ଡର ପଂଚାୟତ ଓ ପରେ ନରସିଂହପୁର ପଞ୍ଚାୟତରେ ତିନିଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ପରଲୋକରେ ବରିଷ୍ଠ ବିଜେଡି ନେତା ରବି ସାମଲ, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ରାଜେଶ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## କାଉପଡ଼ା ସମିତି ଧାନମଣ୍ଡି ଉଦ୍‌ଘାଟିତ

ଡେରାବିଶ,୧୯।୧(ସମିସ): କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ସମବାୟ ସମିତି ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ ଦାସ, ତହସିଲଦାର ସରୋଜ ନାୟକ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମ୍ପାଦିକା ସୁମନ ସଙ୍ଗୀତା ଦାସ ୬୫୮ ଜଣ ଚାଷୀ ନାମକୁ ପଞ୍ଜିକୃତ କରିଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡି ନୋଡାଲ ଅଫିସର ସାଇଦର୍ଶିନୀ ଲେଙ୍କା, ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶିକା ରଶ୍ମୀବାଳା ଜେନା, ନିର୍ଦ୍ଦେଶକ ବିପିନ ବିହାରୀ, ସୁରେନ୍ଦ୍ର ବେହେରା, କାଶିନାଥ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ବଳଦେବଜୀଉ ମନ୍ଦିରକୁ ବୋମା ଆକ୍ରମଣ ଧମକ

# କାର୍ଯ୍ୟାନୁଷ୍ଠାନ ପାଇଁ ବଳଦେବ ସେନାର ଏସ୍‌ପିଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୯।୧(ସମିସ)




ଶ୍ରୀବଳଦେବଜୀଉ ଓ ଶ୍ରୀଲଛମନଜୀଉଙ୍କ ମନ୍ଦିର ଉପରେ ବୋମା ଆକ୍ରମଣ କରିବାକୁ ଧମକ ଦିଆଯାଇଥିବା ସମ୍ବନ୍ଧୀୟ ଖବର ଦୈନିକ 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲାରେ ଗଭୀର ଚିନ୍ତା ପରିବେଶ ସୃଷ୍ଟି ହୋଇଛି । ଏହି ଗମ୍ଭୀର ଘଟଣାକୁ ନେଇ ବଳଦେବ ସେନା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ବଳଦେବ ସେନା ପକ୍ଷରୁ ଦାଖଲ ହୋଇଥିବା ଦାବିପତ୍ରରେ ଉକ୍ତ ଧମକ ଦେଇଥିବା ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ କରି ତାଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ସହ ମନ୍ଦିର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ଦାବି କରାଯାଇଛି । ଦାବିପତ୍ର ଗ୍ରହଣ କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ଘଟଣା ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚର ସାଇବର ୟୁନିଟକୁ ସୂଚିତ କରାଯାଇଥିବା ସହ ଧମକ ସହ ଜଡିତ ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ କରି ଆଇନ ଅନୁସାରେ କଠୋର ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ସେହିପରି ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ମନ୍ଦିର ଫାଣ୍ଡିରେ ଅଧିକ ସଂଖ୍ୟକ ଆରକ୍ଷୀ ବାହିନୀ ନିଯୁକ୍ତି କରାଯିବ ବୋଲି ମଧ୍ୟ କୁହାଯାଇଛି ।

ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ବଳଦେବଜୀଉ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବାରୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ନିଶ୍ଚିତ କରିବା ପ୍ରଶାସନ ପାଇଁ ଏ ସମୟରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏଭଳି ଧମକମୂଳକ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରୁଥିବାରୁ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତଙ୍କ ପକ୍ଷରୁ ଦାବି ଜୋର ଧରିଛି । କେବଳ ମନ୍ଦିର ନୁହେଁ କେତେଜଣ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି, ମହିଳାଙ୍କୁ ଟାର୍ଗେଟ କରି ଫେସବୁକର ଫେକ ଆଇଡି ଅନୀତା ପାଣି ଅପପ୍ରଚାର କରୁଥିବା ନେଇ ଏସପିଙ୍କୁ ଅଭିଯୋଗ ହୋଇଛି । ବଳଦେବ ସେନା ସଭାପତି ପପୁନ ସ୍ୱାଇଁ, ସମ୍ପାଦକ ଅମର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା ଓ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ



ଆତ୍ମସନ୍ତୋଷ ହେଉଛି ନୈସର୍ଗିକ ସମ୍ପଦ ଓ ବିଳାସ କେବଳ କୃତ୍ରିମ ଦରିଦ୍ରତା।
-ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍

ସକାଳ
THE SAKALA

## ବଦଳୁଛି କୂଟନୈତିକ ସଂପର୍କ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଦୋହରା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଇରାନରେ ନେତୃତ୍ୱ ପରିବର୍ତ୍ତନ ମାଧ୍ୟମରେ ନିଜର ହୁକୁମାତି ଜାହିର କରିବା ଏବଂ ଗ୍ରୀନଲାଣ୍ଡ ଅକ୍ତିଆର ପ୍ରସଙ୍ଗ, ଏ ଦୁଇଟିଯାକ କ୍ଷେତ୍ରରେ ସେ ତଥାକଥିତ ସହଯୋଗୀ ରାଷ୍ଟ୍ରଙ୍କ ସମର୍ଥନ ପାଉ ନ ଥିବାରୁ କେବଳ ବିବ୍ରତ ନୁହନ୍ତି, କୂଟନୈତିକ ଶୃଙ୍ଖଳା ଅତିକ୍ରମ କରି ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଏଥିମଧ୍ୟରେ ଫ୍ରାନ୍ସ ଓ ବ୍ରିଟେନ ସମେତ ୟୁରୋପୀୟ ନାଟୋ ସଦସ୍ୟଙ୍କ ଉପରେ ୧୦ ପ୍ରତିଶତ ଟାରିଫ ଲଗାଇଛନ୍ତି। ତାହା ଫେବୃଆରୀ ପହିଲାରୁ କାର୍ଯ୍ୟକାରୀ ହେବ। ଏପ୍ରକାର ଆର୍ଥିକ ଚାପ ସତ୍ତ୍ୱେ ଗ୍ରୀନଲାଣ୍ଡ ପ୍ରସଙ୍ଗରେ ସେମାନେ ଆମେରିକାକୁ ସମର୍ଥନ ଦେଇପାରିବେ ନାହିଁ ବୋଲି ନୋଟୋ ସଦସ୍ୟରାଷ୍ଟ୍ରମାନେ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ନାଟୋ ସଦସ୍ୟଙ୍କ ସାର୍ବଭୌମତା ପ୍ରସଙ୍ଗରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି କାନାଡ଼ା ମଧ୍ୟ ସ୍ପଷ୍ଟ କରିଛି। ବ୍ରିଟେନ, ନ୍ୟୁଜିଲାଣ୍ଡ ସମେତ ୟୁରୋପୀୟ ରାଷ୍ଟ୍ର ସଂଘ (ଇୟୁ) ଭାରତ ସହ ମୁକ୍ତ ବାଣିଜ୍ୟ ରାଜିନାମାରେ ଉପନୀତ ହୋଇଥିବାରୁ ଟ୍ରମ୍ପ ଭୟଙ୍କର ଭାବେ କ୍ଷୁବ୍ଧ।

ବିକ୍ଷୋଭକାରୀଙ୍କ ବିରୋଧରେ ଇରାନ୍ ସରକାରଙ୍କ କଠୋର ପଦକ୍ଷେପକୁ ନିୟନ୍ତ୍ରଣ ଦେବା ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଥିବା ଟ୍ରମ୍ପ କିନ୍ତୁ ପାରିପାର୍ଶ୍ୱିକ ସହଯୋଗ ଅଭାବରୁ ଆଗେଇ ପାରୁନାହାନ୍ତି। ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ହଠାତ୍ ଯୁଦ୍ଧ ଘନଘଟା ଚାହୁଁନଥିବା ବେଳେ ଇସ୍ରାଏଲ ସମୟ ନେବାକୁ ପରାମର୍ଶ ଦେଇଛି। ଏଥିମଧ୍ୟରେ ଇରାନରେ ହିଂସାକାଣ୍ଡ ଥମିବା ଆରମ୍ଭ କରିଛି। ଏହି ହିଂସାକାଣ୍ଡ ପଛରେ ଆମେରିକାର ସିଆଇଏ ଓ ଇସ୍ରାଏଲ ଗୁଇନ୍ଦା ସଂସ୍ଥା ମୋସାଡୋର ପ୍ରଚ୍ଛନ୍ନ ଭୂମିକା ରହିଛି। ହଠାତ୍ ସେଠିକାର ପରିସ୍ଥିତି ଭିନ୍ନ ମୋଡ଼ ନେଇଥିବାରୁ ଆମେରିକା ସମୟ ନେବାକୁ ବାଧ୍ୟ ହୋଇଛି। ତେଣୁ ଗ୍ରୀନଲାଣ୍ଡ ଓ ଇରାନ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟ କ୍ରମେ ଗତି ହରାଉଛି। ପରିବର୍ତ୍ତିତ ବିଶ୍ୱରେ ବାଣିଜ୍ୟ କାରବାର ଆଧାରରେ କୂଟନୈତିକ ସଂପର୍କ ଗଢ଼ି ଉଠୁଥିବାରୁ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀରେ ୟୁରୋପୀୟ ରାଷ୍ଟ୍ର ସମୂହ କ୍ଷୁବ୍ଧ ହେବା ସ୍ୱାଭାବିକ। ଆମେରିକାର ବଜାର ବ୍ୟବସ୍ଥା ଦୃଷ୍ଟିରୁ ଅନ୍ୟଦେଶର ସାମଗ୍ରୀ ଉପରେ ସେମାନଙ୍କ ନିର୍ଭରଶୀଳତା ଅଧିକ। ତେଣୁ ଟ୍ରମ୍ପଙ୍କ ବହିଃଶୁଳ୍କ ଧମକ ନିକଟରେ ସମସ୍ତେ ଯେ ନତମସ୍ତକ ହେବେ ଏକଥା ନୁହେଁ। ବିକଳ୍ପ ବାଣିଜ୍ୟିକ ସଂପର୍କକୁ ପ୍ରାଧାନ୍ୟ ଦେଇ ଯେଉଁ କୂଟନୈତିକ ସଂପର୍କ ମୁଣ୍ଡଟେକିଛି ତାହାର ସୁଯୋଗ ଆଗାମୀ ଦିନରେ ଭାରତ ହାସଲ କରିବ। ଭୂରାଜନୈତିକ ଓ ରଣନୀତିକ ସଂପର୍କ ଦୃଷ୍ଟିରୁ ଚୀନ ଓ ରୁଷ ବ୍ରିକ୍ସର ନେତୃତ୍ୱ ଦେଉଥିଲେ ହେଁ ତାହାର ସହଯୋଗୀ ଭାବେ ଭାରତର ଭୂମିକା ସୀମିତ। ତେଣୁ ନିକଟରେ ଦକ୍ଷିଣ ଆଫ୍ରିକା ଉପକୂଳରେ ରୁଷ, ଚୀନ, ଇରାନ ନୌବାହିନୀର ସମରାଭ୍ୟାସ ଆରମ୍ଭ ହୋଇଥିଲେ ହେଁ ଭାରତ ସେଥିରୁ ନିଜକୁ ଦୂରେଇ ରଖିଛି। ନୂଆଦିଲ୍ଲୀ ନିଜର ବାଣିଜ୍ୟିକ ଓ ଅର୍ଥନୈତିକ ସଂପର୍କର ବୃହତ୍ତର ଦିଗକୁ ଗୁରୁତ୍ୱ ଦେଉଥିବାରୁ ୟୁରୋପୀୟ ରାଷ୍ଟ୍ରଙ୍କ ଆକର୍ଷଣ ବୃଦ୍ଧି ପାଇଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ସହ ବିଶାଳ ବଜାରର ନିବେଶ ପାଇଁ ଥିବା ସୁବିଧା ସୁଯୋଗ ଦୃଷ୍ଟିରୁ ଭାରତକୁ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ସହ କ୍ଷେତ୍ର ବିଶେଷରେ ଅପେକ୍ଷାକୃତ କୋହଳ ନୀତି ଅନୁସରଣ କରିବାକୁ ପଡ଼ିବ। ପରୋକ୍ଷରେ ଟ୍ରମ୍ପଙ୍କ ଭାରତ ପ୍ରତି ଆକ୍ରୋଶ ଆମ ବଜାର ଅର୍ଥନୀତିକୁ ସଂପ୍ରସାରଣ କରିବାରେ ସହାୟକ ହୋଇଛି। ●

## ବିଶୃଙ୍ଖଳିତ କାରାଗାର

ଆମ ରାଜ୍ୟର ଜେଲ ପ୍ରଶାସନରେ ପରିଲକ୍ଷିତ ବିଶୃଙ୍ଖଳା ଓ ବିଭ୍ରାଟ ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ତାହାକୁ ନିୟନ୍ତ୍ରଣ କରାଯାଇ ପାରୁନି। ବ୍ୟବସ୍ଥାରେ ଶୃଙ୍ଖଳା ଫେରାଇ ଆଣିବା ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ କୁଖ୍ୟାତ ଅପରାଧୀଙ୍କୁ ଜେଲ ପରିସରରେ ସମସ୍ତ ସୁବିଧା ସୁଯୋଗ ମିଳୁଛି। ସେମାନେ ମଧ୍ୟ ଜେଲ ପରିସରରୁ ନିଜର ଅପରାଧ ସାମ୍ରାଜ୍ୟ ପରିଚାଳନା କରୁଛନ୍ତି। ଏଭଳି ବହୁଘଟଣା ଜେଲ ପରିସରର ଅନ୍ଧାରୀ ଘରେ ଲୁଚି ରହୁଥିବାରୁ ଠୋସ ପ୍ରମାଣ ଅଭାବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ। ଏପରିକି ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ହୋଇଯିବା ଏବଂ କେତେକ କ୍ଷେତ୍ରରେ କଏଦୀଙ୍କ ଅପମୃତ୍ୟୁ ଘଟଣା ଜେଲ ପ୍ରଶାସନର ନିଷ୍ଠା ଓ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅସଲରେ ପାରସ୍ପରିକ ବୁଝାମଣା ଓ ସଲାସୁତୁରାରେ କାର୍ଯ୍ୟ ଚାଲିଥିବାରୁ ଅସଲ ରହସ୍ୟ ସାମ୍ନାକୁ ଆସୁନାହିଁ। ଗତ ଦଶହରା ସମୟରେ ଦୁଇ ଅଭିଯୁକ୍ତ ଜେଲରୁ ଫେରାର ହୋଇଯିବା ଘଟଣାର ଏବେ ଗୁମର ଖୋଲିବା ଆରମ୍ଭ କରିଛି। ଆଶା କରାଯାଉଛି ଖୁବ୍ ଶୀଘ୍ର ରହସ୍ୟ ଉନ୍ମୋଚିତ ହେବ।

ବହୁକ୍ଷେତ୍ରରେ ପ୍ରଭାବଶାଳୀ ଉଚ୍ଚପଦାଧିକାରୀ ନିର୍ବାଧରେ ସବୁ ଗଫଲତି କରିଦେଇ ଖସିଯାଆନ୍ତି ଓ ଅଧସ୍ତନମାନେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତି। ଚୌଦ୍ୱାର ଜେଲ ଘଟଣାରେ ତାହା ପୁନରାବୃତ୍ତି ଘଟିଛି। ଘଟଣାର ଅନୁସଂଧାନ ବେଳେ ଜେଲର ଓ ଦୁଇଜଣ ୱାର୍ଡନ ନିଲମ୍ବିତ ହେଲେ। ଫେରାର ଅପରାଧୀଙ୍କୁ ଧରିବା ସକାଶେ ପୁଲିସ ବାହିନୀ ରାଜ୍ୟବାହାରକୁ ଯାଇ ଅନୁସଂଧାନ କରି ଫେରିଲେ। ସେମାନଙ୍କ ଖୋଜଖବର ମିଳିଲାନି। ଏପରିକି ସେମାନଙ୍କ ସଂପର୍କରେ ସୂଚନା ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଏବେ ଚୌଦ୍ୱାର ଥାନାରେ ଅଭିଯୁକ୍ତ ଫେରାର ପ୍ରସଙ୍ଗରେ ଏତଲା ଦାୟର ହୋଇଛି। ଜେଲ ଗେଟର ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟ୍ରାରରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ସେ ସିଧାସଳଖ ଜେଲ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଏପରିକି ଜେଲ ରେକର୍ଡରେ ଜେଲରଙ୍କ ଦସ୍ତଖତ ଜାଲିଆତି କରି ତାଙ୍କ ଫସାଇବାକୁ ଉଦ୍ୟମ ହୋଇଥିବା ମଧ୍ୟ ସେ କରିଥିବା ଅଭିଯୋଗରେ ଦର୍ଶାଯାଇଛି। କଏଦୀ ଫେରାର ବେଳେ ସୁପରିଟେଣ୍ଡେଣ୍ଟଙ୍କ ବେଆଇନ ଅନୁପସ୍ଥିତିକୁ ଲୁଚାଇବା ସକାଶେ ସରକାରୀ ରେକର୍ଡରେ ଅଦଳ ବଦଳ ହୋଇଛି। ଚୌଦ୍ୱାର ଥାନାରେ ଏତଲା ସହ ଜେଲ ରେକର୍ଡର ନକଲ ମଧ୍ୟ ଦାଖଲ ହୋଇଛି। ପୁଲିସ ଜେଲର ରେକର୍ଡ ଓ ଦସ୍ତାବିଜ ତୁରନ୍ତ ଜବତ କରିବା ସହ ଫୋରେନସିକ ଯାଞ୍ଚ ସହାୟତା ନେବା ଜରୁରୀ ହୋଇପଡ଼ିଛି। ଏକ୍ଷେତ୍ରରେ ବିଳମ୍ବ କରାଗଲେ ବହୁ ପ୍ରମାଣିକ ତଥ୍ୟ ଲୁଚିଯିବାର ଆଶଙ୍କା ରହିଛି।

ରାଜ୍ୟର ବିଭିନ୍ନ ଜେଲରେ ଚାଲିଥିବା ବେଆଇନ କାର୍ଯ୍ୟକଳାପର ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ। ବିଭାଗର ଶୀର୍ଷସ୍ତରରେ ଚାଲିଥିବା କୋଳାକୋଳି ଘଟଣାକ୍ରମର ଅସଲ ଗୁମର ଖୋଲିବାର ପଥରୋଧ କରୁଥିବା ଭଳି ମନେ ହୁଏ। ପ୍ରାମାଣିକ ଦଲିଲ ସହ ଥାନାରେ ଏତଲା ଦେବା ପରେ ଯେଭଳି ବିଭାଗୀୟ ତତ୍ପରତା ପ୍ରକାଶ ପାଇବା କଥା ତାହା ପରିଲକ୍ଷିତ ହେଉ ନଥିବାରୁ କ୍ରମେ ସନ୍ଦେହ ଦୃଢ଼ୀଭୂତ ହେଉଛି। ●

# ଶିଶୁ-ହିତୈଷୀ ଓଡ଼ିଶା ଗଠନର ସଂକଳ୍ପ

ପ୍ରମୋଦ କୁମାର ପ୍ରଧାନ

ନୂଆବର୍ଷ କେବଳ କ୍ୟାଲେଣ୍ଡରର ଏକ ପୃଷ୍ଠା ପରିବର୍ତ୍ତନ ନୁହେଁ, ବରଂ ଏକ ପ୍ରଗତିଶୀଳ ସମାଜ ଗଠନରେ ଆମର ସାମୂହିକ ମନୋଭାବ, ନୈତିକ ଦାୟିତ୍ୱ ଓ ଚିନ୍ତନକୁ ପୁନଃବିଚାର କରିବାର ଅବସର ସୃଷ୍ଟି କରେ। ନୂଆବର୍ଷରେ ଆମେ ଆମ ହୃଦୟକୁ ପଚାରିବା- ଆମେ ଚାହୁଁଥିବା ଭଳି ଏକ ସୁନ୍ଦର ସମାଜର ପରିକଳ୍ପନା କେତେଦୂର ସଫଳ ହୋଇପାରିଛି? ଯଦିଓ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି, ଶିଳ୍ପ ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି, ତଥାପି ଏହି ବିକାଶ କେତେଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମ ବିବେକକୁ ପଚାରିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋରମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ। ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ। ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା। ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ଚୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର। ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ। ଏହା ଶିଶୁମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ରଗୁଡ଼ିକୁ ଦାୟିତ୍ୱବାନ୍ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଛି। ସମ୍ବିଧାନର ଧାରା ୧୪ ଶିଶୁମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ। ଧାରା ୨୧-ଏ ଅନୁସାରେ ୬-୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ। ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ। ଭାରତର ଜାତୀୟ ଶିଶୁ ନୀତି-୨୦୧୩ ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ। ଏହି ନୀତି ଶିଶୁ ଓ କିଶୋରମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ଦୁର୍ଭାଗ୍ୟବଶତଃ, ଶିଶୁମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି।

ଓଡ଼ିଶାରେ, ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି। ସେହି ସମୟରେ, ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି। ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଳାୟନ ଏକ ବଡ଼ ସମସ୍ୟା। ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର ଜୀବନଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ଗୁଜରାଟ ଆଦି ରାଜ୍ୟକୁ ଯାଉଛନ୍ତି। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟା-ବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏହାସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାରଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ(ବୟସ ଅନୁସାରେ କମ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ୍ ହୋଇଯିବା) ଓ ଆନିମିଆ(ରକ୍ତହୀନତା) ଏପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି। ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ; ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ-ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ। କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ।

ନୂଆବର୍ଷରେ ନିଜ ସ୍ତରରେ, ସମାଜ ସ୍ତରରେ, ବ୍ୟବସ୍ଥାଗତ ସ୍ତରରେ ଆମେ ସଂକଳ୍ପ ନେବା ଏବଂ ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତନ ଆଣିବା। ଆମ ରାଜ୍ୟରେ ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବା। ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା। ସମାଜ ସ୍ତରରେ ଆମକୁ ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ ଏବଂ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ। ସେହିପରି ଢାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ। ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ, ଯେପରିକି 'ପ୍ରଧାନମନ୍ତ୍ରୀ ପୋଷଣ ୨.୦', 'ଜାତୀୟ ଶିକ୍ଷା ନୀତି', 'ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ', 'ମିଶନ ବାତ୍ସଲ୍ୟ', 'ସମଗ୍ର ଶିକ୍ଷା ଅଭିଯାନ' ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

'ଶିଶୁ-ହିତୈଷୀ ଓଡ଼ିଶା' ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ୭୩ତମ ସଂବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ। ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଭାବେ ଗୁରୁତ୍ୱ ଦେଇଆସୁଛନ୍ତି। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ-କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା ଆବଶ୍ୟକ। ପଞ୍ଚାୟତ ଯୋଜନା ମାଧ୍ୟମରେ ଅଙ୍ଗନବାଡ଼ି ଓ ସ୍କୁଲର ସୁଦୃଢ଼ୀକରଣ, ଶିଶୁ ଶ୍ରମ ଓ ବାଲ୍ୟ ବିବାହ ନିରୋଧ, ସୁରକ୍ଷିତ ପାନୀୟଜଳ ଓ ସ୍ୱଚ୍ଛତା ଓ ବିପର୍ଯ୍ୟୟ ପ୍ରସ୍ତୁତିରେ ଶିଶୁ ଦୃଷ୍ଟିକୋଣକୁ ଏକତ୍ର କରିପାରିବ। ଓଡ଼ିଶାରେ ଏକ ଶିଶୁ-ହିତୈଷୀ ସମାଜ ଗଢ଼ିବା ପାଇଁ ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ଅତ୍ୟାବଶ୍ୟକ। ଏହି ବିଭାଗୀୟ ସମନ୍ୱୟ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ।

ନୂଆବର୍ଷରେ ସାମୂହିକ ଦାୟିତ୍ୱ ଓ ସଚେତନତା ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ପ୍ରାଥମିକତା ହେଉ। ଆସନ୍ତୁ ଏକ ଶିଶୁ-ହିତୈଷୀ ସମାଜ ଗଢ଼ିବାର ସଂକଳ୍ପ ନେଇ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା। ●

ନୂଆଦିଲ୍ଲୀ, ମୋ: ୯୯୫୮୮୫୨୪୨୪

# ଚନ୍ଦ୍ରରେ ପରମାଣୁ ଶକ୍ତି ଉତ୍ପାଦନ

ଇଂ ମାୟାଧର ସ୍ୱାଇଁ

ଆମର ଏକମାତ୍ର ଉପଗ୍ରହ ତଥା ନିକଟତମ ମହାଜାଗତିକ ବସ୍ତୁ ଚନ୍ଦ୍ରକୁ ନେଇ ମାନବ ସମାଜ ଅନେକ କଳ୍ପନା କରି ଆସିଛି। ଏହାକୁ ନେଇ ବିଭିନ୍ନ ସଭ୍ୟତାରେ ଅନେକ ଲୋକକଥା ଓ ଅନ୍ଧବିଶ୍ୱାସ ରହି ଆସିଥିଲା। ସପ୍ତଦଶ ଶତାବ୍ଦୀରେ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ ପରେ ଏହାର ପ୍ରକୃତ ରୂପ ଜଣାପଡ଼ିଲା। ଦୂରକୁ ସୁନ୍ଦର ଦେଖାଯାଉଥିବା ଏହି ବସ୍ତୁଟି ପାହାଡ଼, ପର୍ବତ, ଗାତରେ ପରିପୂର୍ଣ୍ଣ ଥିବା ଜଣାଗଲା। ଏହାପରେ ଚନ୍ଦ୍ରପୃଷ୍ଠକୁ ଯିବା ପାଇଁ ଇଚ୍ଛାଜାଗ୍ରତ ହେଲା, ଯାହା ଗତ ଶତାବ୍ଦୀର ଶେଷାର୍ଦ୍ଧରେ ପୂରଣ ହେଲା।

ସୋଭିଏତ୍ ରୁଷ୍ ୧୯୫୯ ମସିହାରେ, ଯୁକ୍ତରାଷ୍ଟ୍ର ଆମେରିକା ୧୯୬୨ ମସିହାରେ ଚନ୍ଦ୍ରପୃଷ୍ଠକୁ ପ୍ରଥମେ ଯାନ ପଠାଇଥିଲେ। ଏହାପରେ ଦୁଇ ଦେଶ କେତେଗୁଡ଼ିଏ ଯାନ ଚନ୍ଦ୍ରକକ୍ଷ ଓ ଚନ୍ଦ୍ରପୃଷ୍ଠକୁ ପଠାଇବା ପରେ ଆମେରିକାର ମହାକାଶଚାରୀମାନେ ୧୯୬୮ ମସିହାରେ ଆପୋଲୋ-୮ ଯାନରେ ପ୍ରଥମେ ଚନ୍ଦ୍ରକୁ ପରିକ୍ରମଣ କରି ପୃଥିବୀକୁ ଫେରିଥିଲେ। ଏହାପରେ ଆଉ ଦୁଇଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକକ୍ଷରେ ପରିକ୍ରମଣ କରିବା ପରେ ୧୯୬୯ ମସିହାରେ ଆପୋଲୋ-୧୧ ଯାନରେ ଯାଇ ନିଲ ଆର୍ମଷ୍ଟ୍ରଙ୍ଗ ଓ ଏଡୱିନ ଆଲଡ୍ରିନ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରି ଇତିହାସ ସୃଷ୍ଟି କରିଥିଲେ। ଚନ୍ଦ୍ରପୃଷ୍ଠରେ ପାଦ ଦେଇ ଆର୍ମଷ୍ଟ୍ରଙ୍ଗ ସେଠାରୁ ପୃଥିବୀକୁ ଏକ ବାର୍ତ୍ତା ଦେଇଥିଲେ, 'ଏହା ହେଉଛି ମନୁଷ୍ୟ ପାଇଁ ଗୋଟିଏ ଛୋଟ ସୋପାନ, ମାତ୍ର ମାନବ ସମାଜ ପାଇଁ ଏହା ହେଉଛି ଗୋଟିଏ ବିରାଟ ପଦକ୍ଷେପ।' ଏହାପରେ ଆଉ ପାଞ୍ଚଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକୁ ଯାଇଥିଲେ। ଏହିପରି ମୋଟ ଛଅଟି ଅଭିଯାନରେ ବାର ଜଣ ଆମେରିକୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିଥିଲେ, ସେଠାରେ ବିଭିନ୍ନ ପରୀକ୍ଷା କରିଥିଲେ ଏବଂ ସେଠାରୁ ମୃତ୍ତିକା ଆଣି ଫେରିଥିଲେ।

୧୯୭୨ ମସିହା ପରେ ଚନ୍ଦ୍ରକୁ କୌଣସି ମାନବ ଅଭିଯାନ ହୋଇ ନଥିଲା। ଏହି ଶତାବ୍ଦୀର ଆରମ୍ଭରେ ପୁଣି ଚନ୍ଦ୍ର ଆମକୁ ଆକର୍ଷଣ କରିଛି। ଭାରତ, ଚୀନ୍, ଜାପାନ, ଆମେରିକା, ୟୁରୋପୀୟ ମହାକାଶ ସଂଘ ସମେତ କେତୋଟି ଦେଶ ଚନ୍ଦ୍ର କକ୍ଷ ଓ ପୃଷ୍ଠକୁ ମହାକାଶଯାନ ପଠାଇଛନ୍ତି। ଆମେରିକା 'ଆର୍ଟେମିସ୍' ଅଭିଯାନରେ ୨୦୨୭ ମସିହାରେ ଚନ୍ଦ୍ରକୁ ପୁଣି ଏହାର ମହାକାଶଚାରୀଙ୍କୁ ପଠାଇବା ପାଇଁ ପ୍ରସ୍ତୁତ ଚଳାଇଛି। ସେହିପରି ଚୀନ୍ ଓ ଭାରତ ମଧ୍ୟ ଚନ୍ଦ୍ରପୃଷ୍ଠକୁ ନିଜ ନାଗରିକଙ୍କୁ ପଠାଇବା ପାଇଁ ଘୋଷଣା କରିଛନ୍ତି। ଚନ୍ଦ୍ରରେ ଥିବା ହିଲିୟମ୍-୩ ସମେତ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ ହେଉଛି ଚନ୍ଦ୍ର ଅଭିଯାନର ଏକ ଉଦ୍ଦେଶ୍ୟ। ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରକୁ ଘାଟି ଭାବେ ବ୍ୟବହାର କରି ସେଠାରୁ ମଙ୍ଗଳ, ବୃହସ୍ପତି ଓ ଅନ୍ୟଗ୍ରହ ଏପରିକି ଆନ୍ତଃନାକ୍ଷତ୍ରିକ ମହାକାଶକୁ ମହାକାଶଯାନ ପ୍ରେରଣ କରିବା। ଚନ୍ଦ୍ରପୃଷ୍ଠରେ ଏକ ଜ୍ୟୋତିର୍ବିଦୀୟ ପର୍ଯ୍ୟବେକ୍ଷଣାଗାର ସ୍ଥାପନ କରି ବିଜ୍ଞାନ ଗବେଷଣା ଓ ପର୍ଯ୍ୟବେକ୍ଷଣ କରିବା ପାଇଁ ଚିନ୍ତା କରାଯାଉଛି।

ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା ଅନ୍ୟ ଏକ ବଡ଼ ପଦକ୍ଷେପ ଘୋଷଣା କରିଛି। ୨୦୩୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଏହି ଦେଶ ଗୋଟିଏ ପରମାଣୁ ରିଆକ୍ଟର ସ୍ଥାପନ କରିବ। ଆମେରିକାର ମହାକାଶ ସଂସ୍ଥା 'ନାସା' ଏହାର 'ଆର୍ଟେମିସ୍' କାର୍ଯ୍ୟକ୍ରମରେ ଚନ୍ଦ୍ରପୃଷ୍ଠରେ ଗୋଟିଏ କିମ୍ବା ଦୁଇଟି ଘାଟି ସ୍ଥାପନ କରିବା ପାଇଁ ଯୋଜନା କରିଛି। ଏହି ଘାଟିରୁ ଗଭୀର ମହାକାଶକୁ ଅଭିଯାନ ଚଳାଇବା ହେଉଛି ଏହାର ଲକ୍ଷ୍ୟ। ଗତବର୍ଷ ଡିସେମ୍ବର ମାସରେ ଆମେରିକା ରାଷ୍ଟ୍ରପତି ଚନ୍ଦ୍ରପୃଷ୍ଠରେ ୨୦୩୦ ମସିହା ସୁଦ୍ଧା ଘାଟି ସ୍ଥାପନ କରିବା ଏବଂ ସେଠାରେ ପରମାଣୁ ରିଆକ୍ଟର ସ୍ଥାପନ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୩ ତାରିଖରେ ନାସା ଓ ଆମେରିକା ଶକ୍ତି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଶକ୍ତି ବିଭାଗ ରିଆକ୍ଟର ନିର୍ମାଣ କରିବ ଏବଂ ନାସା ଏହାକୁ ଉତକ୍ଷେପଣ କରି ଚନ୍ଦ୍ରପୃଷ୍ଠରେ ଅବତରଣ କରାଇ ସେଠାରେ ସ୍ଥାପନ କରିବ। ଆମେରିକାର ମଙ୍ଗଳ ଓ ଏହା ପରର ମହାକାଶ ଅଭିଯାନ ପାଇଁ ଚନ୍ଦ୍ରଘାଟି ଆବଶ୍ୟକ ଏବଂ ଯାନରେ ଶକ୍ତି ପାଇଁ ପରମାଣୁ ଶକ୍ତି ଅଧିକ ଉପଯୋଗୀ ହୋଇପାରିବ ବୋଲି ବିଶ୍ୱାସ କରାଯାଉଛି। ପରମାଣୁ ରିଆକ୍ଟର ଆଣବିକ ବିଭାଜନ ପ୍ରକ୍ରିୟାରେ କାର୍ଯ୍ୟ କରିବ। ଏଥିରୁ ବର୍ଷ ବର୍ଷ ଧରି ଅନବରତ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ ଏବଂ ଇନ୍ଧନ ପୁନର୍ଯୋଗାଣର ଆବଶ୍ୟକତା ଦେଖା ଦେବ ନାହିଁ।

ପୂର୍ବରୁ ଆମେରିକାର କାସିନି, କ୍ୟୁରିଓସିଟି, ଭୋଏଜର ଆଦି ଯାନରେ ପରମାଣୁ ଶକ୍ତି ବ୍ୟବହୃତ ହୋଇଛି। ଏହି ଯାନରେ ରେଡିଓଆଇସୋଟୋପ୍ ତାପବିଦ୍ୟୁତ୍ ଜେନେରେଟର ରଖାଯାଇଛି, ଯାହା ପ୍ଲୁଟୋନିୟମ କ୍ଷୟରୁ ବିଦ୍ୟୁତ୍ ଉତ୍ପାଦନ କରିଥାଏ। କିନ୍ତୁ ବର୍ତ୍ତମାନର ଉପାୟ ହେଉଛି ପୃଥିବୀରେ ଉତ୍ପାଦିତ ପରମାଣୁ ଶକ୍ତି ଭଳି। ଏଠାରେ ୟୁରାନିୟମ୍‌ରୁ ଆଣବିକ ବିଭାଜନ ପ୍ରକ୍ରିୟାରେ ଶକ୍ତି ଉତ୍ପାଦିତ ହେବ। ନାସା ପ୍ରକାଶ କରିଛି ଯେ ଚନ୍ଦ୍ରରେ ପରମାଣୁ ପ୍ରକଳ୍ପ ସ୍ଥାପନ ମହାକାଶ ଅଭିଯାନ ଓ ଆବିଷ୍କାରରେ ସୁବର୍ଣ୍ଣ ଯୁଗ ସୃଷ୍ଟି କରିବ।

ଗତ ଶତାବ୍ଦୀରେ ମହାକାଶ ଯୁଗ ଆରମ୍ଭ ସମୟରେ ସୋଭିଏତ୍ ରୁଷ୍ ଓ ଆମେରିକା ମଧ୍ୟରେ ଭୀଷଣ ପ୍ରତିଯୋଗିତା ଚାଲିଥିଲା। ପ୍ରାରମ୍ଭରେ ରୁଷ୍ ଆଗରେ ଥିଲା। ଏହା ୧୯୫୭ ମସିହାରେ ପ୍ରଥମ କୃତ୍ରିମ ଉପଗ୍ରହ ପ୍ରେରଣ କରିଥିଲା ଏବଂ ୧୯୬୧ ମସିହାରେ ପ୍ରଥମ ମହାକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଇଥିଲା। ଫଳରେ ଆମେରିକା ସରକାର ଲୋକମାନଙ୍କ ପାଖରେ ଅପମାନିତ ବୋଧ କରିଥିଲେ। ଆମେରିକା ମହାକାଶ ଅଭିଯାନକୁ ପ୍ରେରଣା ଦେବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଜନ୍ କେନେଡ଼ି ୧୯୬୧ ମସିହାରେ ଘୋଷଣା କରିଥିଲେ ଯେ ଏହି ଦଶକ ଶେଷ ସୁଦ୍ଧା ଆମେରିକୀୟ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିବେ। ତାଙ୍କ ଘୋଷଣାକୁ ସମ୍ମାନ ଜଣାଇ ନାସା ପରବର୍ତ୍ତୀ ଆଠବର୍ଷ ମଧ୍ୟରେ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇଥିଲା। ସେହିପରି ବର୍ତ୍ତମାନ ରାଷ୍ଟ୍ରପତି ୧୯୩୦ ମସିହା ସୁଦ୍ଧା ଚନ୍ଦ୍ରରେ ଘାଟି ଓ ପରମାଣୁ କେନ୍ଦ୍ର ସ୍ଥାପନ କରିବା ପାଇଁ ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଉଭୟ ନାସା ଓ ଶକ୍ତି ବିଭାଗ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ନିଦ ଓ ଏକୁଟିଆ ପଣ

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଏକୁଟିଆ ପଣ ଅନୁଭବ କରିବା ଏବେ ଏକ ସର୍ବସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଲାଣି। ପାରିବାରିକ ଓ ସାମାଜିକ ସଂପୃକ୍ତି କମ୍ ଥିବା ପାଶ୍ଚାତ୍ୟ ଦେଶମାନଙ୍କରେ ଆରମ୍ଭ ହୋଇ ଏହା ଆମ ଦେଶ ସମେତ ସମଗ୍ର ବିଶ୍ୱକୁ ଗ୍ରାସ କରିବାକୁ ଲାଗିଲାଣି। ଏପରିକି ପରିବାର ଓ ସାମାଜ ମଧ୍ୟରେ ଏକତ୍ର ବାସ କଲେ ମଧ୍ୟ ଲୋକେ ବି ଏହା ଅନୁଭବ କରିବାକୁ ଲାଗିଲେଣି।

ଏହାର କାରଣ ହେଲା ଯେ ମାନସିକ ତଥା ଭାବପ୍ରବଣତା ସ୍ତରରେ ପରସ୍ପର ସହିତ ସମ୍ପର୍କ କ୍ରମେ ହ୍ରାସ ପାଇଚାଲିଛି। ବିଶେଷକରି ବୟସ୍କ ଲୋକଙ୍କ ଠାରେ ଏହା ଅଧିକ ପରିଲକ୍ଷିତ ହେଉଛି। କାରଣ ସେମାନଙ୍କ ମଧ୍ୟରୁ ଅନେକ ନିଜ ସଂପର୍କୀୟ ଓ ବନ୍ଧୁବର୍ଗଙ୍କୁ ହରାଇ ଏକୁଟିଆ ବାସ କଲାବେଳେ ଆଉ କେତେକ ବହୁକାଳିକ ରୋଗ ବ୍ୟାଧି, ଶ୍ରବଣ ଓ ଦୃଷ୍ଟିଶକ୍ତିହୀନତା ଆଦି ଶାରୀରିକ ଅକ୍ଷମତାର ଶିକାର ହୋଇଥା'ନ୍ତି। ଅନ୍ୟପକ୍ଷରେ ଆଧୁନିକ ଜୀବନଶୈଳୀ ଏବଂ ବ୍ୟସ୍ତବହୁଳ ଜୀବନ ହେତୁ ପାରିବାରିକ ବନ୍ଧନ ଆଉ ଆଗ ଭଳି ନିବିଡ଼ ନାହିଁ। ଏଣୁ ସବୁ ବୟସରୁ କିଛି ନା କିଛି ଲୋକ ଏହା ଭୋଗ କରୁଥିବାର ଦେଖାଗଲାଣି।

'ୟୁଏସ୍ ନ୍ୟାସନାଲ ଏକାଡେମିଜ୍ ଅଫ୍ ସାଇନସେସ୍, ଇଂଜିନିୟରିଂ ଆଣ୍ଡ ମେଡିସିନ୍'ର ଆକଳନ ଅନୁସାରେ ବିଶ୍ୱର ପ୍ରାୟ ୩୩ ଶତାଂଶ ଲୋକ ଅଳ୍ପେବହୁତ ଏକୁଟିଆ ପଣ ଅନୁଭବ କରନ୍ତି। ଏଥିରୁ ଜଣାପଡ଼ିଛି ଯେ ସାମାଜିକ ସଂପୃକ୍ତିରୁ ଅଲଗା ରହିବା ଏବଂ ସେଥିଯୋଗୁଁ ଏକୁଟିଆପଣ ଅନୁଭବ କରିବା ଜଣେ ବ୍ୟକ୍ତି ଠାରେ ୨୯ % ହୃଦ୍‌ରୋଗ ଏବଂ ୩୨% ସଂଘାତର ଆଶଙ୍କା ବଢ଼ାଏ, ଯାହାକି ଅକାଳମୃତ୍ୟୁର ଆଶଙ୍କା ବୃଦ୍ଧି କରେ। ପୁନଶ୍ଚ ଏହା ମଧ୍ୟ ମାନସିକ ଚାପ, ଦୁଶ୍ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ସ୍ମରଣଶକ୍ତି ହୀନତାର କାରଣ।

ପାରିବାରିକ ତଥା ସାମାଜିକ ସଂପୃକ୍ତିହୀନତା ସଙ୍ଗେ ସଙ୍ଗେ ନିଦ୍ରାହୀନତାକୁ ଏକୁଟିଆ ଅନୁଭବ କରିବାର ଏକ ନୂତନ କାରଣ ବୋଲି ଏବେ ଆବିଷ୍କାର କରିଛନ୍ତି ଆମେରିକାର 'ନ୍ୟାସନାଲ୍ ସ୍ଲିପ୍ ଫାଉଣ୍ଡେସନ'ର ଡକ୍ଟର ଯୋଶେଫ୍ ଡିଜ୍‌ଏୟାସ୍କଲ୍ ଏବଂ ତାଙ୍କ ସହଯୋଗୀମାନେ। ସେଠାରେ ଅନୁଷ୍ଠିତ 'ସ୍ଲିପ୍ ୨୦୨୪' କାର୍ଯ୍ୟକ୍ରମ ଅବସରରେ ସେମାନଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ସୁନିଦ୍ରା, ବିଶେଷ କରି, ଯୁବ ଗୋଷ୍ଠୀ ମଧ୍ୟରେ ଏକୁଟିଆପଣ ଅନୁଭବକୁ ହ୍ରାସ କରିଥାଏ। ଏଥିରେ ମଧ୍ୟ ସେମାନେ ସୂଚୀତ କରିଥିଲେ ଯେ ନିଦ୍ରା ସାମଗ୍ରିକ ଭାବେ ସୁସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଜରୁରୀ। କାରଣ ଏହା ଶରୀର ସଙ୍ଗେ ସଙ୍ଗେ ମନକୁ ମଧ୍ୟ ନୂତନ ଶକ୍ତି ପ୍ରଦାନ କରିଥାଏ ଏବଂ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ। ଅନ୍ୟପକ୍ଷରେ ନିଦ୍ରାହୀନତା ନାନା ପ୍ରକାର ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ପୃଥୁଳତା, ସଂଘାତ ଆଦିର କାରଣ ମଧ୍ୟ ହୋଇପାରେ।

ଏଣୁ ଆମେ ବୟସ ଉପରେ ନିର୍ଭର କରି ଦିନକୁ ଭିନ୍ନ ଭିନ୍ନ ସମୟ ଧରି ନିଦ୍ରା ଯିବା ଦରକାର। ତାହା ୩ ରୁ ୫ ବର୍ଷ ବୟସରେ ୧୦ ରୁ ୧୩ ଘଣ୍ଟା, ୬ ରୁ ୧୨ ବର୍ଷ ମଧ୍ୟରେ ୯ ରୁ ୧୨ ଘଣ୍ଟା, ୧୩ ରୁ ୧୮ ବର୍ଷ ମଧ୍ୟରେ ୮ ରୁ ୧୦ ଘଣ୍ଟା ଏବଂ ତହିଁରୁ ଅଧିକ ବୟସ୍କଙ୍କ ମଧ୍ୟରେ ୭ ଘଣ୍ଟାରୁ ଅଧିକ ହେବା ଉଚିତ। ତେବେ ୧୫ ରୁ ଅଧିକ ବର୍ଷ ବୟସ୍କ ଲୋକଙ୍କ ଉପରେ ହୋଇଥିବା ଅନ୍ୟ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେମାନଙ୍କ ମଧ୍ୟରୁ ପ୍ରାୟ ୨୭ ଶତାଂଶ ଆବଶ୍ୟକ ମୁତାବକ ନିଦ୍ରା ଯାଉନାହାନ୍ତି। ଯୁବଗୋଷ୍ଠୀ ଓ ବୟସ୍କ ଲୋକମାନେ ଏହାଦ୍ୱାରା ବିଶେଷ ପ୍ରଭାବିତ ହେଉଛନ୍ତି। ଏହି କାରଣରୁ 'ଆମେରିକାନ୍ ହାର୍ଟ ଆସୋସିଏସନ୍' ହୃତପିଣ୍ଡ ଓ ରକ୍ତନାଳୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ନିମନ୍ତେ ପ୍ରସ୍ତୁତ ନିୟନ୍ତ୍ରଣ ତାଲିକାରେ ନିକୋଟିନ୍ ସେବନ, ଶାରୀରିକ କ୍ରିୟାକଳାପ, ଖାଦ୍ୟ ରକ୍ତରେ ଗ୍ଲୁକୋଜ, କୋଲେଷ୍ଟେରଲ୍ ଓ ରକ୍ତଚାପ ଭଳି ୭ଟି କାରକ ସହିତ ପ୍ରତ୍ୟହ ୭ରୁ ୯ ଘଣ୍ଟା ନିଦ୍ରାକୁ ଯୋଗ କରିଛି।

ଜୋଶେଫ୍‌ଙ୍କ ମତରେ ନିଦ୍ରାସହିତ ଏକୁଟିଆପଣର ସଂପର୍କ, ବିଶେଷକରି ଯୁବାବସ୍ଥା ଓ ବୃଦ୍ଧାବସ୍ଥାରେ, ଅଧିକ ହେବାର ରହସ୍ୟ ଏବେ ବି ଅବୋଧ ରହିଛି। ଅତଏବ ଏହା ମୂଳରେ ଥିବା କ୍ରିୟା ବିଧି ନିର୍ଦ୍ଦିଷ୍ଟ ରୂପେ ଜାଣିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଖଣି ବେପାରରୁ ୩ ରାଉଣ୍ଡ ଗୁଳି

**■ ଯୁବକ ମୃତ, ୨ ଅଟକ**
**■ ପୁଲିସର ତନାଘନା ଆରମ୍ଭ**

ଖୋର୍ଦ୍ଧା, ୧୯।୧ (ସମିସ): ଦୀର୍ଘ ଦିନର ନିରବତା ପରେ ବେଗୁନିଆ ଅଶାନ୍ତ ହୋଇପଡ଼ିଛି। ଖଣି ବେପାରକୁ କେନ୍ଦ୍ର କରି ଲାଗି ରହିଥିବା ପୂର୍ବଶତ୍ରୁତା ଆଜି ଉଗ୍ରରୂପ ନେଇଛି। ଆଖିବୁଜା ଗୁଳି ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବେଗୁନିଆ ଥାନା ଦଲକ ଜାମୁସାହି ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜାମୁସାହି ଅଞ୍ଚଳର ବାସୁଦେବ ପରିଡ଼ା(୪୨)। ତାଙ୍କ ମୁଣ୍ଡ ଓ ଛାତିରେ ଗୁଳି ବାଜିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏକ ବୁଲେଟ୍ ବାଇକ୍ ଏବଂ ରକ୍ତଛିଟା ପଡ଼ିଥିବା ବେଳେ ପୁଲିସ ସେଠାରୁ ୩ଟି ଖୋକା ଜବତ କରିଛି। ବାଇକ୍‌ଟି ଅଭିଯୁକ୍ତମାନଙ୍କର ବୋଲି ଜଣାଯାଇଛି। ଏହି ଘଟଣାରେ ପୁଲିସ ୨ଜଣ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ



ଗଣମାଧ୍ୟମକୁ ବେଶି କିଛି କହିବାକୁ ମନା କରିଦେଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ବାସୁଦେବଙ୍କ ଗାଁ ଓ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକମାନେ ହସ୍ପିଟାଲ ପରିସରରେ ହୋହଲ୍ଲା, ପାଟିତୁଣ୍ଡ କରିଥିଲେ।

ସୂଚନାନୁଯାୟୀ, ବାସୁଦେବ ଆଜି ସଂଧ୍ୟା ବେଳେ ଶୌଚ ହେବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଏହି ସମୟରେ କିଛି ଯୁବକ ଏକ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ନିଛାଟିଆ ଜାଗା ଦେଖି ସେମାନେ ତାଙ୍କୁ ଅତି ନିକଟରୁ ୩ ରାଉଣ୍ଡ ଗୁଳି କରିଥିଲେ। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ଏବଂ ଆଉ ଗୋଟିଏ ତାଙ୍କ ଛାତିରେ ବାଜିଥିଲା। ପରେ ଦୁର୍ବୃତ୍ତମାନେ ସେଠାରେ ବାଇକ୍ ଛାଡ଼ି ଫେରାର୍ ହୋଇଯାଇଥିଲେ ବୋଲି କୁହାଯାଉଛି। ଅପରପକ୍ଷେ, ଖବର ପାଇ ମେଡିକାଲକୁ ସ୍ଥାନୀୟ ଲୋକଙ୍କ ସମେତ ବେଗୁନିଆ ବିଧାୟକ ପହଞ୍ଚି ସ୍ଥିତି ପରଖିଛନ୍ତି। ପୁଲିସ ଦୁଇଟି ଟିମ୍ ଗଠନ କରି ତଦନ୍ତ କରୁଛି। ଘଟଣାସ୍ଥଳରେ ଗୋଟେ ଟିମ ତଦନ୍ତ କରୁଥିବାବେଳେ ଅନ୍ୟ ଏକ ଟିମ ସହ ମେଡ଼ିକାଲରେ ଏସ୍‌ଡିପିଓ ନୀହାର ପ୍ରଧାନ, ଦୁଇଜଣ ଇନ୍ସପେକ୍ଟର୍ ତଦନ୍ତ କରୁଛନ୍ତି। ମୃତ ବାସୁଦେବଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

**■ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସାମ୍ନାରେ ମାରପିଟ୍ ଘଟଣା**

## ୨ ଶିକ୍ଷୟିତ୍ରୀ ନିଲମ୍ବିତ

ସମ୍ବଲପୁର, ୧୯।୧ (ସମିସ): ସମ୍ବଲପୁର ସହର ଉପକଣ୍ଠସ୍ଥିତ ବୁର୍ଲା କିର୍ବା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସାମ୍ନାରେ ଦୁଇଜଣ ଶିକ୍ଷୟିତ୍ରୀ ମାରପିଟ୍ ହୋଇ ଲହୁଲୁହାଣ ହୋଇଥିଲେ। ଏହାର ଭିଡିଓ ଭାଇରାଲ ହେବା ସହ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାର ରିପୋର୍ଟ ଉପରେ ଆଜି ଭାରପ୍ରାପ୍ତ ବିଇଓ କରନ ଶର୍ମା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ଉଭୟ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ସମ୍ବଲପୁର ସହର ଉପକଣ୍ଠସ୍ଥ ବୁର୍ଲାର କିର୍ବା ପ୍ରାଥମିକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ସହକାରୀ ଶିକ୍ଷୟିତ୍ରୀ ଶର୍ମିଷ୍ଠା ପଲେଇ ଓ କସ୍ତୁରୀ ଜେନା ଜଣେ ସଫେଇ କର୍ମଚାରୀକୁ ଟଙ୍କା ଦେବାକୁ ନେଇ ପ୍ରଥମେ ବଚସା ଓ ପରେ ମାଡ଼ପିଟ ହୋଇଥିଲେ। ଉଭୟଙ୍କ ନାକ ଓ ମୁହଁରୁ ରକ୍ତ ବାହାରିଥିଲା।

## ଆଜି ସବୁ ଉଠାଦୋକାନ, ଭେଣ୍ଡିଂଜୋନ୍ ବନ୍ଦ

ଭୁବନେଶ୍ୱର, ୧୯।୧(ସମିସ): ଜାତୀୟ ଉଠାଦୋକାନୀ ଦିବସ ଅବସରରେ ଆସନ୍ତାକାଲି ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଉଠାଦୋକାନ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଆଦି ସହରଗୁଡ଼ିକରେ ଏହି ଦିବସକୁ ମହାସମାରୋହରେ ପାଳନ କରିଥା'ନ୍ତି। ଚଳିତ ବର୍ଷ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠାଦୋକାନୀ ମହସଂଘର ମିଳିତ ସହଯୋଗରେ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଜାଗାରେ ଜାତୀୟ ଉଠାଦୋକାନୀ ଦିବସ ପାଳନ ହେଉଥିବାରୁ ଜାନୁଆରୀ ୨୦ତାରିଖ ଦିନ ସବୁ ଉଠାଦୋକାନ, ଭେଣ୍ଡିଂ ଜୋନ୍ ଓ କିଓସ୍କଗୁଡ଼ିକ ବନ୍ଦ ରହିବ ବୋଲି ସଂଗଠନର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ମହାସମାବେଶ ରାଜମହଲ ଛକରୁ ବାହାରି ୟୁନିଟ୍-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବ। ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ।

## ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଚିନ୍ତନ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧(ସମିସ): ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ରାଜ୍ୟରେ ଜନଅସନ୍ତୋଷ ତୀବ୍ର ହେଉଥିବା ବେଳେ ଖୁବ୍‌ଶିଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି। ସୋମବାର ଭୁବନେଶ୍ୱରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଚିନ୍ତନ ଶିବିର ଉଦଘାଟନ କରିବା ଅବସରରେ ମନ୍ତ୍ରୀ କହିଛନ୍ତି, ଯେଉଁ ଯୋଗ୍ୟ ଲାଭାର୍ଥୀମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ। ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ। ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସୁନିଲ କୁମାର ବର୍ଣ୍ଣୱାଲ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ଅବେଶନରେ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ୟାକେଜ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶ୍ରେଷ୍ଠ ପ୍ରମାଣିତ ପଦ୍ଧତି ସମ୍ବଳିତ ପୁସ୍ତିକା ଉନ୍ମୋଚନ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିତିନ ନବୀନ...

ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ନିତିନଙ୍କୁ ଡିସେମ୍ବର ୧୪ରେ, ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ନିତିନ ବିହାର ବାଙ୍କିପୁର ଆସନରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ୨୦୦୬, ୨୦୧୦, ୨୦୧୫, ୨୦୨୦ ଓ ୨୦୨୫ରେ ନିର୍ବାଚନ ଜିତିଥିଲେ। ଜଣେ ଉଦୀୟମାନ ଯୁବନେତା ଭାବେ ତାଙ୍କୁ ବିହାରବାସୀ ଗ୍ରହଣ କରିଥିଲେ। ୨୦୨୧ ଫେବୃଆରୀ ୯ରେ ସେ ବିହାର ସରକାରରେ ପ୍ରଥମଥର ପାଇଁ ସଡ଼କ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ବିଜେପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ସେ ଇସ୍ତଫା ଦେଇଥିଲେ। ତାଙ୍କ ସଭାପତିତ୍ୱରେ ବିଜେପି ଏବେ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଲଢ଼ିବ।

### କମୁଛି ଶୀତ...

ରାଜ୍ୟର ୧୨ଟି ସ୍ଥାନରେ ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ଦିନର ସର୍ବାଧିକ ୩୨ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟକୁ ଆଉ ଶୀତଲହରୀ ଫେରିବ ନାହିଁ। ବଙ୍ଗୋପସାଗରରେ ଏକ ଗୁରୁଚାପବଳୟ ସୃଷ୍ଟି ହୋଇଛି। ରାଜ୍ୟକୁ ଉତ୍ତର-ପଶ୍ଚିମା ପବନ ସିଧା ବହିବ ନାହିଁ। ଭୁବନେଶ୍ୱର ସମେତ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ଉତ୍ତରପୂର୍ବା ପବନ ବହିବାର ସମ୍ଭାବନା ରହିଛି। ଆକଳନ କରାଯାଉଛି, ସାରା ରାଜ୍ୟର ଆଭ୍ୟନ୍ତରୀଣରେ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବୁଧବାରଠାରୁ ୩ ଦିନ ମଧ୍ୟରେ ପ୍ରାୟ ୨ ଡିଗ୍ରୀ ବଢ଼ିବ। ଭୁବନେଶ୍ୱର ସମେତ ଦକ୍ଷିଣ ଉପକୂଳରେ ୨-୩ ଡିଗ୍ରୀ ବଢ଼ିପାରେ। ଏହା ପରେ ପ୍ରାୟ ୧ଦିନ ତାପମାତ୍ରା ଅପରିବର୍ତ୍ତିତ ରହିବ। ମଝିରେ ମଝିରେ ୧ ଡିଗ୍ରୀ କମିପାରେ କିମ୍ବା ବଢ଼ିପାରେ। ଏହି ତାପମାତ୍ରା ବୃଦ୍ଧି ସତ୍ତ୍ୱେ ଥଣ୍ଡା କିଛିକାଂଶରେ ଜାରି ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

### ଓଡ଼ିଆ ସମେତ...

ନାମ ଦିଆଯାଇଛି। ଏହାର ଅର୍ଥ ହେଉଛି ଶାସ୍ତ୍ରୀୟ ଭାଷା ସାହିତ୍ୟ ପୁରସ୍କାର। ପ୍ରଥମ ପର୍ଯ୍ୟାୟରେ ଏହି ୭ଟି ଭାଷାର ଶ୍ରେଷ୍ଠ ସାହିତ୍ୟିକ କୃତିକୁ ସମ୍ମାନୀତ କରାଯିବ। ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା ନଗଦ ପ୍ରଦାନ କରାଯିବ। ପ୍ରତ୍ୟେକ ଭାଷା ପାଇଁ ପୃଥକ ଜୁରି ତଥା ବିଚାରକ ମଣ୍ଡଳୀ ଗଠନ କରାଯିବ ବୋଲି ଷ୍ଟାଲିନ କହିଛନ୍ତି। ପୁରସ୍କାର ଚୟନରେ ସ୍ୱଚ୍ଛତା ପାଇଁ ପ୍ରଖ୍ୟାତ ଲେଖକ ଓ ପୁରସ୍କାର ବିଜେତା ଲେଖକଙ୍କୁ ନେଇ ପୃଥକ ଚୟନ କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଷ୍ଟାଲିନ କେନ୍ଦ୍ର ସରକାରଙ୍କ ଉପରେ ସାହିତ୍ୟ ଏକାଡେମୀ ପୁରସ୍କାରରେ ରାଜନୈତିକ ହସ୍ତକ୍ଷେପର ଅଭିଯୋଗ ଆଣିଥିଲେ। ସେ ହିନ୍ଦୀ ଭାଷା ବିରୋଧରେ ବାରମ୍ବାର ନକାରାତ୍ମକ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଥିଲେ ଓ ତାମିଲ ଭାଷାକୁ ଅଧିକ ଗୁରୁତ୍ୱ ଦେବାକୁ ଯୁକ୍ତି ବାଢ଼ୁଥିଲେ।

### ହଟୁନି ଧାନ...

ଚାଷୀଙ୍କ ମଧ୍ୟରୁ ମାତ୍ର ୫ ଲକ୍ଷ ୪୬ ହଜାର ଚାଷୀ ଧାନ ବିକିଛନ୍ତି। ଅନ୍ୟପକ୍ଷରେ ଏଯାଏଁ ପୁରୀ, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଗୋଟିଏ ବି ମଣ୍ଡି ଖୋଲି ନ ଥିବା ବେଳେ ଯାଜପୁର ଜିଲ୍ଲାରୁ ମାତ୍ର ୩୯, କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୧, କନ୍ଧମାଳ ଜିଲ୍ଲାରୁ ୩୯ ଓ ନୟାଗଡ଼ ଜିଲ୍ଲାରୁ ୬୯ ଜଣ ଚାଷୀଙ୍କଠାରୁ ସରକାର ଧାନ କ୍ରୟ କିଣିଥିବା ରିପୋର୍ଟ ମିଳିଛି।

ଅପରପକ୍ଷରେ ରାଜ୍ୟ ଭାତ ହାଣ୍ଡି କୁହାଯାଉଥିବା ବରଗଡ଼ରେ ସ୍ଥିତି ଉଦ୍‌ବେଗଜନକ। ବରଗଡ଼ରେ ମୋଟ୍ ୧ ଲକ୍ଷ ୬୦ ହଜାର ୬୧୩ ଜଣ ଚାଷୀ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରିଥିଲେ। ହେଲେ ଏବେ ସୁଦ୍ଧା ଜିଲ୍ଲାରେ ମାତ୍ର ୧ ଲକ୍ଷ ୫୬ ଜଣ ଚାଷୀଙ୍କଠାରୁ ୪୪ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି। ଫଳରେ ଏବେ ବି ଜିଲ୍ଲାର ୬୦ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବାକୁ ଅପେକ୍ଷାରେ ରହିଛନ୍ତି। ଚଳିତ ବର୍ଷ ପଞ୍ଜୀକରଣ କରିଥିବା ୧୯ ଲକ୍ଷ ୬୩ ହଜାର ଚାଷୀଙ୍କ ମଧ୍ୟରୁ ୨ ଲକ୍ଷ ଚାଷୀଙ୍କୁ ବିକ୍ରି ପ୍ରକ୍ରିୟାକୁ ବାଦ୍ ଦିଆଯାଇ ୧୭ ଲକ୍ଷ ୮୮ ହଜରା ୮୮୦ ଚାଷୀଙ୍କଠାରୁ ଧାନ କିଣିବାକୁ ସରକାର ଚୂଡ଼ାନ୍ତ ପ୍ରକ୍ରିୟା ମ୍ରମ୍ଭ କରିଥିଲେ। ମାତ୍ର ଏଯାଏ ଏହି ଚାଷୀଙ୍କଠାରୁ ଧାନ କିଣାଯାଇ ପାରିଲା ନାହିଁ। ଆରମ୍ଭରୁ ବିଭିନ୍ନ ସ୍ଥାନରେ ବିଳମ୍ବରେ ମଣ୍ଡି ଖୋଲିବା ସମସ୍ୟା ସାଙ୍ଗକୁ ଟୋକନ୍ ଅବ୍ୟବସ୍ଥା ବିକ୍ରିରେ ବାଧକ ହୋଇଛି। ଏହାପରେ ମିଲରମାନେ ଆନ୍ଦୋଳନକୁ ଓହ୍ଲାଇବାରୁ ସାରା ରାଜ୍ୟରେ ଧାନ କିଣା ଠପ୍ ହୋଇଯାଇଥିଲା। ହେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହେବା ପରେ ମଧ ରାଜ୍ୟର ୩ ଜିଲ୍ଲାରେ ମଣ୍ଡି ନ ଖୋଲିବା ଓ ସାରା ରାଜ୍ୟରେ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିବା ସରକାରଙ୍କ ଆଭିମୁଖ୍ୟକୁ ନେଇ ସନ୍ଦେହ ସୃଷ୍ଟି କରିଛି।


**Government of Odisha**
**Office of the Superintending Engineer**
**Rural Works Division-I, Nabarangpur.**
e-mail-eerwngp@rediffmail.com

O-2385

Letter No: 311    **e-Procurement Notice**    Date: 16.01.2026

Name of the work :- Road Works
Total No of works :- 04 (Four) No's.
Approx. Estimated Cost :- Rs. 50.58 lakhs to Rs. 68.24 lakhs
Class of Contractor :- "B" Class Contractor
Period of completion :- 1 (One) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online - 10/2025-26 | 04 (Four) No's. | 22.01.2026 at 10.00 AM | 30.01.2026 up to 03.00 PM | 31.01.2026 at 11.00 AM | To be Intimated Separately |

For Details can be seen from the Government website www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR-



**AFFIDAVIT**

By virtue of an affidavit sworn before the Notary Public, Sunabeda vide no 51, dated 17/01/2026, I, Sri Shyam Sundar Nayak, S/o- Bhagaban Nayak, Vill - Doraput, PO - Nandapur, PS - Nandapur, Dist - Koraput declare that I have changed my name from Shym Sundar Dora to Shyam Sundar Nayak. Henceforth, I shall be known as Shyam Sundar Nayak for all future purpose.

**Sd/- Shyam Sundar Nayak**

**AFFIDAVIT**

I, SHIRILA PADHAN, S/o KIRATI PADHAN resident of At - Shanti Nagar, PO / PS - Sonapur, Dist - Subaranapur - 767017, Odisha, declare by this Affidavit No. 225, dated - 19/01/2026, that now onwards I shall be known as **SHRILAL PADHAN** for all future purpose.

**OFFICE OF THE SUPERINTENDING ENGINEEER**
**KHURDA IRRIGATION DIVISION, KHURDA**
Email- eekhurdairrigationdivision@gmail.com

A-1301

**NOTICE**

It is notified that tender invited for the work "Improvement to Saradhapur gherry on Rajua right embankment near village Saradhapur (SL No-03) vide "e" procurement Notice No-04(KHD) 2025-26 dated 01.12.2025 is hereby cancelled as per DTCN clause no.26 due to administrative ground and unavoidable circumstances.

**Sd/- Superintending Engnieer**
**Khurda Irrigation Division**
**Khurda**

OIPR-

n-242

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**DISTRICT PROJECT OFFICE**
**SAMAGRA SHIKSHA, KORAPUT, ODISHA, PIN-764020**
E-mail:-dpckoraputssa.opepa@nic.in

Letter No.249/Ped/2026    IX-PED-07/26    Date 19.01.2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II for Class-I to IV and VI, VII& Annual Examination for Class– V & VIII 2026Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026Students | Rs.3000/- (Rupees Three Thousand only) | Rs.65,000/- (Rupees Sixty Five Thousand only) | 04/02/2026 by 5.00 PM | 05/02/2026 at 11.00 AM |

The detailed BID document is available in the website https://osepa.odisha.gov.in&https://koraput.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

DEO-cum-DPC
Samagra Shiksha, Koraput

OIPR-

**PANCHAYAT SAMITI, BARKOTE: DIST-DEOGARH.**    i-481

No. 259 /Dev. Date 17.01.2026

**TENDER CALL NOTICE**

The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. https://deogarh.odisha.gov.in/

Block Development Officer
Barkote

OIPR-

B-1003

Government of Odisha    E-mail ID : eerbkbj@rediffmail.com

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
**Bid Identification No.15 / KBJ / 2025-26**

The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid** in **Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical work**. The proof of registration from the appropriate authority shall be enclosed along with the Bid.

1) No. of work :- 0 Nos. (Single Cover)
2) Nature of work :- E.I. work
3) Class of contractor :- HT & MV
4) Approximate value of work :- Rs.6.17 Lakh
5) Tender cost :- Rs.4,000/-
6) Date and time of vailability of Bid documents in online :- From 11.00 A.M. of Dt.22.01.2026 Up to 05.00 P.M. of Dt.29.01.2026
7) Date of Opening of Bid in online :- Dt.30.01.2026 at 11.30 A.M.
8) Other details can be seen in the bidding documents from the e-procurement portal "**www.tendersodisha.gov.in**"
9) The bidders have to participate in ONLINE bidding only. Further details can be seen from the website: "**www.tendersodisha.gov.in**". All future corrigendum will be available on ONLINE MODE only.

Superintending Engineer,
Kantabanji (R&B) Division

OIPR-

n-240

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

**DISTRICT PROJECT OFFICE**
**Old Revenue Colony, Behind Govt. Hospital, RAYAGADA**
email - dpcrayagadassa.opepa@nic.in

**No. 203/XI/PED/34/2026**    **Date 17.01.2026**

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II for Class-I to IV and VI, VII & Annual Examination for Class – V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026 Students | Rs.2000/- | Rs.50,300/- | 31.01.2026 by 5.00 PM | 30.02.2026 by 4.00 PM |

The detailed BID document is available in the website www.osepa.odisha.gov.in & www.rayagada.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Collector-Cum-Chairman,
Samagra Shiksha, Rayagada.

OIPR-

**AFFIDAVIT**

I, Sidhanta Gourab Sethy, father and natural guardian of my minor son Sreyash Gourab, resident of At-Parbatia, Po-Sankarpur, Dist-Dhenkanal, pin-759013 Odisha declare by this affidavit No-64, Dtd. 17/01/2026 that now onwards He shall be known as **SHREYASH GOURAB** for all future purposes.

**AFFIDAVIT**

I, ITALIYA YOGESHKUMAR LAXMANBHAI, S/o ITALIYA LAXMANBHAI resident of At-Kumbhar Street, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 226, dated - 19/01/2026, that now onwards I shall be known as **ITALIYA YOGESH LAXMANBHAI** for all future purpose.

**AFFIDAVIT**

I, Sushree Supriya, D/o Niranjan Behera, resident of Q-5&6, Stage-III, Laxmisagar, PS-Laxmisagar, Bhubaneswar, Dist-Khordha, PIN- 751006, Odisha declare by this affidavit No. 36217, dated-30.12.2025 that now onwards I shall be known as **SUSHREE SUPRIYA BEHERA** for all future purposes.

**AFFIDAVIT**

By virtue of an affidavit No.176, sworn before the Notary Public Swampatana on dtd- 19/012026, I **Sri Lalbahadur Naik**, aged 46 years, S/o- Narasingha Naik, permanent resident of At-Galfulla, Po- Tangarpada, Ps- Patna, Dist-Keonjhar, Odisha, Pin- 758030. My DOB is **09/04/1979** which correctly maintain in my School Certificate, but in my Aadhar Card wrongly maintained DOB as **10/09/1964.** Henceforth, I shall be known **Lalbahadur Naik** & my **date of birth** is **09/04/1979** for all future purposes.

**Lalbahadur Naik**

**AFFIDAVIT**

By virtue of an affidavit No-176, dated- 17/01/2026 sworn before Executive Magistrate, Banpur, declare that I, **Ivarani Bhola,** aged about- 39 years, W/o- Balaram Mali of Address At- Nachipur, Po-Panchugaon, Ps- Banpur, Dist- Khordha, Odisha, Pin-752035, declare that I have changed my name from **Ivarani Mali to Ivarani Bhola.** Henceforth, now onwards I shall be known as **Ivarani Bhola** for all future purposes.

**Ivarani Bhola**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated-13/01/2026. I, **Jay Prakash Moharana,** S/o- Padmanava Moharana, resident of Bharagola, Nayahat, Dist- Puri, Odisha, Pin-752107, declare that my correct name is **Jay Prakash Moharana** which is mentioned in my Aadhar Card but in Educational Documents and some other documents my name has been mentioned as **Jayprakash Moharana** instead of **Jay Prakash Moharana.** Henceforth, I shall be known as **Jay Prakash Moharana** for all future purposes.

**ହଜିଛି**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆମ୍ଭର ଜମି ବିକ୍ରୟ ଦଲିଲ ନଂ.: ୧୦୪୦୧୯୦୧୦୨୨, ତାରିଖ: ୨୨.୦୬.୨୦୧୯, ୧୦୪୦୧୯୦୦୩୩୨ ତାରିଖ: ୧୨.୦୨.୨୦୧୯ ଏବଂ ଦିଲିଲ ନଂ.: ୧୦୪୦୧୯୦୦୩୩୧, ତାରିଖ: ୧୨.୦୨.୨୦୧୯ର ସଂଯୋଗ ଦଲିଲ୍ ବରଗଡ, ଭୁବନେଶ୍ୱର ଠାରୁ କଣ୍ଟନା ଯିବା ରାସ୍ତାରେ କେଉଁଠାରେ ହଜି ଯାଇଅଛି, ଏହି ସବୁ ସଂଯୋଗ ଦଲିଲର ବିବରଣୀ ନିମ୍ନରେ ଦିଆଗଲା ।

ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୦୬ ଏବଂ କ୍ର.ନଂ.: ୧୦୫୪, ଖାତା ନଂ.: ୨୬୮/୩୪୯ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୫୯ର ବନ୍ଦୋବସ୍ତ ପଟ୍ଟା। ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୭୦୨ଏବଂ କ୍ର.ନଂ.: ୭୨୦, ଖତା ନଂ.: ୨୬୮/୩୪୯ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୫୯ର ବନ୍ଦୋବସ୍ତ ପଟ୍ଟା, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୪୦୧୨୦୦୪୪୭ ଏବଂ ଆଇଡି ନଂ.: ୪୦୧୨୦୦୩୨୯, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୫୨୯ ଏବଂ କ୍ର.ନଂ.: ୧୫୫୬, ଖାତା ନଂ.: ୨୬୮/୪୨୮ର ମ୍ୟୁଟେସନ ପଟ୍ଟା, ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୧୦୪୦୧୨୦୦୩୪୬, ଖାତା ନଂ.: ୨୬୮/୫୮୨ର ମ୍ୟୁଟେସନ ପଟ୍ଟା ଖାତା ନଂ.: ୨୬୮/୫୮୪ର ମ୍ୟୁଟେସନ ପଟ୍ଟା।

ଯଦି କୌଣସି ସହୋଦୟ ବ୍ୟକ୍ତି ଉପରୋକ୍ତ ସଂଯୋଗ ଦଲିଲକୁ ପାଇଥାନ୍ତି, ତେବେ ଶ୍ରୀ ଭୂପେନ୍ଦର ଚତୁର୍ବେଦୀ, ମୋବାଇଲ ନଂ.: ୯୪୩୮୭୪୦୪୨୮, କିମ୍ବା ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର ସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କକୁ ଯୋଗାଯୋଗ କରିବାକୁ ଅନୁରୋଧ । ଏତଦ୍‌ବ୍ୟତୀତ ଯଦି କୌଣସି ବ୍ୟକ୍ତିଙ୍କର ଏହି ଦଲିଲ ବିଷୟରେ କିଛି ପ୍ରତିବାଦ ମନ୍ତବ୍ୟ ଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଉପରୋକ୍ତ ବ୍ୟକ୍ତି କିମ୍ବା ବ୍ୟାଙ୍କକୁ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

By virtue of an affidavit sworn before Executive Magistrate, Talcher on 15.01.2026, I Bijayalaxmi Nahak, Date of Birth- 06.06.2006, Gender female, D/o- Sadananda Nahak resident At- Bidyadharpur , Po-Kandhal, Ps- Talcher, Dist- Angul, Odisha, declare that I have changed my name from Biajayalaxmi Nahak to Bijayalaxmi Nahak . Henceforth, I shall be known as **BIJAYALAXMI NAHAK** for all future purposes.

**AFFIDAVIT**

I, DHARAM JAIN, W/o Hiralal Jain, resident of At- Main Road, PO / PS / Dist - Malkangiri - 764045, Odisha declare by this Affidavit No. 224, Dated -19/01/2026, that now onwards I shall be known as **DHARAM CHAND JAIN** for all future purpose.

**AFFIDAVIT**

I, Mohammad Shamshad Ali, son of Sheikh Mobarak Ali,resident of Vill-Sasanbad, Po/Ps-Jaleswar, Dist-Balasore, Odisha-756032, declare by this affidavit No.3405, dated: 19/01/2026, that now onwards I shall be known as **MD SHAMSHAD ALI** for all future purposes.

**AFFIDAVIT FOR MINOR**

By virtue of an affidavit no- 04, dated- 05/01/2026 sworn before Executive Magistrate, Banpur, declare that I, **Sanjib Kumar Senapati,** S/o- Krishna Chandra Senapati of Address At- Bhagabati Sahi, Po-Banpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rudresh Senapati to Rudresh Kumar Senapati.** Henceforth, he shall be known as **Rudresh Kumar Senapati** for all purposes.

**Rudresh Kumar Senapati**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No. 20, dated: 19/01/2026. I, **Smita Sahu,** daughter of Rajendra Kumar Sahu, resident of At-Nadpur, Nuagaon, Po/Ps-Betnoti, Dist- Mayurbhanj, Pin-757025, Odisha, declare that I have changed the name of my Son from **Armaan Sunsmit** (old name) to **Armaan Smita Sahu** (new name). Henceforth, he shall be known as **Armaan Smita Sahu** (new name) for all purposes.

**Smita Sahu**

**AFFIDAVIT**

By virtue of an affidavit (CF No. 02, dtd- 19/01/2026) sworn before the Executive Magistrate, Padampur. I, **Bijay Kumar Bohidar,** S/o- Late Kaliranjan Bohidar, permanent & current resident of AT- Padampur, PO-Rajborasambar, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Astha Bahidar to Astha Bohidar.** Henceforth, she shall be known as **Astha Bohidar** (new name) for all purposes.

**Bijay Kumar Bohidar**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No. 19, dated: 19/01/2026. I, **Smita Sahu,** daughter of Rajendra Kumar Sahu, resident of At-Nadpur, Nuagaon, Po/Ps-Betnoti, Dist- Mayurbhanj, Pin-757025, Odisha, declare that I have changed the name of my Daughter from **Amrita Sunsmit** (old name) to **Amrita Smita Sahu** (new name). Henceforth, she shall be known as **Amrita Smita Sahu** (new name) for all purposes.

**Smita Sahu**

**AFFIDAVIT**

By virtue of an affidavit sworn before Executive Magistrate Bisoi Sl.No-610, dtd.13/10/2025. I Sri Surju Murmu of village - Badjambilla, PS- Bisoi, Dist-Mayurbhanj that in my son's birth certificate regd no.114/2025 his name mentioned as MONGOL SINGH MURMU and in my son's Adhaar card No- 4280 5422 7833 his name is wrongly mentioned as Mogolsingh Murmu instead of Mongol Singh Murmu. That both Mongol Singh Murmu and Mogolsingh Murmu is same and one person. Henceforth he shall be known as **Mongol Singh Murmu** for all future purpose.

**S/D- Surju Murmu**

### ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ନାରୀ ସ୍ୱାଭିମାନର ପ୍ରତୀକ 'ଯାଜ୍ଞସେନୀ'

ଜଗତସିଂହପୁର,୧୯।୧(ସମିସ)



ଜଗତସିଂହପୁର ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ଆଜି ଥିଲା ପଞ୍ଚମ ଦିବସ। ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ଡ. ଜ୍ୟୋତିର୍ମୟୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟବସ୍ତୁ ଥିଲା "ନାରୀ ସ୍ୱାଭିମାନ: ଉପନ୍ୟାସ ଯାଜ୍ଞସେନୀ'। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ରଞ୍ଜିତା ନାୟକ ଯୋଗଦେଇ କହିଥିଲେ ଯେ, ମହାଭାରତର କେନ୍ଦ୍ର ଚରିତ୍ର ଥିଲେ ଯାଜ୍ଞସେନୀ। ସଂସ୍କୃତ ମହାଭାରତ, ଶାରଳା ମହାଭାରତର କିଛି କଥା ଓ କିଛି କଳ୍ପନା ପ୍ରସୂତ କଥାବସ୍ତୁକୁ ନେଇ ଯାଜ୍ଞସେନୀ ରଚିତ। ଯାଜ୍ଞସେନୀ ଚରିତ୍ର ଅପମାନିତା, ଲାଞ୍ଛିତା, ଜର୍ଜରିତା ହୋଇ ମଧ୍ୟ ନାରୀ ଧର୍ମକୁ କୌଣସି ପରିସ୍ଥିତିରେ ଭୁଲି ନାହିଁ। ଯାଜ୍ଞସେନୀ ଏକ କ୍ରାନ୍ତି ଓ ଆମ ନାରୀ ସମାଜ ପାଇଁ ଏକ ଆହ୍ୱାନ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକା ଡ.ଆରତୀ କର ଫକୀରମୋହନଙ୍କ ରେବତୀ ଠାରୁ ଆରମ୍ଭ କରି ମହାଭାରତର ଯାଜ୍ଞସେନୀ ଚରିତ୍ରରେ ନାରୀର ସ୍ୱାଭିମାନ ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକା ଡ.ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାଭାରତରେ ରାଷ୍ଟ୍ର, ଧର୍ମ ଓ ବୀରତ୍ୱର ଗାଥା ଥିବାବେଳେ ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଉପନ୍ୟାସରେ ରହିଛି ଜଣେ ନାରୀର ଦୁଃଖ, ଯନ୍ତ୍ରଣାର ବର୍ଣ୍ଣନା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସୀମା ଜେନା ଯାଜ୍ଞସେନୀଙ୍କ ଚରିତ୍ର ବିଷୟରେ ଆଲୋଚନା କରିବା ସହିତ କହିଥିଲେ ଯେ ନାରୀ କେବେ ବି ପୁରୁଷ ପାଇଁ ବୋଝ ନୁହେଁ; ବରଂ ନାରୀ ପୁରୁଷ ପାଇଁ ସମ୍ପତ୍ତି ହୋଇଥାଏ। ଏହି ଅବସରରେ ଶାନ୍ତିସେନା ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ କବି ଧରଣୀଧର ଖୁଣ୍ଟିଆଙ୍କ କବିତା ସଂକଳନ "ସିଦ୍ଧଦୀପ୍ତ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଡି.ସାଇ ଶ୍ରେୟାଂଶୀ ବେଦ ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ପ୍ରଜ୍ଞା ପାରମିତା ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ଲେଖିକା ଓ ଅଧ୍ୟାପିକା ସ୍ୱର୍ଗତ ସବିତା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ପରିଶେଷରେ ପରିଷଦର ସାଂସ୍କୃତିକ ସବ୍‌କମିଟି ସଦସ୍ୟା ନିବେଦିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ସାହିତ୍ୟ ଅନୁଷ୍ଠାନ "ବାଲିଘର ସାହିତ୍ୟ ଓ ସାଂସ୍କୃତିକ ପ୍ରତିଷ୍ଠାନ', ମୁଣ୍ଡିଦା, ଏରସମା ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ କିଶାରାମ ବିଶ୍ୱାଳ ଫାଉଣ୍ଡେସନ୍ ବାଲିକୁଦା ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ବନଦୁର୍ଗା ଘୁମୁରା ଅନୁଷ୍ଠାନ, ନୂଆପଡାର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘୋଷକ ଭାବେ ସସ୍ମିତା ଦାସ, ପୂଜାପ୍ରିୟା ପରିଡ଼ା ଓ ରଶ୍ମିତା ସଂଯୋଜନା କରିଥିଲେ।

## ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ତିର୍ତ୍ତୋଲ,୧୯।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପିସିସି ପାରାଦୀପ କେନ୍ଦ୍ରାପଡ଼ା ଷ୍ଟାର ଇଲେଭେନ୍‌କୁ ୨ ୱିକେଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କେନ୍ଦ୍ରାପଡ଼ା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ ୧୯.୧ ଓଭରରେ ୮ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥି ସମାଜସେବୀ ବୀରେନ ପାଲ ୨୨ ବଲରେ ୩୬ ରନ୍ କରି ପାରାଦୀପକୁ ବିଜୟୀ କରାଇଥିବା କୁନାଲ ପଣ୍ଡାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର୍ ଭାବେ ସଂଗ୍ରାମ ରାୟ ଓ ସଞ୍ଜୟ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ଚୋରା ଦେଶୀ ମଦ ଜବତ; ଜଣେ ଗିରଫ



ନାଉଗାଁ,୧୯।୧(ସମିସ): ନାଉଗାଁ ପୁଲିସ ପକ୍ଷରୁ ଗଙ୍ଗଦା ବଜାର ନିକଟରେ ଚଢ଼ଉ କରାଯାଇ ୭ ଲିଟର ଚୋରା ଦେଶୀ ମଦ ଜବତ କକରାଯାଇଛି। ଏହା ସହିତ ଅଭିଯୁକ୍ତ ଧନଞ୍ଜୟ ପଲେଇ ଗିରଫ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ ଆଜି ଗାରୋଇ ଫାଣ୍ଡି ଅଧିକାରୀ ଓ ତାଙ୍କ ଟିମ୍ ବିଶେଷ ସୂତ୍ରରୁ ସୂଚନା ପାଇଁ ଗଙ୍ଗଦା ବଜାର ନିକଟରେ ଅତର୍କିତ ଭାବେ ଚଢ଼ଉ କରି କୋରୁଅ ଗ୍ରାମର ବାବୁରାମ ପଲେଇଙ୍କ ପୁଅ ଧନଞ୍ଜୟ ପଲେଇକୁ ଗିରଫ କରିଥିଲେ। ତା' ନିକଟରୁ ଚୋରା ଦେଶୀ ମଦ ଜବତ କରାଯାଇଥିଲା। ଏହି ଘଟଣାକୁ ଆଧାର କରି ଅବକାରୀ ଆଇନ ବଳରେ ୨୩/୨୬ ଦାୟର କରିଥିବା ନେଇ ସୂଚନା ଦେଇଛି ପୁଲିସ। ଅନ୍ୟପଟେ ଉକ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥାନାରେ ରହିଥିବା ନେଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ

ଜଗତସିଂହପୁର,୧୯।୧(ସମିସ): ଆସନ୍ତା ୨୮ ତାରିଖ ସକାଳ ୬ଟାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ସହଯୋଗ ଏବଂ ସମର୍ଥନ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ ଆହ୍ୱାନ ଦେଇଛି। ଜଗତସିଂହପୁର ସହରର ସିପିସ୍ଥିତ ସଂଗଠନର କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା କହିଥିଲେ, ଦଳମତ ନିର୍ବିଶେଷରେ ଓଡ଼ିଶା ବନ୍ଦକୁ ସଫଳ କରାଇ ସରକାରକୁ ଗଣତନ୍ତ୍ରର ପାଠ ପଢ଼ାଇବାର ଆବଶ୍ୟକତା ରହିଛି। ଚାଷୀମାନଙ୍କୁ ମାଡ଼ ମାରିବା ଏବଂ ମନ୍ତ୍ରୀଙ୍କ ଅହଙ୍କାରକୁ ପ୍ରତିବାଦ କରି ଏହି ବନ୍ଦ ଡାକରା ଦିଆଯାଇଛି। ଏହା ସହିତ ଟାଟା କମ୍ପାନୀ ଦ୍ୱାରା ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଶୋଷଣ କରିବା ଭଳି ସରକାରଙ୍କ ଲୋକସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପ ଏବଂ ଗଣତନ୍ତ୍ରକୁ ହତ୍ୟା କରିବା ଷଡ଼ଯନ୍ତ୍ର ପ୍ରତିବାଦରେ ହେଉଥିବା ଏହି ଓଡ଼ିଶା ବନ୍ଦ ଆନ୍ଦୋଳନରେ ଦଳମତ ତଥା ବିଭିନ୍ନ ସଂଗଠନ ନିର୍ବିଶେଷରେ ସାମିଲ ହେବା ସହିତ ସରକାର ଉପରେ ଚାପ ସୃଷ୍ଟି କରିବାକୁ ସଂଗଠନ ତରଫରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଭୁବନାନନ୍ଦ ନାୟକ, ଅଶୋକ କୁମାର ସ୍ୱାଇଁ, ପ୍ରମୋଦ କୁମାର ଦାସ, ଦେବଦତ୍ତ ସାହୁ, ପ୍ରଫୁଲ୍ଲ ପରିଡ଼ା, କୈଳାଶ ଦାସ, ବିଜୟ ପତି, ବିନୋଦ ସାମନ୍ତରାୟ, ଅନ୍ୟାନ୍ୟ ମହାନ୍ତି, କରିବା କର ଦଳ ବେହେରା, ଅମିୟ ମହାପାତ୍ର, ମଧୁସୂଦନ ରାଉତ ପ୍ରଭୃତି ଉପସ୍ଥିତ ଥିଲେ।

## ଗୁଆଲିପୁର ସମିତିରେ ଧାନମଣ୍ଡି ଖୋଲିଲା



ରଘୁନାଥପୁର,୧୯।୧(ସମିସ): ରଘୁନାଥପୁର ବ୍ଲକର ଗୁଆଲିପୁର କୃଷି ସମବାୟ ସମିତିରେ ସଂପାଦକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭାପତି ସୁଧାଂଶୁ ଶେଖର ବିଶ୍ୱାଳ କଣ୍ଟା ପୂଜା ପରେ ମଣ୍ଡି ଉଦଘାଟନ କରିଥିଲେ। ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଡା, ବରିଷ୍ଠ ଚାଷୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ମନଜିନି ସାହୁ ଓ ସମିତିସଭ୍ୟ କମଳାକାନ୍ତ ପରିଡା, ଅଢ଼େଇକୁଳ ସରପଞ୍ଚ ରୀନା ସ୍ୱାଇଁ ଓ ସମିତିସଭ୍ୟା ମିତାଞ୍ଜଳି ପଣ୍ଡା, ଜିଲ୍ଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ସର୍ବେଶ୍ୱର ପଟ୍ଟନାୟକ, ଜାନକୀ ବଲ୍ଲଭ ସ୍ୱାଇଁ, ପ୍ରଭାତ କୁମାର ପଣ୍ଡା, ରାଜା ପଣ୍ଡା, ନୋଡାଲ ଅଫିସର ଲକ୍ଷ୍ମଣ ସୋରେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁଆଲିପୁର, ଅଢେଇକୁଳ, ପୂରଣଓଡ଼ପଡ଼ା, ତଅଁରା ଓ ଧରାଧରପୁର ପଞ୍ଚାୟତର ୮୧୧ ଚାଷୀ ଧାନ ବିକ୍ରୟ ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିବା ଡିଇଓ ସଞ୍ଜୟ କୁମାର ସାହୁ ପ୍ରକାଶ କରିଛନ୍ତି। ଚାଷୀ ବିଶ୍ୱଜିତ ସ୍ୱାଇଁ, ପ୍ରଶାନ୍ତ ବସ୍ତିଆ, ଲିଙ୍ଗରାଜ ଖଟୁଆ ଓ ସିଦ୍ଧାର୍ଥ ଶଙ୍କର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବଶାଳ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବୈଠକ

ବାଲିକୁଦା,୧୯।୧(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ଉଚ୍ଚ ବିଦ୍ୟାଳୟର ପୂରାତନ ଛାତ୍ର ୧୯୮୯ ବ୍ୟାଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୁରୁବନ୍ଦନା କରାଯାଇଥିଲା। ଗୁରୁ ବନ୍ଦନାରେ ଶିକ୍ଷକ ଶୁକଦେବ ଭଞ୍ଜ, ଶୁକଦେବ ବାରିକ, ରବୀନ୍ଦ୍ର ନାୟକ, କ୍ଷେତ୍ରମୋହନ ପରିଡ଼ା, ପ୍ରଦୀପ୍ତ ସାହାଣୀ, ବୃନ୍ଦାବନ ପଣ୍ଡା ଓ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି ସଭା କାର୍ଯ୍ୟରେ ଦିଲୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିବା ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସଞ୍ଜୟ କୁମାର ଲେଙ୍କା ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଗୋପେଶ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ଭଜନ ପରିବେଷର କରିଥିଲେ। ଏଥିରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରାଯାଇଥିଲା।

## 'ସୁରକ୍ଷା' ପକ୍ଷରୁ ସଡ଼କ ସୁରକ୍ଷା ମାସ

ପାରାଦୀପ,୧୯।୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସୁରକ୍ଷା' ପାରାଦୀପ ଶାଖା ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଏହି ଅବସରରେ ସଚେତନତା ଅଭିଯାନ ସ୍ୱରୂପ ସୁରକ୍ଷିତ ଯାତ୍ରା ପାଇଁ ସଂଗଠନ ପକ୍ଷରୁ ୨୦୨୬ ଜାନୁଆରୀ ୧ରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସତର୍କତାର ଫଳକମାନ ଦୋଛକି, ଇଫକୋ ଛକ, ଅଠରବାଙ୍କୀ, ବିଜୁ ପାର୍କ ଛକ, ସବଷ୍ଟେସନ ଛକ, ଥାନା ଛକ, ବସ୍‌ଷ୍ଟାଣ୍ଡ ଛକ ଓ ମାଉସୀ ମା' ଛକ ନିକଟରେ ଲଗାଯାଇ ସଚେତନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗାଡ଼ି ଚଳାଇବା ସମୟରେ ସାବଧାନତା ଅବଲମ୍ବନ କରିବା, ସୀମିତ ବେଗରେ ଗାଡ଼ି ଚଳାଇବା, ଦୁଇଚକିଆ ଗାଡ଼ିରେ ହେଲ୍‌ମେଟ୍ ପିନ୍ଧିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର ନ କରିବା ଏବଂ ନିଶା ସେବନ କରି ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଉଛି। ଜାତୀୟ ରାଜପଥର ମୁଖ୍ୟ ପଥର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଚାଲୁଥିଲେ ମଧ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡିକ ଦୀର୍ଘ ସମୟଧରି ପାର୍କିଂ କରାଯାଉଥିବାରୁ ଦୁର୍ଘଟଣା ମାନ ଘଟୁଛି। ଏଥିରୁ ନିବୃତ୍ତ ରହିବା ପାଇଁ ଦୋଛାକି ଠାରୁ ଅଠରବାଙ୍କି ଛକ ପର୍ଯ୍ୟନ୍ତ ଗାଡ଼ିର ଡ୍ରାଇଭରମାନଙ୍କୁ ସଚେତନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ଶାଖାର ମୁଖ୍ୟ କାର୍ଯକାରୀ ଅଧକ୍ଷ ତଥା ସଂଗଠନର କୋଷାଧକ୍ଷ ମହେନ୍ଦ୍ର କୁମାର ସାମଲ, ସମ୍ପାଦକ ସୁନିଲ ଶେଖର ଲେଙ୍କା, ସଦସ୍ୟ ବ୍ରଜ କିଶୋର ପାଢ଼ୀ, ଶୁକଦେବ ମଣ୍ଡଳ, ବୈକୁଣ୍ଠନାଥ ନାୟକ, ସମୀର କୁମାର ନାୟକ, ନାଗାର୍ଜୁନ ପଣ୍ଡା ଏବଂ ଦାଶରଥି ପ୍ରଧାନ ସମେତ ବହୁ କର୍ମକର୍ତ୍ତା ଓ ସହଯୋଗୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ




ଜଗତସିଂହପୁର,୧୯।୧(ସମିସ): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ୭ ଦଫା ଦାବି ନେଇ ଆଜି ଦେଶବ୍ୟାପୀ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ଉପରୋକ୍ତ ଦୁଇଟି ସଙ୍ଗଠନର ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁର ରାଜ୍ୟ ଉପସଭାପତି ଲୋଭାକାନ୍ତ ସ୍ୱାଇଁ, କୃଷକ ସଭାର ଗଣେଶ ଚନ୍ଦ୍ର ମାଣିଆ, ନିର୍ମାଣ ଶ୍ରମିକ ଜିଲ୍ଲା ସମ୍ପାଦକ ଶରତ ବେହେରା, କ୍ଷେତ ମଜଦୁର ସଂଘର ଯୁଧିଷ୍ଠିର ଦାସ ଏବଂ ଆଶାକର୍ମୀ ସଂଘର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟ ସଦସ୍ୟା ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ୭ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ଶାଣିତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ୟୁନିୟନର ପ୍ରଫୁଲ୍ଲ ନାୟକ, ଚିତ୍ତରଞ୍ଜନ ମଲ୍ଲିକ, ଆଶାକର୍ମୀ ସଂଘର ସୁଲୋଚନା ପରିଡ଼ା, ନଳିନୀ ବେହେରା, ପ୍ରମିଳା ବାରିକ, ଅନୁପ୍ରିୟା ଶତପଥୀ, ସନ୍ଧ୍ୟାରାଣୀ ଦାସ ଏବଂ ରୋଜାଲିନ ସେଠୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

## ୧୦୬ ଅଭିଯୋଗ ପଞ୍ଜୀକୃତ



ଜଗତସିଂହପୁର,୧୯।୧(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୦୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ଭତ୍ତା ପାଇବା ପାଇଁ ୮ଟି, ପୁଲିସ ସହାୟତା ପାଇବା ପାଇଁ ୧୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ସୀମା ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ନାଳିବର ହାଇସ୍କୁଲ୍‌ରେ ଗୁରୁପୂଜନ ଉତ୍ସବ

ଜଗତସିଂହପୁର,୧୯।୧(ସମିସ): ରଘୁନାଥପୁର ବ୍ଲକ ନାଳିବର ଉଚ୍ଚ ବିଦ୍ୟାଳୟ ୧୯୯୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଉକ୍ତ ବ୍ୟାଚର ଛାତ୍ରଛାତ୍ରୀ, ପୂର୍ବତନ ଶିକ୍ଷକ, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଏବଂ ବର୍ତ୍ତମାନର ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବକୁ ଯଜ୍ଞ ମିଶ୍ର, ଦିଲ୍ଲୀପ ଦାସ, ନିର୍ମଳ ତ୍ରିପାଠୀ, ଅମାୟିକ ଖୁଣ୍ଟିଆ, ଦୁର୍ଗା ଦାଶ, ଅନୱାର ଖାନ, କୀର୍ତ୍ତି ମହାନ୍ତି, ସାରଦା ନାୟକ, ଅରୁଣ ମନୋହରୀ, ସୁଶାନ୍ତ ଶତପଥି, ସୁଶାନ୍ତ ମହାପାତ୍ର, ଚତୁର୍ଭୁଜ ନାୟକ, ଦିନେଶ ଦାଶ, ଅକ୍ଷୟ ବଲ୍ଲଭ, ଗଣେଶ୍ୱର ବେହେରା, ସୁଦର୍ଶନ ନାୟକ, ନଗେନ ଲେଙ୍କା, ପ୍ରଦୀପ ଖୁଣ୍ଟିଆ, ରୀତା ମିଶ୍ର, ନଳିନୀ ନାୟକ, ଇପ୍ସିତା ଆଚାର୍ଯ୍ୟ, ଦିପ୍ତୀ ଦାଶ, ଧନାଲକ୍ଷ୍ମୀ ପ୍ରସାଦ, ଗୀତାରାଣୀ ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ସଞ୍ଚାଳନ କରିଥିଲେ। ସେହିପରି ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପିପିଏଲ୍ ଡିଏଭି ସ୍କୁଲର କ୍ରୀଡ଼ା ପ୍ରତିଯୋଗିତା



ପାରାଦୀପ,୧୯।୧(ସମିସ): ପାରାଦୀପ ପିପିଏଲ ସ୍ଥିତ ଡିଏଭି ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ର ରେଳ ପରିଚାଳକ, ପାରାଦୀପ ଶାଖା ନିର୍ଭୟ କୁମାର ଶାହୀ ଯୋଗ ଦେଇଥିଲେ। ଅଧକ୍ଷ ଡିଏଭି ପିପିଏଲ ସଞ୍ଜୀବ କୁମାର ସାହୁ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ପିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପାଲାନି ସାମି ଭେଲୁସାମି, ମାନବ ସମ୍ବଳ ବିଭାଗର ପ୍ରବନ୍ଧକ ଅଶ୍ୱିନୀ କୁମାର ରାଉତରାୟ ଏବଂ ଅନ୍ୟାନ୍ୟ ପଦାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପଞ୍ଚାନନ ପଟେଲ, ଇଫକୋ ତଥା ପାରାଦୀପ ପୋର୍ଟ ଡିଏଭି ସ୍କୁଲର ଅଧକ୍ଷ ସମ୍ବିତ ସୁକୁମାର ଚିନାରା ଓ ବିଦ୍ଯୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପିପିଏଲର ମୁଖ୍ୟ ମହାପ୍ରବନ୍ଧକ ବିତ୍ତୀୟ ପରାମର୍ଶଦାତା ପ୍ରଶାନ୍ତ କୁମାର ପ୍ରଧାନ ଓ ଅନ୍ୟାନ୍ୟ ପଦାଧିକାରୀମାନଙ୍କ ସହ ଯୋଗଦେଇ କୃତି କ୍ରୀଡ଼ାବିତଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଅଧ୍ୟୟନରତ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବାବେଳେ ଅଚିଭର୍ ହାଉସ ଚାମ୍ପିଅନ ହୋଇଥିବା ବେଳେ, ଚାଲେଞ୍ଜର ହାଉସ ରନର୍ସ ଟ୍ରଫି ହାସଲ କରିଥିଲେ। ଏହାସହ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ଅନୁଷ୍ଠିତ ବିଭିନ୍ନ ମନୋରଞ୍ଜକ କ୍ରୀଡ଼ା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନବନିଯୁକ୍ତି ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



ପାରାଦୀପ,୧୯।୧(ସମିସ): ପାରାଦୀପ ନଗର ବିଜେଡିର ନବନିଯୁକ୍ତ ସଭାପତି କୁମରବର ନାୟକ ଓ କୁଜଙ୍ଗ ବ୍ଲକ ସଭାପତି ମନିନ୍ଦ୍ର ଗୁରୁଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ବିଶିଷ୍ଟ ଶ୍ରମିକ ନେତା ତଥା ବିଜେଡି ନେତା ବାପି ସର୍ଖେଲ। ଏନେଇ ଆଜି ଅପରାହ୍ନରେ ନୂଆବଜାର ସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସର୍ଖେଲଙ୍କ ସମେତ ନଗର ବିଜେଡିର ବହୁ ଛାମୁଆ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ନଗର ବିଜେଡି ନେତା କୁମରବର ନାୟକ ଓ କୁଜଙ୍ଗ ବ୍ଲକ ସଭାପତି ଭାବେ ମନିନ୍ଦ୍ର ଗୁରୁଙ୍କ ନାମ ଘୋଷଣା ହେବା ପରେ ପାରାଦୀପ ଓ କୁଜଙ୍ଗ ବିଜେଡି କର୍ମୀଙ୍କ ମହଲରେ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା। ଏଥିପାଇଁ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଶ୍ରୀ ସର୍ଖେଲଙ୍କ ସମେତ ଦଳୀୟ କର୍ମୀମାନେ ସାଧୁବାଦ ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ କିପରି ପାରାଦୀପ ସହିତ କୁଜଙ୍ଗ ଓ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନକୁ ସୁଦୃଢ଼ କରାଯିବ ଏ ନେଇ ଆଜିଠାରୁ କାର୍ଯ୍ୟ ଆରମ୍ଭ କରିଥିବା ନେଇ କହିଛନ୍ତି କୁଜଙ୍ଗ ଓ ପାରାଦୀପ ନଗର ବିଜେଡି ସଭାପତି। ଆଗାମୀ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ କିଭଳି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବେ ଏବଂ ପୁଣିଥରେ ଓଡିଶାରେ ବିଜେଡି ସରକାର ଗଠନ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ସାମୂହିକ ସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଶ୍ରୀ ସର୍ଖେଲ।

ସୂଚନାଯୋଗ୍ୟ, ଗତକାଲି ଉଭୟ ନବ ନିର୍ବାଚିତ ସଭାପତି ଅଠରବାଙ୍କୀଠାରେ ରହିଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ପୌର ଉପାଧ୍ୟକ୍ଷା ଛବିଳତା ରାଉତ, ପାରିଷଦ ମନୋଜ ନାୟକ, ଜ୍ୟୋତିକାନ୍ତ ପରିଡା, ପୂର୍ବତନ ପାରିଷଦ ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର, ଅନୁପ ସାହାଣୀ, ସମୀର ବିଶ୍ୱାଳଙ୍କ ସମେତ ପାରାଦୀପର ଛାମୁଆ ବିଜେଡି କର୍ମୀ ମାନେ ଯୋଗଦେଇ କୁଜଙ୍ଗ ଓ ପାରାଦୀପର ନବନିଯୁକ୍ତ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରତ୍ନାକର ବାଲିକୁଦା ବିଜେଡି ସଭାପତି



ବାଲିକୁଦା,୧୯।୧(ସମିସ): ବାଲିକୁଦା ବ୍ଲକ ବିଜେଡି ସଭାପତି ଭାବେ ତୃତୀୟ ଥର ପାଇଁ ରତ୍ନାକର ନାୟକ ମନୋନୀତ ହୋଇଛନ୍ତି। ପୂର୍ବରୁ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମୟରେ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦଳ ପୁଣି ରତ୍ନାକରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ତୃତୀୟ ଥର ସଭାପତି ପଦ ପାଇବା ପରେ ରତ୍ନାକର ଦଳୀୟ ମୁଖ୍ୟ ନବୀନ ପଟ୍ଟନାୟକ, ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୁଜଙ୍ଗ,୧୯।୧(ସମିସ): ଯୁବ ଶ୍ରମିକ ନେତା ମନିନ୍ଦ୍ର ଗୁରୁ ବିଜେଡି ଦଳର କୁଜଙ୍ଗ ବ୍ଲକ ସଭାପତି ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ମିଳିବାରେ ଲାଗିଛି। ଆଜି ଦଳର ଷଣ୍ଢପୁର ସ୍ଥିତ ବ୍ଲକ କାର୍ଯ୍ୟଳୟରେ ପ୍ରାକ୍ତନ ଜିଲ୍ଲା ଉପସଭାପତି କବି ପିତାମ୍ବର ତରାଇ, ବରିଷ୍ଠ ନେତା ରଘୁ ସାହୁ, ପ୍ରଫୁଲ୍ଲ କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ତଥା ମହିଳା ନେତ୍ରୀ ନନ୍ଦିନୀ ପଣ୍ଡା, ପୂର୍ବତନ ସମିତି ସଭ୍ୟା ସାକ୍ରା ଟୁଡୁ, ସୌଭାଗ୍ୟ ବିଶ୍ୱାଳ, ସାମଜିକ ଗଣମାଧ୍ୟମ ସଂଯୋଜକ ରଞ୍ଜିତ ପଣ୍ଡା, ଅରୂପ ପ୍ରସାଦ ମହାନ୍ତି, ଚୌଧୁରୀ ତପନ କୁମାର ମିଶ୍ର, ବିଚିତ୍ରା ନନ୍ଦ ପ୍ରଧାନ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପୂର୍ବତନ ସମିତି ସଭ୍ୟ କବିରଞ୍ଜନ ବେହେରା, ଯୁବ ନେତା ପରେଶ କୁମାର ନାଥ, ପ୍ରଭାସ ଗୋଚ୍ଛାୟତ, ଦୀପ୍ତିଭାନୁ ପାଣୀ, ରଞ୍ଜିତ କୁମାର ଦାସମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ ସଭାପତିଙ୍କ ସହ ଶ୍ରମିକ ନେତା ବାପି ସର୍ଖେଲ, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ୱାକାଥନ୍ ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ




ଢେଙ୍କାନାଳ,୧୯ ।୧(ସମିସ): ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ଏକ ୱାକାଥନ୍ ଆୟୋଜନ କରାଯାଇଛି। ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଏହି ୱାକାଥନ୍‌ରେ ଆଇଆଇଏମ୍‌ସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମିନି ଷ୍ଟାଡିୟମଠାରୁ ୱାକାଥନ ବାହାରି ରଥଗଡ଼ା ଦେଇ ଆଇଆଇଏମସି କ୍ୟାମ୍ପସ ପର୍ଯ୍ୟନ୍ତ ଯାଇଥିଲା। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ବିଷୟରେ ପିପିଟି ମାଧ୍ୟମରେ ଡାଟା ପ୍ରଦାନ କରି ଉପସ୍ଥାପନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଶିବାଶିଷ ସାହୁ ଓ ପ୍ରଫେସର ପ୍ରଧାନ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ହେଲମେଟ ପିନ୍ଧିବା, ସଡ଼କ ସୁରକ୍ଷା ନିୟମ ମାନିବା, ଗାଡ଼ି ଚଳାଇବା ବେଳେ ମଦ ନ ପିଇବା ଓ ଦୋଷୀ ବିରୋଧରେ ଫାଇନ ଓ ନିୟମ ଅନୁଯାୟୀ ପଦକ୍ଷେପ ନେବା ଆଦି ବିଷୟରେ ପରିବହନ ଅଧିକାରୀ ବର୍ଣ୍ଣନା କରିଥିଲେ।

# ଶୈବପୀଠ କପିଳାସରେ ନାହିଁ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ

ଢେଙ୍କାନାଳ,୧୯ ।୧(ସମିସ)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ବିଭିନ୍ନ ପର୍ବପର୍ବାଣୀରେ ଭକ୍ତଙ୍କ ଚଳପ୍ରଚଳ ସହିତ ଯାନବାହାନ ଚଳାଚଳ ମଧ୍ୟ ବୃଦ୍ଧି ପାଉଛି। ତେବେ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଏଠାରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ଯାତ୍ରୀମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବକୁ ପଡୁଛି। ସମୟ ସମୟରେ ବାରବାଙ୍କ ରାସ୍ତା ଘଣ୍ଟା ଘଣ୍ଟା ଧରି ଜାମ୍ ହୋଇଯାଉଛି। ଫଳରେ ଅନେକ ଶ୍ରଦ୍ଧାଳୁ ଭିଡ଼ ଦେଖି କପିଳାସ ପାଦଦେଶରୁ ଫେରିଯାଉଛନ୍ତି।

ଏବେ ସମୟ ବଦଳିଯାଇଛି। ପ୍ରତ୍ୟେକଙ୍କ ଘରେ ଦୁଇଚକିଆ, ଚାରିଚକିଆ ଗାଡ଼ି ରହିଛି। ସମସ୍ତେ ଚାହୁଁଛନ୍ତି ଗାଡ଼ିରେ କପିଳାସ ଉପରକୁ ଯିବାପାଇଁ। ପାହଚ ରାସ୍ତାରେ ଯିବାପାଇଁ ଆଉ କାହାର ଆଗ୍ରହ ନାହିଁ। ଆଉ ଏବେ ସମସ୍ତଙ୍କ ପାଖରେ ସମୟ ମଧ୍ୟ ଅଭାବ। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଗାଡ଼ିଗୁଡ଼ିକରୁ ଚଢ଼ା ଦରରେ ଏଣ୍ଟ୍ରି ଫିସ୍ ଆଦାୟ ହେଉଛି। ମାତ୍ର ପାର୍କିଂ ସୁବିଧା ଉପରେ ନଜର ନାହିଁ। ଛୁଟିଦିନରେ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ଚିଡ଼ିଆଖାନା ପୂର୍ବରୁ ଗାଡ଼ିଗୁଡ଼ିକ ପୀଠକୁ ଛାଡୁ ନ



ଥିବାରୁ କିଛି ଭକ୍ତ ଅସନ୍ତୋଷ ବ୍ୟକ୍ତ କରି ଦିଅଁ ଦର୍ଶନ ନ କରି ସେଠାରୁ ଫେରିଯାଉଛନ୍ତି। ବର୍ତ୍ତମାନ ଅବସ୍ଥା ଯାହା କପିଳାସ ପୀଠର ଉନ୍ନତି ଅନ୍ୟ ଶୈବପୀଠ ପରି ହେବା ଜରୁରୀ। ଯାତ୍ରୀମାନଙ୍କର ସୁବିଧା ପାଇଁ ବିଶ୍ରାମାଗାର, ସ୍ନାନାଗାର, ଶୌଚାଳୟ, ଭୋଜନାଳୟ, ପାନୀୟ ଜଳ ବ୍ୟବସ୍ଥା, ଆଲୋକ ଅବସ୍ଥା, ରାତିରେ ରହିବା ବ୍ୟବସ୍ଥା, ପ୍ରସାଦ ସେବନ ବ୍ୟବସ୍ଥା ସାଙ୍ଗକୁ ପୀଠରେ ବ୍ୟାପକ ପାର୍କିଂ ସୁବିଧା କରିବା ସାଙ୍ଗକୁ ବାରବାଙ୍କ ରାସ୍ତାକୁ ୱାନୱେ ରାସ୍ତାରେ ପରିଣତ କରାଯିବା ଆବଶ୍ୟକତା ରହିଛି। ଆଗାମୀ ୧୦୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଦରକାର। ପୀଠରୁ ନିଲାମ ବାବଦ ଆଦାୟ ହେଉଥିବା କୋଟିକୋଟି ଟଙ୍କା ପୀଠର ବିକାଶପାଇଁ

**ଯାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ**

ଖର୍ଚ୍ଚ କରା ନ ଯାଇ ସେ ଅର୍ଥକୁ ଦେବୋତ୍ତର ବିଭାଗରେ ନିୟୋଜିତ ଅନାବଶ୍ୟକ କର୍ମଚାରୀ ଦରମା ବାବଦ ଖର୍ଚ୍ଚ କରାଯାଉଛି, ଯେଉଁ କର୍ମଚାରୀମାନେ ଦେବୋତ୍ତର ବିଭାଗରୁ ଦରମା ନେଇ ଜିଲ୍ଲାର ଅନ୍ୟ ବିଭାଗରେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ କପିଳାସ ପୀଠରେ କୌଣସି ସ୍ଥାୟୀ ଜିମାଦାର ନାହାନ୍ତି। ଠାକୁରଙ୍କ ପର୍ବପର୍ବାଣୀ ଓ ଦୈନନ୍ଦିନ ନୀତି ପୂଜାରେ ଅର୍ଥାଭାବ ଦର୍ଶାଇ କାମଚଳା ନୀତିରେ ସେଗୁଡ଼ିକୁ ସମ୍ପନ୍ନ କରାଯାଉଛି। ଠାକୁରଙ୍କର ହଜାର ହଜାର ଏକର ଚାଷଜମି ଏବେ ଜବରଦଖଲକାରୀଙ୍କ ହାତରେ ରହିଛି। ଜିଲ୍ଲାପାଳ ଓ ବିଭାଗ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଙ୍କ ନିକଟରେ ଏସବୁ ଦେଖିବା ପାଇଁ ସମୟ ନ ଥିବାରୁ ବିଭାଗରେ ନିୟୋଜିତ ଜଣେ ନିରୀକ୍ଷକ ମନ ମୁତାବକ ସଂସ୍ଥାକୁ ପରିଚାଳନା କରୁଛନ୍ତି। ଭକ୍ତମାନଙ୍କ ମତାମତ ଏଠାରେ ଗ୍ରହଣ କରାଯାଉ ନାହିଁ କିମ୍ବା ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉନାହିଁ। କେତେକ ହାତଗଣତି ସେବାୟତ ଓ ପ୍ରଶାସନିକ ଅଧିକାରୀ ଯେଉଁମାନେ କି ଏଠାକାର ସ୍ଥାନୀୟ ଅଧିକାରୀ କିମ୍ବା ଭକ୍ତ ନୁହନ୍ତି, ସେମାନଙ୍କୁ ନେଇ ବୈଠକ କରି ବିଭାଗ ତା'ର କାର୍ଯ୍ୟ କରେ। ଆୟବ୍ୟୟର ହିସାବ ସାଧାରଣରେ ପ୍ରକାଶ ପାଏନାହିଁ। ଏସବୁର ସମାଧାନ କରାଯାଇ ପୀଠର ପବିତ୍ରତା ବଜାୟ ରଖିବା ସହ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାଙ୍କୁ କପିଳାସ ଯାତ୍ରୀ ପରିଷଦର ସଭାପତି ସୁକାନ୍ତ ମିଶ୍ର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଡିଆଇଇଟିରେ ଛାୟା ସଂସଦ ‘ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ସରକାରଙ୍କ ନିୟନ୍ତ୍ରଣ ଆବଶ୍ୟକ'

ଢେଙ୍କାନାଳ,୧୯ ।୧(ସମିସ): ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତୁ। ବାଚସ୍ପତି ଗୃହକୁ ପ୍ରବେଶ କରୁଛନ୍ତି। ବାଚସ୍ପତି ପୋଡିଅମ ନିକଟରେ ଥିବା ନିଜ ଆସନରେ ଉପବେଶନ କଲେ। ଗୃହକାର୍ଯ୍ୟ ଆରମ୍ଭ ହେଲା। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ନବନିର୍ବାଚିତ ଢେଙ୍କାନାଳ, କନ୍ଧମାଳ, ବାରଣାସୀ ଓ ମୟୂରଭଞ୍ଜ ସାଂସଦ ପଦ ଓ ଗୋପନୀୟତାର ଶପଥ ନେଲେ। ରାଷ୍ଟ୍ରପତି ଗୃହର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ଆଭିମୁଖ୍ୟ ଓ କଲ୍ୟାଣକାରୀ ଯୋଜନା ଉପରେ ସମ୍ବୋଧନ ରଖିଥିଲେ। ପରେ ଆରମ୍ଭ ହେଲା ପ୍ରଶ୍ନକାଳ। ପ୍ରଶ୍ନସଂଖ୍ୟା ୧୦୧, ୧୦୨, ୧୦୩ର ଉତ୍ତର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ପ୍ରଶ୍ନ ସଂଖ୍ୟା ୧୦୪ର ଉତ୍ତର ଶିକ୍ଷାମନ୍ତ୍ରୀ ରଖିଥିଲେ। କୃଷି ବିଭାଗ ସମ୍ପର୍କିତ ପ୍ରଶ୍ନ ସଂଖ୍ୟା ୧୦୫ର ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ଥିଲେ। ପ୍ଲାକାର୍ଡ ଦେଖାଇ ହୋହଲ୍ଲା ଓ ନାରାବାଜି କଲେ। ଫଳରେ ବାଚସ୍ପତି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କଲେ। ବିରୋଧୀ ଦଳ ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଲେ। ଗୃହର ନେତା ସେମାନଙ୍କୁ ବୁଝାସୁଝା କରି ପୁଣି ଗୃହକୁ ଫେରାଇ ଆଣିଥିଲେ। ଅପରାହ୍ନରେ ଆରମ୍ଭ ହେଲା ବିତର୍କ। ପ୍ରସଙ୍ଗ ଥିଲା ସାମାଜିକ




ଗଣମାଧ୍ୟମ ଉପରେ ସରକାରଙ୍କ ନିୟନ୍ତ୍ରଣ। ଉଭୟ ବିରୋଧୀ ଓ ଶାସକ ଦଳ ମଧ୍ୟରେ ଆରମ୍ଭ ହେଲା ତର୍କ। ଅନଲାଇନ ଗେମିଂ, ଅଶ୍ଳୀଳ ଭିଡିଓ, ଡାଟା ଚୋରି, ଆତଙ୍କବାଦୀ କାର୍ଯ୍ୟକଳାପ ଆଦି ସୋସିଆଲ ମିଡିଆ ଦ୍ୱାରା ତୁରନ୍ତ ବ୍ୟାପୁଥିବାରୁ ଏହା ଉପରେ ସରକାରଙ୍କ ଅଙ୍କୁଶ ରହିବା ଆବଶ୍ୟକ ବୋଲି ଶାସକ ଦଳ ତରଫରୁ ଯୁକ୍ତି ବଢ଼ାଯାଇଥିଲା। ସେହିପରି ବ୍ୟକ୍ତିର ବାକ୍ ସ୍ୱାଧୀନତା, ଗୋପନୀୟତା ଓ ବ୍ୟକ୍ତି ସ୍ୱାଧୀନତା ବ୍ୟାହତ ହେଉଥିବାରୁ ସରକାର ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ରଖିବା ଉଚିତ ନୁହେଁ ବୋଲି ବିରୋଧୀ ଯୁକ୍ତି କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ବାଚସ୍ପତି ରୁଲିଂ ଦେଇଥିଲେ ଯେ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ସରକାର କଟକଣା ରଖିବା ଉଚିତ। ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ବାଚସ୍ପତି ଗୃହକାର୍ଯ୍ୟ ସମାପ୍ତ କରିଥିଲେ। ଏ ଥିଲା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ସୋମବାର ଅନୁଷ୍ଠିତ ଛାୟା ସଂସଦର ଚିତ୍ର।

ରାଷ୍ଟ୍ରପତି, ବାଚସ୍ପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀଗଣ, ସାଂସଦଗଣ ନିଜ ବେଶ ପୋଷାକରେ ସଂସଦରେ ପହଞ୍ଚିଥିଲେ। ସୁରକ୍ଷା ବ୍ୟବସ୍ଥା ଥିଲା କଡ଼ାକଡ଼ି। ଅତିଥି ଓ ଭିଆଇପିଙ୍କ ଲାଗି ପାସ୍ ବ୍ୟବସ୍ଥା ଥିଲା। ଏହି ଛାୟା ସଂସଦ କାର୍ଯ୍ୟକ୍ରମରେ ଶିକ୍ଷାବିତ ସୁସନ୍ଧ୍ୟା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁଛାତ୍ରଛାତ୍ରୀଙ୍କ ବିଭିନ୍ନ ଭୂମିକାରେ ଅଭିନୟକୁ ପ୍ରଶଂସା କରିଥିଲେ। ଛାୟା ସଂସଦର କାର୍ଯ୍ୟକ୍ରମକୁ ପାଠ ସହ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଅଭିନବ ଶିକ୍ଷଣଶାସ୍ତ୍ର ପ୍ରସଙ୍ଗରେ ଛାୟା ସଂସଦ ଏକ ପ୍ରଭାବୀ ଶିକ୍ଷାଦାନ ପଦ୍ଧତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସ୍ନେହଲତା ରାଜ, ସୌମ୍ୟା ପଟ୍ଟନାୟକ ଓ ପ୍ରତିଭା ଦଳେଇ ପ୍ରମୁଖ ନିଜ ପ୍ରତିକ୍ରିୟା ରଖିଥିବା ବେଳେ ଶିକ୍ଷକ ଚନ୍ଦନ ନାଏକ, ଅନିମା ପରିଡ଼ା, ସୁଧୀର କୁମାର ମହାରଣା ଛାତ୍ରଛାତ୍ରୀଙ୍କ ଅଭିନୟର ପ୍ରଶଂସା କରିଥିଲେ। ଛାୟା ସଂସଦର ରାଷ୍ଟ୍ରପତି ଭୂମିକାରେ ସସ୍ମିତା ବେହେରା, ବାଚସ୍ପତି ସ୍ନିଗ୍ଧା ସୁଚରିତା ବାରିକ, ପ୍ରଧାନମନ୍ତ୍ରୀ ନୀହାର ରଞ୍ଜନ ବିଶ୍ୱାଳ, ସୂଚନା ପ୍ରସାରଣ ମନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା, କୃଷିମନ୍ତ୍ରୀ ହରିହର ରାଉଳ, ଶିକ୍ଷାମନ୍ତ୍ରୀ ତପସ୍ୱିନୀ ବିଶ୍ୱାଳ, ବିରୋଧୀ ଦଳ ନେତା ଭାବେ ବିଶ୍ୱଜିତ ମହାରଣା ଅଭିନୟ କରିଥିଲେ। ସେହିପରି ଅର୍ଦ୍ଦଳୀ ଭୂମିକାରେ ମାତୃପ୍ରସାଦ ଦେହୁରୀ ଓ ସଂସଦର ମହାସଚିବ ଭୂମିକାରେ ପ୍ରିୟଙ୍କା ତରାଇ ଦାୟିତ୍ୱ ନିର୍ବାହ କରିଥିଲେ। ସୁରକ୍ଷାକର୍ମୀ ଭାବେ ଅନିଲ ଦାଶ, ପ୍ରକାଶ ସେନାପତି ଓ ଜିତେନ୍ଦ୍ର ବାର୍ଲା ଅଭିନୟ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକର ୧୦୦ରୁ ଅଧିକ ଶିକ୍ଷକ, ୨୦୦ ଗୁରୁଛାତ୍ରଛାତ୍ରୀ ଓ ପ୍ରୟୋଗଶାଳା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ଓ ଛାତ୍ରଛାତ୍ରୀ ଏହାକୁ ଉପଭୋଗ କରିଥିଲେ।

### ପଥପାନ୍ତ ବନୀକରଣ ନାଁରେ ସରକାରୀ ଅର୍ଥ ଆତ୍ମସାତ

## ଗୋଟିଏ ପ୍ରକଳ୍ପକୁ ଦୁଇଥର କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ

ପରଜଙ୍ଗ,୧୯ ।୧(ସମିସ): ରାସ୍ତାପାଶ୍ୱର ନବୀକରଣ ନାଁରେ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପ୍ରକଳ୍ପକୁ ଦୁଇଥର କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ପରଜଙ୍ଗ ବ୍ଲକ କଙ୍କିଳି ଗ୍ରାମଠାରୁ ଭାୟା ମଝିଖମଣ ଦେଇ ୫୩ ନମ୍ବର ଜାତୀୟ ରାଜପଥ ପଥରଖୁମ୍ବ ଛକକୁ ନୂତନ ରାସ୍ତା ପାଶ୍ୱର୍ରେ କିଛିଦିନ ହେବ ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଣେଇ ରୋଡ ୫୩ନଂ ଜାତୀୟ ରାଜପଥଠାରୁ ମଝିଖମଣ ନିମନ୍ତେ କାର୍ଯ୍ୟ କୋଡ୍ ସଂଖ୍ୟା ୨୪୦୭୦୦୭/ ଡିପି/୧୦୮୨୪୦୦୨ ମୁତାବକ ୫.୫୮ ଲକ୍ଷ ଟଙ୍କା ମଞ୍ଜୁର ହେଇଥିଲା।



ସେହିପରି ସମାନ ରାସ୍ତାରେ ବନୀକରଣ ପାଇଁ କଙ୍କିଳିଠାରୁ ପଥରଖୁମ୍ବ ପର୍ଯ୍ୟନ୍ତ ୨.୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ କୋଡ୍ ସଂଖ୍ୟା-୨୪୦୭୦୦୭/ ଡିପି/୧୦୮୯୩୯୯୬ରେ କାର୍ଯ୍ୟ ହୋଇଥିବା ସୂଚନା ଫଳକରୁ ଜଣାପଡ଼ିଛି। ଗୋଟିଏ ରାସ୍ତାରେ ପଥପାନ୍ତ ବନୀକରଣ ନିମନ୍ତେ ଗତବର୍ଷ ଅଗଷ୍ଟରେ ଦୁଇଟି ପ୍ରକଳ୍ପ କାର୍ଯ୍ୟ ଦର୍ଶାଇ ଲକ୍ଷାଧିକ ଟଙ୍କା ହରିଲୁଟ କରିବାକୁ ସମୁଧା କରାଯାଇଛି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗଛ ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ମୁକ୍ତାପଶି ସେକ୍ସନ ବନପାଳ ପ୍ରଦୀପ୍ତ କୁମାର ଭଞ୍ଜଙ୍କୁ ପଚାରିବାରୁ କହିଲେ, ରାସ୍ତାର ଗୋଟିଏ ପାର୍ଶ୍ୱରେ ୪ ରନିଂ କିଲୋମିଟର ଓ ଅନ୍ୟ ପାର୍ଶ୍ୱରେ ୫ ରନିଂ କିଲୋମିଟର ଚାରାରୋପଣ କରାଯାଇଛି। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଚାରାରୋପଣ ସମୟର ସମସ୍ତ ଫଟୋ, ଭିଡିଓ ରହିଛି ବୋଲି ସେ କହିଛନ୍ତି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତ୍ରୁଟିପୂର୍ଣ୍ଣ କୋରିଆଁ ଓଭରବ୍ରିଜ୍ ଗୋଟିଏ ରାସ୍ତାରେ ଯିବାଆସିବା, ଦୁର୍ଘଟଣା ଆଶଙ୍କା

ଢେଙ୍କାନାଳ,୧୯ ।୧(ସମିସ): ସହର ଉପକଣ୍ଠ କୋରିଆଁ ଓଭରବ୍ରିଜକୁ ନେଇ ଯାତାୟତ କରୁଥିବା ଗାଡ଼ିଚାଳକଙ୍କ ମଧ୍ୟରେ ଦୁର୍ଘଟଣା ଆଶଙ୍କା ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଗୋଟିଏ ରାସ୍ତାଦେଇ ସହରକୁ ଯିବା ଏବଂ ସେହି ରାସ୍ତାଦେଇ କାମାକ୍ଷାନଗର, ତାଳଚେର, ରାଉରକେଲା ଭଳି ବିଭିନ୍ନ ସ୍ଥାନକୁ ଗାଡ଼ିମଟର ଯିବାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଢେଙ୍କାନାଳ ବାଇପାସ ଦେଇ ଜାତୀୟ ରାଜପଥର ସମ୍ପ୍ରସାରଣ ପରେ ଯାତାୟାତ ସୁବିଧା ଜନକ ହେବ ବୋଲି ସରକାର କରିଥିଲେ। କିନ୍ତୁ ଏହା କାହାପାଇଁ କେତେ ସୁରକ୍ଷିତ ଏବଂ ଯାତାୟାତରେ ସୁବିଧା ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟକ-ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ ନମ୍ବର ଜାତୀୟ ରାଜପଥ ଏବେ ବିପଦସଙ୍କୁଳ ହୋଇଛି। କଟକ ପାଶ୍ୱର୍ରୁ ଆସୁଥିବା ବସଗୁଡ଼ିକ ଢେଙ୍କାନାଳ ସହର ଭିତରକୁ ଯାଇ ବଜାର ମଧ୍ୟ ଦେଇ ଯିବା ପରେ କୋରିଆଁ ବାଇପାସ ଦେଇ ପୁନଶ୍ଚ ଅନୁଗୋଳ କିମ୍ବା ତାଳଚେର ପାର୍ଶ୍ୱକୁ ଯାତାୟାତ କରୁଛି। କୋରିଆଁଠାରେ ଓଭରବ୍ରିଜ ତଳେ ଅନୁଗୋଳ ରାସ୍ତାକୁ ଯିବାକୁ ହେଲେ ଅଣ୍ଡରପାସ ଦେଇ ଯିବା ପରେ ସମାନ ରାସ୍ତାରେ କାମାକ୍ଷାନଗର, ଅନୁଗୋଳ ପାଶ୍ୱର୍ରୁ ଆସୁଥିବା ଗାଡ଼ିଗୁଡ଼ିକ ଗୋଟିଏ ରାସ୍ତା ଦେଇ ଆସିବା ସହ କଟକ ଯାଉଥିବା ଗାଡିଗୁଡ଼ିକ ସମାନ ଅଣ୍ଡରପାସ ଦେଇ ଯିବାକୁ ପଡ଼ିଥାଏ।

କିନ୍ତୁ ସେଠାରେ କୌଣସି ଟ୍ରାଫିକ କିମ୍ବା ସୂଚନା ଫଳକ ନାହିଁ। ସେହିପରି କାମାକ୍ଷାନଗର ଦେଇ ତାଳଚେର, ପରଜଙ୍ଗ, କଙ୍କଡ଼ାହାଡ଼, ଭୁବନ, କେନ୍ଦୁଝର ଯିବାକୁ ହେଲେ ଗୋଟିଏ ରାସ୍ତାଦେଇ କାମାକ୍ଷାନଗର ଛକକୁ ଗଲେ ସେହିଠାରୁ କାମାକ୍ଷାନଗର ରାସ୍ତାରେ ଯିବାକୁ ହୁଏ। ରାସ୍ତାଟି ସଙ୍କୀର୍ଣ୍ଣ ହୋଇଥିବା ବେଳେ ସେହି ରାସ୍ତାରେ ଅନୁଗୋଳ ପାଶ୍ୱର୍ରୁ ଆସୁଥିବା ଗାଡ଼ି ସହ ଦୈନନ୍ଦିନ ସହରକୁ ଆସୁଥିବା ଶ୍ରମିକଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟର ବସ, ଟ୍ରକ, ଚାରିଚକିଆ ଯାନ, ବାଇକ୍ ଯିବାଆସିବା କରିବାକୁ ପଡ଼ିଥାଏ। ଗୋଟିଏ ରାସ୍ତାରେ ସମସ୍ତ ଗାଡ଼ି ଚଳାଚଳ କରୁଥିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। କାମାକ୍ଷାନଗର ଛକରେ କୌଣସି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ସେଠାରେ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ତେବେ ଓଭର ବ୍ରିଜ ଦେଇ କେବଳ ସହର ଭିତରକୁ ଯାଉ ନ ଥିବା ଗାଡିଗୁଡ଼ିକ ଯିବାକୁ ପଡୁଛି। ସେଠାରେ ନିର୍ମାଣ ହୋଇଥିବା ଗୋଲେଇ ଛକ କେଉଁ ସ୍ୱାର୍ଥରେ ହୋଇଛି ବୋଲି ପ୍ରଶ୍ନ ଉଠିଛି। କୋଟି କୋଟି ଟଙ୍କା ବ୍ୟୟରେ ଏଭଳି ନିର୍ମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଶ୍ଚ ସେହି ରାସ୍ତାରେ ଏଫସିଆଇ, ଉତ୍କଳ ଆଜବେଷ୍ଟସ ଆଦି କାରଖାନା ରହିଥିବାରୁ କାରଖାନା ଗାଡ଼ିଗୁଡ଼ିକ ମଧ୍ୟ ଅନେକ ସମୟରେ ଅସୁବିଧାର କାରଣ ପାଲଟିଛି। ଏହି ଓଭରବ୍ରିଜ ସମ୍ପୂର୍ଣ୍ଣ ଭାବେ ଖାମଖିଆଲ ନୀତିରେ ହୋଇଥିବା ଆଲୋଚନା ହେଇଛି।

## ଯୋଗମାୟା ଚ୍ୟାଲେଞ୍ଜର୍ସ ଟ୍ରଫି, ମେଣ୍ଢାଶାଳ ଚାମ୍ପିଅନ

ଭୁବନ,୧୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ଖେଳ ପଡ଼ିଆରେ ଚାଲିଥିବା ୪୧ତମ ଯୋଗମାୟା ଚ୍ୟାଲେଞ୍ଜର୍ସ ଟ୍ରଫି ଉଦଯାପିତ ହୋଇଛି।




ଫାଇନାଲରେ ଯାଜପୁର ଧବଳଗିରିକୁ ହରାଇ ଖୋର୍ଦ୍ଧା ମେଣ୍ଢାଶାଳ ଚାମ୍ପିଅନ ହୋଇଛି। ଟସ୍ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୨୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିଲୀପ ରାଉତ ୫୪ ବଲରେ ସର୍ବାଧିକ ୧୩୮ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଖୋର୍ଦ୍ଧା ଦଳ ୧୮ ଓଭର୍‌ରେ ୨୭୭ ରନ୍ ସଂଗ୍ରହ କରି ଟାଇଟଲ ହାତେଇଛି। ଦଳ ପକ୍ଷରୁ ଆଇ ଏସ୍ ଗିରି ୩୯ ବଲ୍‌ରେ ୭୮ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ରୁଦ୍ରନାରାୟଣ ଦାସ, ସଂଘମିତ୍ରା ବେହେରା, ଦୀପକ କୁମାର ଆଇଚ, ଅକ୍ଷୟ କୁମାର ବେହେରା, ଅଭିନେତ୍ରୀ ଜିନା ସାମଲ ଯୋଗଦେଇ ଚାମ୍ପିଅନ ଦଳକୁ ୫୦ ହାଜର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୪୦ ହାଜର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରିୟବ୍ରତ ମିଶ୍ର ଓ ଗିରିଜା ଶଙ୍କର ମିଶ୍ର ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।

ଶୁଭକାନ୍ତ ମିଶ୍ର, ସୁନୀଲ ରାଉତ ସ୍କୋର ସିଟ୍ ପରିଚାଳନା କରିଥିଲେ। ସତ୍ୟବ୍ରତ ମିଶ୍ର, ପ୍ରିୟବ୍ରତ ମିଶ୍ର, ବିପିନ କୁମାର ଦାସ, ଅମୂଲ୍ୟ ମିଶ୍ର ଓ ରଜତ ଦାଶ ସହଯୋଗ କରିଥିଲେ।

# ବୌଦ୍ଧଧର୍ମ ଓ ବୟନଶିଳ୍ପର ଗାଁ ସରାକପାଟଣା

**୯୮ ପ୍ରତିଶତ ଲୋକ ବୌଦ୍ଧ ଧର୍ମାବଲମ୍ବୀ**

ଢେଙ୍କାନାଳ,୧୯ ।୧(ସମିସ)

ସଦର ବ୍ଲକ ସରାକପାଟଣା ଗ୍ରାମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୩ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ସରାକପାଟଣା ରଙ୍ଗଣୀ ସମାଜ ପକ୍ଷରୁ ପଦଯାତ୍ରୀଙ୍କୁ ବୁଦ୍ଧ ମନ୍ଦିରରେ ସ୍ୱାଗତ କରାଯାଇଥିଲା। ମଠ, ମନ୍ଦିର, ରାଜବାଟୀ, ଦୁର୍ଗ ଇତ୍ୟାଦିକୁ ବାଦ୍ ଦେଲେ ଏମିତି ଆହୁରି ଅନେକ ଗାଁ ଓ ସାଂସ୍କୃତିକ ସଂଗଠନ ରହିଛି ଯେଉଁମାନେ ଯୁଗ ଯୁଗ ଧରି ଆମ ମାଟିର ଐତିହ୍ୟ ଓ ସ୍ୱାଭିମାନକୁ ଧାରଣ କରି ରହିଛନ୍ତି। ମାତ୍ର ଦୀପତଳ ଅନ୍ଧାର ଭଳି ଏଗୁଡ଼ିକ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ସେମିତି ଏକ ଗାଁ ହେଉଛି ଢେଙ୍କାନାଳ ଜିଲ୍ଲାର ଭାପୁର ବ୍ଲକ ଅନ୍ତର୍ଗତ ସରାକପାଟଣା। ଦୀର୍ଘ ୪୦୦ ବର୍ଷଧରି ଏହି ଗ୍ରାମରେ ତନ୍ତୁବାୟ ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି। ଗାଁର ଗୋଟିଏ ପାର୍ଶ୍ୱରେ ବୋହିଯାଉଛି ସାପୁଆ ନଦୀ। ସରାକପାଟଣାର ପ୍ରତ୍ୟେକ ପରିବାର ତନ୍ତରେ ଲୁଗାବୁଣି ପରିବାର ପୋଷଣ କରିଥାନ୍ତି। ଘରେ ଘରେ ହସ୍ତତନ୍ତ ଦ୍ୱାରା ବସ୍ତ୍ର ବୟନ ଏବେ ମଧ୍ୟ କରାଯାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଗାଁର ୯୮ ପ୍ରତିଶତ ଲୋକ ହେଉଛନ୍ତି ବୌଦ୍ଧ ଧର୍ମାବଲମ୍ବୀ। କାହିଁ କେଉଁ ପ୍ରାଚୀନ କାଳରୁ ସରାକ ସମ୍ପ୍ରଦାୟ (ତନ୍ତୀ) ର କିଛି ପରିବାର ସାପୁଆ ନଦୀ



ତୀରରେ ବସତି ସ୍ଥାପନ କରି ହସ୍ତତନ୍ତ ଦ୍ୱାରା ଲୁଗାବୁଣି ଜୀବିକା ନିର୍ବାହ କରୁଥିଲେ। ସେହି ସରାକମାନଙ୍କ ନାମ ଅନୁଯାୟୀ ଏହି ଗ୍ରାମର ନାମ ସରାକପାଟଣା ହୋଇଛି। ସାଧାରଣତଃ ଏହି ଗ୍ରାମରେ ରଙ୍ଗଣୀ ସମ୍ପ୍ରଦାୟର ଲୋକେ ଏବେ ବସବାସ କରି ନିଜ କୌଳିକ ବୃତ୍ତିକୁ ଧରି ରଖିଛନ୍ତି। ପ୍ରାୟ ସମସ୍ତଙ୍କ ଘରେ ଏକାଧିକ ତନ୍ତ ରହିଛି ଓ ପରିବାରର ବୟସ୍କ ଓ ଯୁବକମାନେ ଏହି ହସ୍ତତନ୍ତରେ ଲୁଗା ବୁଣାବୁଣି କରୁଛନ୍ତି।

ଏହି ଗ୍ରାମର ମଧ୍ୟସ୍ଥଳରେ ରହିଛି ଏକ ବୁଦ୍ଧ ମନ୍ଦିର। ମନ୍ଦିରରେ ସ୍ଥାପିତ ହୋଇଛି ବୁଦ୍ଧଙ୍କ ପାଷାଣ ପ୍ରତିମା। ଗ୍ରାମର ସମସ୍ତେ ବୌଦ୍ଧ ହୋଇଥିବାରୁ ଏଠାରେ ସମସ୍ତ ଲୋକ ସାକାହାରୀ ଓ ଜନ୍ମମୃତ୍ୟୁ ସଂସ୍କାରଠାରୁ ଆରମ୍ଭ କରି ସବୁ ସାମାଜିକ ରୀତିନୀତି ବୌଦ୍ଧ ଧାରା ଅନୁଯାୟୀ ଅନୁଷ୍ଠିତ ହୁଏ। ବୈଶାଖ ପୂର୍ଣ୍ଣିମା ବୁଦ୍ଧ ଜୟନ୍ତୀରେ ସରାକପଟଣାରେ ବଡ଼ ଉତ୍ସବ ଆୟୋଜିତ ହୋଇଥାଏ। କାହିଁକି, କେଉଁ ପରିସ୍ଥିତିରେ ଏହି ଗ୍ରାମର ଲୋକେ ବୌଦ୍ଧ ଧର୍ମାବଲମ୍ବୀ ହେଲେ ତାହାର ସଠିକ ତଥ୍ୟ ନାହିଁ। ମାତ୍ର ଭାରତରୁ ବୌଦ୍ଧଧର୍ମ ବିଲୁପ୍ତ ହୋଇ ଯାଉଥିବାବେଳେ ସରାକପାଟଣା ଗାଁର ୯୮ ପ୍ରତିଶତ ଲୋକ ବୌଦ୍ଧଧର୍ମକୁ ଧରି ରଖିଛନ୍ତି ଯାହା ସମସ୍ତଙ୍କ ପାଇଁ ଅନନ୍ୟ ଉଦାହରଣ ନିଶ୍ଚୟ। ବୋଧହୁଏ କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସରାକପାଟଣା ହେବ ଏକମାତ୍ର ବୌଦ୍ଧଧର୍ମର ଗାଁ ଯାହା ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ଜ୍ୱଳନ୍ତ ଉଦାହରଣ।

ଅତୀତରେ ଏହି ଗ୍ରାମକୁ ଚୀନ, ଜାପାନ, ତିବ୍ବତ ଓ ଶ୍ରୀଲଙ୍କାରୁ ବୌଦ୍ଧ ସନ୍ନ୍ୟାସୀମାନେ ପରିଦର୍ଶନରେ ଆସିଥିବା କଥା ଗ୍ରାମର ବରିଷ୍ଠ ସଂସ୍କୃତିପ୍ରେମୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ତନ୍ତରେ ଲୁଗା ବୁଣିବା ଓ ଏହାର କୌଶଳ ତଥା ବୁଣାକାରମାନଙ୍କର ଜୀବନ ଜୀବିକା ସମ୍ପର୍କରେ ଜାଣିବା ପାଇଁ ପଦଯାତ୍ରୀମାନେ ୫୦ରୁ ଊର୍ଦ୍ଧ୍ୱ ତନ୍ତ ପରିଦର୍ଶନ କରି ସେମାନଙ୍କ ସହ ଆଲୋଚନା କରିଥିଲେ। ପଦଯାତ୍ରାରେ ବୌଦ୍ଧଧର୍ମର ଐତିହ୍ୟକୁ ଧାରଣ କରିଥିବା ସରାକପାଟଣାର ଏହି ଅନନ୍ୟ ସାଂସ୍କୃତିକ ଐତିହ୍ୟକୁ ଅନ୍ୱେଷଣ କରିବା, ସେମାନଙ୍କ ଜୀବନଶୈଳୀ ଓ ଆଧ୍ୟାତ୍ମିକ ଭାବଧାରାକୁ ଜାଣିବା ପାଇଁ ପଦଯାତ୍ରୀମାନେ ଚେଷ୍ଟା କରିଥିଲେ। ପଦଯାତ୍ରାରେ ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସକ ତଥା ଗବେଷକ ତପନ କୁମାର ଶତପଥୀ, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଅର୍ଜନ ନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ହରପ୍ରିୟା ରାଉତ, ସୁଶାନ୍ତ କୁମାର ସାହୁ, ଅକ୍ଷୟ କୁମାର ଦାସ, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା, ସୁମିତ୍ରା ଦେବତା, ସୁଜିତ ଦେବତା, ପୀୟୂଷ ଅଗ୍ରୱାଲ, ଶ୍ରେୟା ସାମଲ, ସୁରେଶ ସାହୁ, ସ୍ମିତାଲୀ ବେହେରା ଓ ଢେଙ୍କାନାଳ କଲେଜର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରାକପାଟଣା ଗ୍ରାମବାସୀ ସହଯୋଗ କରିଥିଲେ।

### ■ ଶାରଳା କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଯୁବଜ୍ୟୋତି ଏଫସି ପଙ୍କାଳ



ଢେଙ୍କାନାଳ,୧୯ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରାଣୀ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଯୁବଜ୍ୟୋତି ଏଫସି ପଙ୍କାଳ ୧–୦ ଗୋଲରେ ଜେଡି ଏଫସି ସାଇଁବିରିକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୧ ତାରିଖ ଯୁବଜ୍ୟୋତି ଏଫସି ଓ ଖୁଣ୍ଟୁକଟା ଫୁଟବଲ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରେଫରୀ ଅରୁଣ ନାଏକ, ଅମୂଲ୍ୟ ସାମଲ ଓ ମହେଶ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଶାରଳା କ୍ଲବ ଗୁଣ୍ଡିଚାପଡ଼ା ଓ ଅହମଦିୟା କ୍ଲବ, ମୁକ୍ତାଦେଇପୁର ମଧ୍ୟରେ ଅନୁଷ୍ଠିତ ହେବ। ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି।

ସକାଳ
THE SAKALA


# ଭିତରକନିକାରେ ୧୮୫୮ କୁମ୍ଭୀର

ରାଜନଗର, ୧୯ ।୧ (ସମିସ): ବଉଳା କୁମ୍ଭୀରଙ୍କ ଭୂ-ସ୍ୱର୍ଗ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକା ଭିତରେ ଓ ବାହାରେ ଥିବା ନଦୀ, ନାଳଗୁଡ଼ିକରେ ୧୮୨୬ଟି ବଉଳା କୁମ୍ଭୀର ଠାବ କରାଯାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୫୮କୁ ବୃଦ୍ଧି ପାଇଛି।



## ଗତବର୍ଷଠାରୁ ୩୨ ବଢ଼ିଲେ

ଗତବର୍ଷଠାରୁ ଚଳିତ ବର୍ଷ ୩୨ଟି କୁମ୍ଭୀର ଅଧିକ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି।

କନିକା ରେଞ୍ଜର ପାଟଶାଳାମାଉଥିରୁ ଏଫଆରଏଚ୍ ଜେଟ୍ଟୀ ମଧ୍ୟରେ ୨ଟି, ଏଫଆରଏଚ୍ ଜେଟ୍ଟୀରୁ ଖୋଳାମାଉଥ୍ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ୨୦ ଫୁଟ୍‌ରୁ ଉର୍ଦ୍ଧ୍ୱ ଲମ୍ବର ଗୋଟିଏ ବଉଳା କୁମ୍ଭୀର ବନ ବିଭାଗ ଗଣନା ଟିମ୍ ଠାବ କରିଛି। ସେହିପରି, ଜୟନଗର-ଖୋଳା ମଝି ବାଲିପଠା, ଥାନପତିମାଉଥ୍, ଗଞ୍ଜେଇଖିଆ, ଶୁଆଯୋର, ଗୋଧରାପାଳ, ଗୁମୁରାଗାଁ ନିକଟରେ ୧୫ ଫୁଟ୍‌ରୁ ଅଧିକ ଲମ୍ବର କୁମ୍ଭୀର ଠାବ କରାଯାଇଛି ବୋଲି ବନ ବିଭାଗ କହିଛି। ଚଳିତ ମାସ ୮ ରୁ ୧୦ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବବିଜ୍ଞାନୀ ଡକ୍ଟର ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୨ଟି ଟିମ୍ ଏହି ଗଣନା କରିଥିଲେ। ଗଣନା ବେଳେ ୨ ଫୁଟ୍‌ରୁ କମ୍ ଲମ୍ବର ୫୩୧ଟି କୁମ୍ଭୀର ଛୁଆ ଠାବ ହୋଇଥିବା ବେଳେ ୮ ଫୁଟରୁ ଅଧିକ ଅର୍ଥାତ୍ ବଡ଼ କୁମ୍ଭୀର ୩୫୩ଟି ଦେଖାଯାଇଥିଲା ବୋଲି ଡିଏଫ୍‌ଓ ଭରଦ୍ୱାଜ ଗାଓଁଙ୍କର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୭୦ ମସିହା ମଧ୍ୟଭାଗ୍ୟରେ କରାଯାଇଥିବା ଏକ ସର୍ଭେରେ ଭାରତବର୍ଷରେ କୁମ୍ଭୀର ସଂଖ୍ୟା ନଗଣ୍ୟ ଥିଲା। ପରେ କୁମ୍ଭୀରଙ୍କ ବଂଶବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୋଜନା ଅନୁଯାୟୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାମୁଦ୍ରିକ ପ୍ରାଣୀବିଶେଷଜ୍ଞ ଡ. ଏଚ୍.ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ହେବ ବୋଲି ଚିହ୍ନଟ କରିଥିଲେ। ୧୯୭୫ ମସିହାରେ ୧୧୫ବର୍ଗକିମି ଅଞ୍ଚଳରେ ୫୦ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା। ପ୍ରଥମେ ୩୪ଟି ବଡ଼ କୁମ୍ଭୀରଙ୍କ ସମେତ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସଂଖ୍ୟା ୧୮୫୮ରେ ପହଞ୍ଚିଛି।

## ସରକାରଙ୍କ ନିୟମକୁ ଉଚ୍ଚଶିକ୍ଷା ବିଭାଗର ଫୁ'

# ଭିଜିଲାନ୍ସ ମାମଲା ସତ୍ତ୍ୱେ ପୁନଃ ନିଯୁକ୍ତି

ଭୁବନେଶ୍ୱର, ୧୯ ।୧(ସମିସ): ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପାଇଁ ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି। ବିଭାଗର ପ୍ରସ୍ତାବ ପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ କମିଟି ଏହାକୁ ତର୍ଜମା କରି ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପାଇଁ ବିଚାରକୁ ନିଆଯିବ ନାହିଁ ବୋଲି ସରକାର ନିୟମ କରିଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସରକାରଙ୍କୁ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇଦେଇଛି। ଭିଜିଲାନ୍ସ ମାମଲା ସତ୍ତ୍ୱେ ୩ ମାସ ପାଇଁ ପ୍ରଥମେ ପୁନଃ ନିଯୁକ୍ତି ଦେଇ ଏହାକୁ ଆଉ ବର୍ଷେ ବଢ଼ାଇବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

**ପୁଣି ବର୍ଷେ ବଢ଼ାଇଲେ କାର୍ଯ୍ୟକାଳ**

ସୂଚନା ଅନୁଯାୟୀ ଗତ ସେପ୍ଟେମ୍ବର ମାସରେ ସାମ୍‌ସ ସୋସାଇଟିରେ ଦୁଇଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ସଚିବ ଭାବେ ଅବସର ନେଇଥିବା ପ୍ରମୋଦ କୁମାର ମିଶ୍ର ଓ ରମାକାନ୍ତ ନାୟକଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି। ତନ୍ମଧ୍ୟରୁ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ସମୟରେ ପ୍ରମୋଦ ମିଶ୍ରଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି। ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ କଟକ ଡିଭିଜନ୍ ଭିଜିଲାନ୍ସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏହାର ତଦନ୍ତ କରୁଥିବା ଜଣା ପଡ଼ିଛି। ମାତ୍ର ସମସ୍ତ ନୀତିନିୟମକୁ ଫୁ' କରିଦେଇ ଦୁର୍ନୀତି ଅଭିଯୋଗ ଥିବା ଅଧିକାରୀଙ୍କୁ ଉଚ୍ଚଶିକ୍ଷା ବିଭାଗ କିପରି ନିଯୁକ୍ତି ଦେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଆହୁରି ସମ୍ବେଦନଶୀଳ ବିଷୟ ହେଲା ପ୍ରଥମେ ୩ ମାସ ପାଇଁ ନିଯୁକ୍ତି ପାଇଥିବାବେଳେ ଏହାକୁ ଆହୁରି ବର୍ଷେ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଆସନ୍ତା ନଭେମ୍ବର ୩୦ ତାରିଖ ଯାଏଁ ଦାୟିତ୍ୱରେ ରହିବେ। ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ନ ଦେବା ପାଇଁ ସରକାର ସ୍ୱତନ୍ତ୍ର ନିୟମ ଆଣିଥିବାବେଳେ ଉଚ୍ଚଶିକ୍ଷା ବିଭାଗରେ କିପରି ନିଯୁକ୍ତି ଦିଆଯାଉଛି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଖୋଦ୍ ବିଭାଗୀୟ ମୁଖ୍ୟ ବା ମୁଖ୍ୟ ସଚିବ କିପରି ଉଲଂଘନ କରି ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କୁ ନିଯୁକ୍ତି ଦେଲେ ବୋଲି ଆର୍‌ଟିଆଇ କର୍ମୀ ପ୍ରତାପ ମହାନ୍ତି ପ୍ରଶ୍ନ କରିଛନ୍ତି। ଚୟନ କମିଟିରେ ମୁଖ୍ୟ ସଚିବଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ସଚିବ ମଧ୍ୟ ସଦସ୍ୟ ଭାବେ ରହିଥିଲେ। ଏଣୁ ସେ ମଧ୍ୟ କିପରି ଜାଣି ପାରିଲେନି ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷରେ ଯଦି ତାଙ୍କ ନାମରେ କୌଣସି ମାମଲା ନ ଥିବା ଶ୍ରୀ ମିଶ୍ର ସତ୍ୟପାଠରେ ଦର୍ଶାଇଥିଲେ ତାଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# କଟ୍‌ନୀ ଛଟ୍‌ନୀକୁ ନେଇ ସାଙ୍ଗକୁ ହାଣିଲା

ପୋଲସରା,୧୯ ।୧(ସମିସ): ପୋଲସରା ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅନ୍ତର୍ଗତ ହାତୀଓଟ ଗ୍ରାମ ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀକୁ ନେଇ ସାଙ୍ଗକୁ ହାଣିଛି ସାଙ୍ଗ। ଆହତ ଯୁବକ ଜଣକ ହେଲେ ହାତୀଓଟ ଗ୍ରାମର ପ୍ରଦୀପ ପ୍ରଧାନ ଓ ଆକ୍ରମଣକାରୀ ଜଣକ ତାଙ୍କ ସାଙ୍ଗ ସେହି ଗ୍ରାମର ଅଭିରାମ ସ୍ୱାଇଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପ୍ରକାଶ ଯେ, ପ୍ରଦୀପ ଓ ଅଭିରାମ ଓରଫ ବାବୁ ଉଭୟ ବନ୍ଧୁ ଅଟନ୍ତି। ସୋମବାର ପ୍ରଦୀପ ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେଉଥିବାରୁ ଗାଁ ଲୋକଙ୍କୁ ମେଳି କରି ମଣ୍ଡିରେ ଏକତ୍ରିତ ପ୍ରତିବାଦ କରିବାକୁ ଯୋଜନା କରୁଥିଲେ। ଏନେଇ ଜାଣିବା ପରେ ଅଭିରାମ ବିରୋଧ କରିଥିଲା ଏବଂ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ କହିଥିଲା। ପରେ କଥା କଟାକଟି ହେବା ସହ ଉଭୟଙ୍କ ମଧ୍ୟରେ ବଚସା ଓ ଯୁକ୍ତିତର୍କ ହୋଇଥିଲା। ଏଥିରେ ଅଭିରାମ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ପ୍ରଦୀପର ଡାହାଣ ହାତକୁ ହାଣି ଚମ୍ପଟ ମାରିଥିଲା। ବାଲିଛାଇ ଫାଣ୍ଡି ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିରାମକୁ ଖୋଜୁଛି। ଗୁରୁତର ପ୍ରଦୀପକୁ ପରିବାର ଲୋକେ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ଉଭୟ ପ୍ରଦୀପ ଓ ଅଭିରାମ ସାଙ୍ଗ ହୋଇଥିଲେ ମଧ୍ୟ କିଛିଦିନ ହେବ ସମ୍ପର୍କରେ ତିକ୍ତତା ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ସମବାୟ ସଂସ୍ଥାରେ ଅଣ-ସମବାୟବିତ୍‌ଙ୍କ ରାଜୁତି

# ସମବାୟ ସୁରକ୍ଷା ଅଭିଯାନ ଆରମ୍ଭ କଲା କଂଗ୍ରେସ




ଭୁବନେଶ୍ୱର,୧୯ ।୧(ସମିସ): ବିଜେପି ସରକାରରେ ସମବାୟ ସଂସ୍ଥାଗୁଡ଼ିକ ବହୁ ଦେବାଳିଆ ହେବାରେ ଲାଗିଛି। ଅଣ ସମବାୟବିତ୍‌ମାନଙ୍କ ପରିଚାଳନା ଦ୍ୱାରା ସମବାୟ ସଂସ୍ଥାଗୁଡ଼ିକ ଦୁର୍ନୀତିର ପାହାଡ଼ରେ ପରିଣତ ହୋଇଛି। ସମବାୟ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟଦାବୀ ପୂରଣ କରାଯାଉନାହିଁ। ସମବାୟ ତେଲକଳ, ସୂତାକଳ, ଚିନିକଳ ଅଚଳ । ଆରଏମସିଗୁଡ଼ିକ ଚାଷୀଙ୍କ ପାଇଁ ଠିକଣା ଢଙ୍ଗରେ କାମ କରୁନି। ଧାନ ଓ ଅନ୍ୟାନ୍ୟ ଫସଲ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନ ଥିବା ସହିତି ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଏପର୍ଯ୍ୟନ୍ତ ସରକାରଙ୍କ ଘୋଷଣା କେବଳ ପ୍ରଚାର ସର୍ବସ୍ୱ ଓ କାଗଜ କଲମରେ ସୀମିତ ରହିଛି । ତେଣୁ ଏହାର ପ୍ରତିବାଦ ଓ ସମବାୟ ସଂସ୍ଥାଗୁଡ଼ିକର ସୁରକ୍ଷା ନିମନ୍ତେ କଂଗ୍ରେସ ଅଭିଯାନ ଆରମ୍ଭ କରିଛି ବୋଲି କହିଛନ୍ତି କଂଗ୍ରେସର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଦେଶର ପ୍ରତି ପଞ୍ଚାୟତସ୍ତରରେ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା କରିବା ଦ୍ୱାରା ସମବାୟ ସମୃଦ୍ଧିଶାଳୀ ହୋଇଥିଲା ଏବଂ ସାହୁକାର ଓ ଶୋଷଣରୁ ଚାଷୀ ମୁକ୍ତି ପାଇଥିଲେ। ଓଡ଼ିଶାରେ ସମବାୟର ପ୍ରାଣ ପ୍ରତିଷ୍ଠାତା କୁଳବୃଦ୍ଧ ମଧୁସୂଦନ ଦାସ ସମବାୟର ବିକାଶ ପାଇଁ ଯେଉଁ ଚିତ୍ର ଆଙ୍କି ଯାଇଛନ୍ତି କଂଗ୍ରେସ ସରକାର ସମୟରେ ବିଶ୍ୱାସର ସହିତ ଏହା କାର୍ଯ୍ୟକାରୀ କରାଯାଇଥିଲା। ମାତ୍ର ଏବେ ଏହା ଭୁଶୁଡ଼ି ପଡ଼ିଛି। ତେଣୁ ସମବାୟ ସଂସ୍ଥାଗୁଡ଼ିକର ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସେ ସରକାରଙ୍କୁ ସତର୍କ କରାଇଛନ୍ତି।

ସମବାୟର ସାମଗ୍ରୀକ ବିକାଶ ଓ ପୁନରୁଦ୍ଧାର ପାଇଁ ବିଶିଷ୍ଟ ସମବାୟବିତ୍‌ମାନଙ୍କୁ ନେଇ ରାଜ୍ୟରେ ଏକ ଟାସ୍କ ଫୋର୍ସ କମିଟି ଗଠନ, ସମବାୟ ଏକାଡେମୀ ପ୍ରତିଷ୍ଠା, ପ୍ରଚାର ଓ ପ୍ରସାରଣ ପାଇଁ ରାଜ୍ୟ ସମବାୟ ୟୁନିୟନ ଲିଃକୁ ସଶକ୍ତ କରିବା ସହିତ ଶିକ୍ଷା ପାଣ୍ଠିର ବୃଦ୍ଧି, ସମବାୟ ପାଇଁ ବାର୍ଷିକ ବଜେଟରେ ଅଭିବୃଦ୍ଧି, ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷିଋଣ ଛାଡ଼, ପ୍ରତି ସବ୍‌ଡିଭିଜନରେ ତୁରନ୍ତ ଶୀତଳ ଭଣ୍ଡାର ଓ ପ୍ରତି ଗ୍ରାମ ପଞ୍ଚାୟତରେ ଗୋଦାମ ଗୃହ ନିର୍ମାଣ, ଶୀତଳଭଣ୍ଡାର ଉଦ୍ୟୋଗୀମାନଙ୍କୁ ପାଇଁ ସମ୍ପୂର୍ଣ୍ଣ ବିଦ୍ୟୁତ ଛାଡ଼ ପ୍ରଭୃତି ପାଇଁ କଂଗ୍ରେସ ସମବାୟ ପ୍ରକୋଷ୍ଠ ଦାବି କରିଛି। ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ରାଘବ ଚନ୍ଦ୍ର ପରିଡ଼ା, ପୂର୍ବତନ ବିଧାୟକ ଡଃ. ତ୍ରିନାଥ ସାହୁ ଏବଂ ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ■ ଅଙ୍ଗନବାଡି କର୍ମଚାରୀଙ୍କ ବକେୟା ପ୍ରଦାନ କରାନଯିବା ପ୍ରସଙ୍ଗ

# ୫ ଦିନ ମଧ୍ୟରେ ପଇଠ ନହେଲେ ସୁଧ ଗଣିବେ ସରକାରୀ ବାବୁ

କଟକ, ୧୯ ।୧(ସମିସ): ରାଜ୍ୟ ସରକାର ନିଜ କର୍ମଚାରୀଙ୍କ ପ୍ରତି ଏକ 'ଆଦର୍ଶ ନିଯୁକ୍ତିଦାତା' ଭାବେ ଆଚରଣ କରିବା ଉଚିତ। ଜଣେ କର୍ମଚାରୀଙ୍କୁ ତାଙ୍କର ନ୍ୟାଯ୍ୟ ଦରମାରୁ ବଞ୍ଚିତ କରିବା ତାଙ୍କର ଜୀବିକା ନିର୍ବାହ ଅଧିକାରକୁ କ୍ଷୁଣ୍ଣ କରୁଛି। ଦରମାରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ସିଧାସଳଖ ଉଲ୍ଲଂଘନ। କାର୍ଯ୍ୟ କରିବା ପରେ କୌଣସି କର୍ମଚାରୀଙ୍କ ଦରମା ଅଟକାଇ ରଖିବା ସରକାରଙ୍କ ପକ୍ଷେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ପୁଷ୍ପାଞ୍ଜଳି ସାହୁ ନାମକ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଦୀର୍ଘ ଦିନ ଧରି ଦରମାରୁ ବଞ୍ଚିତ କରାଯିବା ଘଟଣାରେ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି। ଆବେଦନକାରୀ ଅଙ୍ଗନବାଡ଼ି କର୍ମୀଙ୍କ ବକେୟା ଦରମା ୧୫ ଦିନ ମଧ୍ୟରେ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମୟ ସୀମାରେ ଏହି ଅର୍ଥ ପ୍ରଦାନ କରା ନଗଲେ, ପ୍ରତିପକ୍ଷ ସରକାରୀ ଅଧିକାରୀ ବାର୍ଷିକ ୯ ପ୍ରତିଶତ ସୁଧ ଗଣିବେ ଗଣିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ, ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ପ୍ରଥମଖଣ୍ଡି ପଞ୍ଚାୟତର ୬ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରେ ଆବେଦନକାରୀ ୨୦୨୫ ଜୁଲାଇ ୨୪ରୁ ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ଦିନଠାରୁ ସେ ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ମାସିକ ଦରମା ପ୍ରଦାନ କରାଯାଇନଥିଲା। ବାରମ୍ବାର ଆବେଦନ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ହସ୍ପିଟାଲ ବାଥରୁମ୍‌ରେ ଶିଶୁ ଜନ୍ମ କରି ମା' ଫେରାର୍

ଭଦ୍ରକ, ୧୯ ।୧(ସମିସ): ରବିବାର ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବାଥରୁମ୍‌ରେ ଏକ ନବଜାତ ଶିଶୁକନ୍ୟାକୁ ଛାଡ଼ି ମା' ଫେରାର୍ ହେବା ଭଳି ଅଘଟଣ ଘଟିଛି। ନବଜାତ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଜଣାଯାଇଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏମିସିଏଚ୍‌ର ମହିଳା ୱାର୍ଡରେ କେହି ଜଣେ ମହିଳା ବାଥରୁମରେ ଶିଶୁ ଜନ୍ମ କରି ଛାଡ଼ି ପଳାଇଥିଲେ। ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ବାଥରୁମ୍ ଯାଇଥିବା ବେଳେ ନବଜାତକକୁ ଦେଖି ମେଡିକାଲ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ପରେ ଶିଶୁକନ୍ୟା ମୃତ ବୋଲି ଜଣାପଡ଼ିଥିଲା। ତେବେ ଶିଶୁର ମାଆକୁ ଠାବ କରାଯାଇନଥିବା ବେଳେ ଡ୍ୟୁଟିରେ ଥିବା କର୍ମଚାରୀ ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ବନ୍ୟପ୍ରାଣୀଙ୍କ ଭିଡିଓ ପୋଷ୍ଟ ଉପରେ ଲାଗୁନି ରୋକ୍

ଭୁବନେଶ୍ୱର,୧୯ ।୧(ସମିସ): ସୋସିଆଲ ମିଡ଼ିଆରେ ବେଆଇନ ବନ୍ୟପ୍ରାଣୀ ଭିଡିଓ ପୋଷ୍ଟ କରିବାରେ ରୋକ୍ ଲାଗିପାରୁନି। ଖୋଦ୍ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଲିଖିତ ବିଜ୍ଞପ୍ତି ସତ୍ତ୍ୱେ ଏହି ନିୟମ ପାଳନ ସୁନିଶ୍ଚିତ କରାଇବାରେ ଡିଏଫ୍‌ଓମାନେ ବିଫଳ ହୋଇଛନ୍ତି। ବନ ବିଭାଗର ଏଭଳି ଖାମଖିଆଲି ନୀତି ଯୋଗୁଁ ଯେ କେହିବି ବନ୍ୟପ୍ରାଣୀଙ୍କ ସହ ଭିଡିଓ ସୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ବନ୍ୟପ୍ରାଣୀ ଆଇନ ଖୁଲମଖୁଲ୍ଲା ଉଲ୍ଲଂଘନ ହେଉଥିଲେ ମଧ୍ୟ ଏକ୍ଷେତ୍ରରେ କାହିଁକି ଜିଲ୍ଲାସ୍ତରରେ ବନ ବିଭାଗ ଅଧିକାରୀମାନେ ଚୁପ ବସିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ, କେନ୍ଦୁଝରରେ ଏକ ପୁରୁଣା ଭିଡିଓରେ ବନ୍ୟପ୍ରାଣୀ ନିୟମ ଉଲ୍ଲଂଘନ ହୋଇଥିବା ଦର୍ଶାଇ ଏହି ଭିଡିଓକୁ ହଟାଇବା ପାଇଁ ସ୍ଥାନୀୟ ଡିଏଫ୍‌ଓ ୟୁ-ଟ୍ୟୁବ୍‌କୁ ପତ୍ର ଲେଖିବା ପରେ ଏହି ଚର୍ଚ୍ଚା ଆହୁରି ବଢ଼ିଛି।

କେନ୍ଦୁଝର ଡିଏଫ୍‌ଓ ହନୁମନ୍ତ ଧନରାଜଙ୍କ ପକ୍ଷରୁ ୟୁ-ଟ୍ୟୁବ୍‌କୁ ଲିଖିତ ପତ୍ରରେ ୭ ଅଗଷ୍ଟ ୨୦୧୯ରେ ପୋଷ୍ଟ ହୋଇଥିବା ଭିଡିଓକୁ ହଟାଇବାକୁ କୁହାଯାଇଛି। ଏହି ଭିଡିଓରେ 'ଅହିରାଜ ଅଣ୍ଡା ଉଦ୍ଧାର କରି ଏହାକୁ ଜଙ୍ଗଲରେ ଛାଡ଼ିବା'ର ଦୃଶ୍ୟ ରହିଛି। ଭଦ୍ରକ ଜଣେ ସାପ ଉଦ୍ଧାରକାରୀ ଏହି ଭିଡିଓ କରି ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ବନ୍ୟ ପ୍ରାଣୀ ଆଇନ ଅନୁଯାୟୀ ଅହିରାଜ ସାପ ସୁଡ୍ୟୁଲ-୧ ବନ୍ୟପ୍ରାଣୀ ଶ୍ରେଣୀଭୁକ୍ତ। ଅହିରାଜ ସାପର ବସାରୁ ଅଣ୍ଡା ହଟାଇବା ଏକ ଧର୍ତ୍ତବ୍ୟ ଅପରାଧ। କେନ୍ଦୁଝରେ ଡିଭିଜନର ଘଟଗାଁ ରେଞ୍ଜ ଅଧୀନରେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲରୁ ଏହାକୁ ଉଦ୍ଧାର କରାଯାଇଥିଲା। ମାତ୍ର ସ୍ଥାନୀୟ ବନ ବିଭାଗକୁ ନ ଜଣାଇ ସମ୍ପୃକ୍ତ ସାପ ଉଦ୍ଧାରକାରୀ ଅହିରାଜ ବସାରୁ ଅଣ୍ଡାଗୁଡ଼ିକ ହଟାଇଥିଲେ। ବନ୍ୟପ୍ରାଣୀ ଆଇନ ଧାରା ୨ (୧୬) ଅନୁଯାୟୀ କୌଣସି ପକ୍ଷୀ ବା ସରୀସୃପଙ୍କ ବସା ନଷ୍ଟ କରିବା ବା ଅଣ୍ଡା ହଟେଇବା ଶିକାର ବୋଲି ପରିଗଣିତ। ତେଣୁ ଏଭଳି ବେଆଇନ କାମ କେନ୍ଦୁଝର ଡିଏଫଓଙ୍କ ଅଧୀନରେ ହୋଇଥିବାରୁ ସେ ୟୁଟ୍ୟୁବକୁ ନୋଟିସ ଦେଇଛନ୍ତି।

କେନ୍ଦୁଝର ଡିଏଫ୍‌ଓଙ୍କ ଏଭଳି କାର୍ଯ୍ୟ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ବନ୍ୟପ୍ରାଣୀ ନିୟମ ଉଲ୍ଲଂଘନକାରୀଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ସହ ଭିଡିଓ କରି ଏହାକୁ ପୋଷ୍ଟ କରିବା ଉପରେ କଡ଼ା ଆପତ୍ତି ଉଠାଇ ଦୁଇବର୍ଷ ହେବ ରୋକ୍ ଲଗାଯାଇଛି। ଏହା ସତ୍ତ୍ୱେ କଟକଣା ଉଲ୍ଲଂଘନ କରି ସାପ ଧରିବା ଭିଡିଓ ପାଇଁ ଭଦ୍ରକର ସମ୍ପୃକ୍ତ ସାପ ଉଦ୍ଧାରକାରୀ ଗିରଫ ହୋଇଥିଲେ। ଏହାର କିଛି ଦିନ ପରେ ଯାଜପୁରରେ ମାଙ୍କଡ଼ ଧରି ସେମାନଙ୍କୁ ଖାଇବାକୁ ଦେଇ ଭିଡିଓ ପୋଷ୍ଟ କରୁଥିବା ଦମ୍ପତିଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ମାମଲାକୁ ବିଶେଷ ଗୁରୁତ୍ୱ ଦିଆ ନଯିବାରୁ ବନ ବିଭାଗର ନିର୍ଦ୍ଦେଶନାମାକୁ ସମସ୍ତେ ପାସୋରି ଯାଇଥିଲେ। ଏବେ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ବନ୍ୟପ୍ରାଣୀଙ୍କ ସହ ଭିଡିଓ କରାଯାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଛି। ଏହି ଭିଡିଓଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ଅଧିକ କୌତୂହଳ ସୃଷ୍ଟି କରୁଛି ଓ ବହୁ ଲୋକ ଏହାକୁ ଦେଖୁଛନ୍ତି। ଏହାଦ୍ୱାରା ପୋଷ୍ଟକାରୀ ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିବାରୁ ସାରା ରାଜ୍ୟରେ ଏଭଳି ମାମଲା ବଢ଼ି ଚାଲିଛି।

■ ନିୟମ ସୁନିଶ୍ଚିତ କରାଇବାରେ ଡିଏଫ୍‌ଓ ବିଫଳ
■ ମହଙ୍ଗା ପଡ଼ିପାରେ ଅହିରାଜ ଅଣ୍ଡା ହଟାଇବା
■ ଭିଡିଓ ହଟାଇବାକୁ ୟୁ-ଟ୍ୟୁବ୍‌କୁ ବନ ବିଭାଗର ଚିଠି

## ୬୫୦ ବୋତଲ କଫ୍-ସିରପ୍ ଜବତ, ୩ ଗିରଫ

ପୁରୀ/ସାକ୍ଷୀଗୋପାଳ,୧୯।୧(ସମିସ): ଅପରେସନ୍ ଚକ୍ର ଅଭିଯାନରେ ପୁରୀ ପୁଲିସ ବେଆଇନ ନିଶାଦ୍ରବ୍ୟ କ୍ଷେତ୍ରରେ ବଡ଼ ସଫଳତା ମିଳିଛି। ସତ୍ୟବାଦୀ ଏବଂ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ପୃଥକ୍ ପୃଥକ୍ ଅଭିଯାନରେ ପୁଲିସ ୬୫୦ ବୋତଲ ବେଆଇନ କଫ୍ ସିରପ୍ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରିଛି।

ରବିବାର ସତ୍ୟବାଦୀ ଥାନା ପୁଲିସ ପାଟ୍ରୋଲିଂ ସମୟରେ ପଟ୍ଟନାୟିକିଆ ଛକ ନିକଟରେ ଜଣେ ଦ୍ରୁତଗାମୀ ବାଇକ୍ ଆରୋହୀଙ୍କୁ ସନ୍ଦେହ କରିଥିଲା। ପୁଲିସ ପିଛା କରି ତାକୁ ବରାଳ ଛକ ନିକଟରେ ଗିରଫ କରିଥିଲା। ତଲାସୀ ସମୟରେ, ଅଭିଯୁକ୍ତ ରାଜେନ୍ଦ୍ର ଜେନା (୪୩)ଙ୍କଠାରୁ ବ୍ୟାଗରେ ଦୁଇଟି କାର୍ଟୁନରେ ୨୮୦ ବୋତଲ ଏସ୍କଫ୍ କଫ୍ ସିରପ୍ ଜବତ କରାଯାଇଥିଲା। ପୁଲିସ ଅଭିଯୁକ୍ତର ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ନଗଦ ୩୨୦ ଟଙ୍କା ମଧ୍ୟ ଜବତ କରିଥିଲା। ପୁଲିସର କହିବା ଅନୁଯାୟୀ, ଗିରଫ ହେବା ପରେ ଅଭିଯୁକ୍ତ ରାଜେନ୍ଦ୍ର ଅଧିକାରୀଙ୍କ ସହିତ ଖରାପ ବ୍ୟବହାର ପ୍ରଦର୍ଶନ କରି ଖସିଯିବାକୁ ଚେଷ୍ଟା କରିଥିଲା।

## ନିୟମ ଅନୁସାରେ ଖଣିଜଦ୍ରବ୍ୟ ଉତ୍ତୋଳନ ହେଉନଥିବା ପ୍ରସଂଗ

# ହାଇକୋର୍ଟରେ ଆଡଭୋକେଟ ଜେନେରାଲଙ୍କ ଯୁକ୍ତି ଉପସ୍ଥାପନ

କଟକ,୧୯ ।୧(ସମିସ): ନିୟମ ଅନୁସାରେ ଖଣି ଲିଜଧାରୀମାନେ ଯେତିକି ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପ୍ରେରଣ ନ କରିବା ନେଇ ରାଜ୍ୟ ସରକାରଙ୍କ ତରଫରୁ ଖଣିଜ ନିୟମାବଳୀର ନିୟମ ୧୨(କ) ଅନୁସାରେ ଲିଜଧାରୀଙ୍କୁ ଡିମାଣ୍ଡ ନୋଟିସ ଜାରି କରାଯାଇଥିଲା। ନିୟମ ୧୨(କ)ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ତଥା ଡିମାଣ୍ଡ ନୋଟିସକୁ ବିରୋଧ କରି ଖଣିଲିଜଧାରୀଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆଜି ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିବା ବେଳେ ଶୁଣାଣି ଅସମ୍ପୂର୍ଣ୍ଣ ରହିଛି। ମଙ୍ଗଳବାର ଅଧିକ ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୂର୍ବରୁ ଜାରି କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶଥାଉକି ହାଇକୋର୍ଟ ମାମଲାଗୁଡ଼ିକର ପ୍ରାରମ୍ଭିକ ଶୁଣାଣି କରି ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିବା ସହ ଆବେଦନକାରୀ ଲିଜଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଅନ୍ତରୀଣ ରୋକ ଲଗାଇଥିଲେ।

# ଓଡ଼ିଶାରେ ୪୫୦୦ କୋଟି ନିବେଶ କରିବ ସିଇଏସସି ଗ୍ରୀନ ପାୱାର୍

ଭୁବନେଶ୍ୱର,୧୯।୧(ସମିସ): ରାଜ୍ୟରେ ସବୁଜ ଶକ୍ତିର ଉତ୍ପାଦନ ପାଇଁ ରାଜ୍ୟ ସରକାର କ୍ରମାଗତ ଉଦ୍ୟମ ଜାରି ରଖିଛନ୍ତି। ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଏଥିରେ ଶିଳ୍ପ ନୀତି-୨୦୨୨ ସହ ବିଭିନ୍ନ ପ୍ରକାରର ରିଆତି ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ଏହି କ୍ରମରେ ନିକଟରେ ସିଇଏସସି ଗ୍ରୀନ୍ ପାୱାର ଲିମିଟେଡ୍ ଇପିକଲ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ଅନୁଯାୟୀ କମ୍ପାନୀ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ତହସିଲ୍ ଅଧୀନରେ ଥିବା ଛତିଆ-ଅମ୍ବଖଲାଠାରେ ୩ ଗିଗାୱାଟ୍ କ୍ଷମତା ବିଶିଷ୍ଟ ସୌର ସେଲ୍, ୩ ଗିଗାୱାଟ୍ ସୌର ମଡ୍ୟୁଲ୍, ୫ ଗିଗାୱାଟ୍ ବିଶିଷ୍ଟ ଆଡଭାନ୍ସଡ୍ କେମିଷ୍ଟ୍ରି ସେଲ୍ ପ୍ୟାକ୍ ଏବଂ ୬୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିପାଇଁ କମ୍ପାନୀ ମୋଟ ୪୫୦୦ କୋଟି ଟଙ୍କା ନିବେଶ କରିବ।

■ ଇପିକଲ ସହ ଏମଓୟୁ ସ୍ୱାକ୍ଷର
■ ଫେବ୍ରୁଆରୀରେ ହେବ ଓଡ଼ିଶା କ୍ଲିନଟେକ ଗ୍ଲୋବାଲ ଏକ୍ସପୋ

ସୂଚନାଯୋଗ୍ୟ, ନିକଟରେ କୋଲକାତାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ରାଜ୍ୟ ସରକାର ସବୁଜ ଶକ୍ତି କ୍ଷେତ୍ରରେ ନିବେଶକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇପାରିଛନ୍ତି। ସମ୍ମିଳନୀରେ ମୋଟ ୨୭ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ସବୁଜ ଶକ୍ତି କ୍ଷେତ୍ରରେ ୨ଟି ଏମଓୟୁ ସ୍ୱାକ୍ଷରତି ହୋଇଛି। ଏହାଦ୍ୱାରା ରାଜ୍ୟରେ ମୋଟ ୨୭୨୨୨କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ୨୧୯୬ ଜଣଙ୍କୁ ନିଯୁକ୍ତି ମିଳିବ। ଅପରପକ୍ଷେ, ଆସନ୍ତା ଫେବ୍ରୁଆରୀ ୧୨ ଓ ୧୩ ତାରିଖରେ ଓଡ଼ିଶା କ୍ଲିନଟେକ୍ ଗ୍ଲୋବାଲ ଏକ୍ସପୋ-୨୦୨୬ ଆୟୋଜିତ ହେବାକୁ ଯାଉଛି। ଏଥିରେ ୨୦ଟି ଦେଶର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କମ୍ପାନୀ ଏବଂ ସେମାନଙ୍କର ପ୍ରତିନିଧି ଯୋଗଦେବେ। ଏହି ଏକ୍ସପୋ'ରୁ ମଧ୍ୟ ରାଜ୍ୟ ସରକାର ବଡ଼ଧରଣର ନିବେଶ ଆଶା ରଖିଥିବା ଜଣାପଡ଼ିଛି।

## ଓୟୁଟିଆର୍‌ର ତୃତୀୟ ସମାବର୍ତ୍ତନ ଉତ୍ସବ

# ସମାଜର ହିତ ପାଇଁ ଜ୍ଞାନକୁ ଉପଯୋଗ କରନ୍ତୁ ଛାତ୍ରଛାତ୍ରୀ: ରାଜ୍ୟପାଳ

ଭୁବନେଶ୍ୱର, ୧୯ ।୧(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉତ୍ସବରେ ସଭାପତିତ୍ୱ କରିବା ସହ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ସେ କହିଛନ୍ତି ଯେ ଆଜିଠାରୁ ଜୀବନର ନୂତନ ଯାତ୍ରା ଆରମ୍ଭ ହେବ। ନିଜର ଜ୍ଞାନକୁ ସମାଜର ବୃହତ୍ତର ସ୍ୱାର୍ଥ ସାଧନ ପାଇଁ ଉପଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଶିକ୍ଷାନୁଷ୍ଠାନ ଶିକ୍ଷାଦାନ ସମେତ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କହିବା ସହ ସମୟକ୍ରମେ ଶିଖର ଛୁଇଁବ ଓ ଛାତ୍ରଛାତ୍ରୀମାନେ ଏହାର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଆଇ, ଡାଟା ସାଇନ୍ସ, ଅଟୋମେସନ ରିନୋବୁଲ ଏନର୍ଜି ଓ ସ୍ପେସ୍ ଟେକ୍ନୋଲୋଜିକୁ ବ୍ୟବହାର କରି ଦୈନନ୍ଦିନ ଜୀବନକୁ ସରଳ ସୁଗମ କରିବା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ବଳିଷ୍ଠ ଯୋଗଦାନ ଦେବେକୁ ଆହ୍ୱାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କଠିନ ପରିଶ୍ରମର ଫଳ ମିଳିଥିବା କହିବା ସହ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଓୟୁଟିଆର ପ୍ରଶାସନ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଭୂମିକା ରହିଥିବା କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣରେ ଶିକ୍ଷାକୁ ଡିଗ୍ରୀରେ ସୀମିତ ନ ରଖି ଦେଶ ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ସହ କାର୍ଯ୍ୟକରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସମାବର୍ତ୍ତନ ଉତ୍ସବର ମୋଟ୍ ୭୩୯ ଜଣଙ୍କୁ ସ୍ନାତକ, ୩୩୭ ଜଣଙ୍କୁ ସ୍ନାତକୋତ୍ତର, ପ୍ରଥମଥର ପାଇଁ ୪ଜଣଙ୍କୁ ପିଏଚ୍‌ଡି, ୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏହାସହ ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ,୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯାଇଛି। କୁଳସଚିବ ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ପ୍ରଫେସର ରଞ୍ଜନ କୁମାର ଜେନା, ପ୍ରଫେସର ଅରୁଣା ତ୍ରିପାଠିଙ୍କ ସମେତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଘଟଣା

- ୧୮୧୭-କଲିକତାରେ ହିନ୍ଦୁ କଲେଜର ସ୍ଥାପନା।
- ୧୯୩୬-ଏଡୱାର୍ଡ ଅଷ୍ଟମ ଇଂଲଣ୍ଡର ରାଜା ଭାବେ ଅଭିଷିକ୍ତ ହେଲେ।
- ୧୯୫୭- ଭାରତର ପ୍ରଥମ ପରମାଣୁ ରିଆକ୍ଟର 'ଅପ୍‌ସରା'କୁ ଲଞ୍ଚ୍ କରାଗଲା।
- ୧୯୮୬-ଆମେରିକାରେ ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ଜନ୍ମ ଦିବସକୁ ଜାତୀୟ ଛୁଟି ଦିବସ ଘୋଷଣା।
- ୧୯୯୦-ମହାକାଶଯାନ କଲମ୍ବିଆ-୧୦ର ଅବତରଣ।
- ୧୯୯୩- ବିଲ୍ କ୍ଲିଣ୍ଟନ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଲେ।

## 'ଜେଲର୍ ୨'



# ଅତିଥି କଳାକାର ହେବାର କାରଣ କହିଲେ ବିଜୟ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଥାନ୍ତି। 'ଜେଲର୍' ର ଜବରଦସ୍ତ ସଫଳତା ପରେ ଏବେ ଏହାର ସିକ୍ୱେଲକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। 'ଜେଲର୍ ୨'ରେ ମନୋରଞ୍ଜନ ସାଙ୍ଗକୁ ଜବରଦସ୍ତ ଆକ୍ସନ୍ ଦେଖିବାକୁ ମିଳିବ। ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଏକାଧିକ ଆଗଧାଡ଼ିର କଳାକାରମାନେ ମଧ୍ୟ ନଜର ଆସିବେ। ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିଜୟ ସେତୁପତି ଅତିଥି କଳାକାର ଭାବେ ଦେଖାଯିବେ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ବିଜୟ 'ଜେଲର୍ ୨'ରେ ଅତିଥି କଳାକାର ଭାବେ କାମ କରିବା ପାଇଁ ରାଜି ହେବାର କାରଣ କହିଛନ୍ତି। ବିଜୟଙ୍କ କହିବା କଥା, 'ରଜନୀକାନ୍ତ ଏମିତି ଜଣେ କଳାକାର ଯିଏ ଦଶନ୍ଧି ଦଶନ୍ଧି ଧରି ଇଣ୍ଡଷ୍ଟ୍ରୀରେ ରାଜ୍ କରୁଛନ୍ତି। ତାଙ୍କ ସହ କାମ କରିବା କୌଣସି ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବା ସହ ସମାନ।' ନେଲସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ଜେଲର୍ ୨' ଏହାର ପ୍ରଥମ ପାର୍ଟ ଭଳି ଆକ୍ସନ୍ ଓ ମନୋରଞ୍ଜନ ଦ୍ୱାରା ଦର୍ଶକଙ୍କୁ ବାନ୍ଧି ରଖିବ ବୋଲି କୁହାଯାଉଛି। ଫିଲ୍ମର ସୁଟିଂ ଚେନ୍ନାଇରୁ ଆରମ୍ଭ ହୋଇଛି। ରାମ୍ୟା କ୍ରିଷ୍ଣନ୍ ସୁଟିଂ ସେଟ୍‌ର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏହାବାଦ୍ ଏଥିରେ ମଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ମଧ୍ୟ ଦେଖାଯିବେ।

# ନାସାର ନିଆରା ପ୍ରତିଯୋଗିତା



ମଙ୍ଗଳ ଗ୍ରହରେ ମଣିଷ ପହଞ୍ଚିଲେ ସେଠାରେ ବଡ଼ ସମସ୍ୟା ଖାଦ୍ୟର ହେବ। ମଙ୍ଗଳ ଗ୍ରହକୁ ୩ ବର୍ଷର ଲମ୍ବା ଯାତ୍ରା ପାଇଁ ଘରୁ ଖାଦ୍ୟ ପ୍ୟାକ୍ କରି ନେବା ବି ସହଜ କଥା ନୁହେଁ। ତା'ସହ ସେଠାରେ ଖାଦ୍ୟ ଅର୍ଡର କରିବାର ସୁବିଧା ମଧ୍ୟ ନାହିଁ। ଏହି ସମସ୍ୟାର ସମାଧାନ କରିବା ପାଇଁ ନାସା 'ଡିପ୍ ସ୍ପେସ୍ ଫୁଡ୍ ଚ୍ୟାଲେଞ୍ଜ' ନାମକ ଏକ ନିଆରା ପ୍ରତିଯୋଗିତା ଆରମ୍ଭ କରିଛି। ନାସା ଏଥିରେ ବିଜୟ ପ୍ରତିଯୋଗୀଙ୍କୁ ପ୍ରାୟ ୬.୭୫ କୋଟି ଟଙ୍କା ପୁରସ୍କାର ଦେବ। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ମହାକାଶରେ ଖାଦ୍ୟ ପ୍ରସ୍ତୁତିର କୌଣସି ନିଆରା ଉପାୟ ଖୋଜି ବାହାର କରିବାକୁ ପଡ଼ିବ। ସରଳ ଭାଷାରେ କହିଲେ, ନାସା ଏମିତି ଏକ ସ୍ପେସ୍ କିଚେନ୍‌ର ସନ୍ଧାନ କରୁଛି, ଯାହାକି ମହାକାଶଚାରୀଙ୍କ ପେଟ ଭରିବ ଏବଂ ଭୋକିଲା ରଖିବ ନାହିଁ। ତେଣୁ ନାସା ଏମିତି ଏକ ସିଷ୍ଟମ ଖୋଜୁଛି, ଯଦ୍ୱାରା ମହାକାଶଚାରୀ ନିଜେ ମଙ୍ଗଳରେ ନିଜ ପାଇଁ ଖାଦ୍ୟ ଉତ୍ପାଦନ କରିବେ ଓ ସେଠାରେ ଏହାକୁ ରାନ୍ଧି ପାରିବେ। ଏହି କାମ ଲାଗି ରୋଷେୟା, ଛାତ୍ର ଏବଂ ବୈଜ୍ଞାନିକଙ୍କ ସାହାଯ୍ୟ ଲୋଡ଼ିଛି। ଏହି ଚ୍ୟାଲେଞ୍ଜରେ ଖାଦ୍ୟ କେବଳ ସ୍ୱାଦିଷ୍ଟ ହେବ ତାହା ନୁହେଁ, ପୁଷ୍ଟିକର ହେବା ବି ଜରୁରି। ଏଭଳି ହେବା ଦ୍ୱାରା ଖାଦ୍ୟ ଅପଚୟ ଯେମିତି ହ୍ରାସ ପାଇବ। ସେହିପରି ଏହି ସିଷ୍ଟମ ଏମିତି ହେବା ଦରକାର, ଯାହାକି ମହାକାଶରେ ବ୍ୟବହୃତ ପାଣି ଓ ପବନକୁ ପୁଣି ଥରେ ବିଶୁଦ୍ଧ କରି ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯିବ। ତେଣୁ ଏହା ମାଧ୍ୟମରେ ଲକ୍ଷ୍ୟ ଅଛି ଯେ, ମଙ୍ଗଳକୁ ଦୀର୍ଘ ଦିନ ଧରି ଯାତ୍ରା କରିବା ସମୟରେ ମହାକାଶଚାରୀମାନେ ଯେମିତି ଶାରୀରିକସ୍ତରରେ ମଜଭୁତ ଓ ମାନସିକସ୍ତରରେ ସୁସ୍ଥ ରହିବେ। ଏହି ଚ୍ୟାଲେଞ୍ଜର ଅନ୍ୟତମ ବିଶେଷତ୍ୱ ହେଉଛି ଏହାର ଲାଭ କେବଳ ମହାକାଶଚାରୀଙ୍କୁ ନୁହେଁ, ବରଂ ଅନ୍ୟ ସମସ୍ତଙ୍କୁ ମିଳିବ। ଯେଉଁ ଉପାୟରେ ବୈଜ୍ଞାନିକମାନେ ମଙ୍ଗଳରେ ଚାଷ କରିବେ, ସେହି ଟେକ୍ନିକ୍‌ର ଉପଯୋଗ ପୃଥିବୀପୃଷ୍ଠର ସେହି ସ୍ଥାନଗୁଡ଼ିକରେ କରାଯିବ, ଯେଉଁଠାରେ ଚାଷ କରିବା କଷ୍ଟକର। ଅନ୍ୟପଟେ ଏହି ଚ୍ୟାଲେଞ୍ଜ ମାଧ୍ୟମରେ ଖାଦ୍ୟ ଯେଭଳି ଦୀର୍ଘ ସମୟ ପର୍ଯ୍ୟନ୍ତ ଖରାପ ହେବ ନାହିଁ, ବିଚାରପତିଙ୍କୁ ସେଭଳି ନୂତନ ପରିକଳ୍ପନା ବି ଦରକାର। ଯଦି ଏହା ସମ୍ଭବ ହୁଏ, ତେବେ ମଙ୍ଗଳ ଗ୍ରହକୁ ଯିବାର କଷ୍ଟକର ଯାତ୍ରା ମଧ୍ୟ ସହଜ ଏବଂ ସ୍ମରଣୀୟ ହୋଇପାରିବ। ଅବଶ୍ୟ ଏହି ଚ୍ୟାଲେଞ୍ଜରେ ସାମିଲ ହେବା ଲାଗି ଏହାର ଅଫିସିଆଲ ୱେବ୍‌ସାଇଟ୍‌ରୁ ବିସ୍ତୃତ ବିବରଣୀ ମିଳିପାରିବ। ଏହାସହ ଯେଉଁମାନେ ଏ ଲାଗି ଇଚ୍ଛୁକ, ସେମାନେ ଆସନ୍ତା ଜୁଲାଇ ୩୧ ପର୍ଯ୍ୟନ୍ତ ନିଜ ନାଁକୁ ଏଥିରେ ସାମିଲ କରିପାରିବେ।

# ମାଘ ମେଳାରେ ନିଆରା ସ୍କୁଲ

ତୀର୍ଥରାଜ ପ୍ରୟାଗରାଜରେ ଚାଲିଛି ପବିତ୍ର ମାଘ ମେଳା। ଏଠାରେ କେବଳ ଭକ୍ତି ଭାବ ନୁହେଁ, ବରଂ ଜ୍ଞାନର ଗଙ୍ଗା ମଧ୍ୟ ବହୁଛି। ଏଠାରେ କାମ କରୁଥିବା ଶହ ଶହ ସଫେଇକର୍ମୀଙ୍କ ପିଲାଙ୍କୁ ଶିକ୍ଷା ପ୍ରଦାନ ପାଇଁ ଗୋଟିଏ ସ୍କୁଲ ଖୋଲା ଯାଇଛି। ଉତ୍ତର ପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଆସିଥିବା ସଫେଇ କର୍ମଚାରୀଙ୍କର ୩୩୩ ଜଣ ପିଲା ଏହି ସ୍କୁଲରେ ପାଠ ପଢ଼ୁଛନ୍ତି। ମାଘ ମେଳାର ଭିଡ଼ ମଧ୍ୟରେ ଏହି ନିଆରା ସ୍କୁଲ ବି ପରିଚାଳିତ ହେଉଛି। ଏହାର ନାଁ ବିଦ୍ୟା କୁମ୍ଭ ପ୍ରାଥମିକ ବିଦ୍ୟାଳୟ ରଖାଯାଇଛି। ଅନ୍ୟପଟେ ମହାକୁମ୍ଭ ସମୟରେ ବିଦ୍ୟାକୁମ୍ଭ ଅଭିଯାନ ଏଜୁକେଟ୍ ଗର୍ଲସଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାକୁ ଏବେ ଚଳିତବର୍ଷର ମାଘ ମେଳା ସମୟରେ ଉତ୍ତର ପ୍ରଦେଶର ଶିକ୍ଷା ବିଭାଗ ଦ୍ୱାରା ଆଗକୁ ନିଆଯାଇଛି। ମାଘ ମେଳାରେ ନିୟୋଜିତ ସଫେଇକର୍ମୀଙ୍କ ପିଲାଙ୍କ ପାଠପଢ଼ା ଯେପରି ପ୍ରଭାବିତ ନ ହେବ ଏ ଲାଗି ଶିକ୍ଷା ବିଭାଗ ପକ୍ଷରୁ ଏହି ନିଆରା ଅଭିଯାନ ହାତକୁ ନିଆଯାଇଛି। ତେବେ ଏହି ସ୍କୁଲର ଶ୍ରେଣୀଗୃହ ଖୁବ୍ ସୁନ୍ଦର ହୋଇଥିବାବେଳେ ପିଲାଙ୍କୁ ପାଠ ପଢ଼ାଇବା ଲାଗି ହାଇଟେକ୍ ସୁବିଧା କରାଯାଇଛି। ପାଠପଢ଼ା ସହ ଏଠାରେ ପିଲାଙ୍କୁ ଅନ୍ୟ କାର୍ଯ୍ୟକଳାପଗୁଡ଼ିକ ମଧ୍ୟ କରାଯାଉଛି। ଶିକ୍ଷକମାନେ ବି ଦାୟିତ୍ୱର ସହ ନିଜ କର୍ତ୍ତବ୍ୟ ପାଳନ କରୁଥିବା ଜଣାପଡ଼ିଛି। ଶିକ୍ଷକମାନେ ଠିକ୍ ସମୟରେ ଆସି ଏଠାରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ମାଘ ମେଳାରେ ପିଲାଙ୍କୁ ପାଠ ପଢ଼ାଇବା ସୌଭାଗ୍ୟର ବିଷୟ ବୋଲି ଏଠାରେ ନିୟୋଜିତ ଶିକ୍ଷକମାନେ କହିଛନ୍ତି। ଏପରି ପଦକ୍ଷେପ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପ୍ରେରଣା ଯୋଗାଇବା ସହ ସଫେଇ ଯୋଦ୍ଧାଙ୍କ ପିଲାମାନଙ୍କ ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ କରୁଛି।



# ଲାଭଜନକ ଚାଷ




**ଆମ ରାଜ୍ୟର ଚାଷୀମାନେ ଖରାଟିଆ ଚାଷ ପାଇଁ ଜମି ପ୍ରସ୍ତୁତ କରି କାକୁଡ଼ିଜାତୀୟ ଫସଲ ଚାଷ କରିପାରିବେ।**

ଜମି ପ୍ରସ୍ତୁତି କରି ଲାଇନ୍‌ରେ କାକୁଡ଼ି ବିହନ ବୁଣିବା ଦରକାର। ଦୂରତା ୧.୫ ମିଟର ଓ ଗଛକୁ ଗଛ ଏକ ମିଟର ରଖନ୍ତୁ। ହାଲୁକା ଜଳ ସିଞ୍ଚନ ଓ ଘାସ ନିୟନ୍ତ୍ରଣ ଦ୍ୱାରା କାକୁଡ଼ି ଅମଳ ଭଲ ହୋଇଥାଏ। ସେହିପରି ଏକ ଏକର ଜମିରେ ଛଞ୍ଚିଡ଼ା ଚାଷ ପାଇଁ ଏକ କିଗ୍ରା ବିହନ ଆବଶ୍ୟକ। ଜମି ପ୍ରସ୍ତୁତି ସମୟରେ ଖତ ପ୍ରୟୋଗ ସହ ୨ରୁ ୩ଥର ମାଟି ଓଲଟାଇବା ଜରୁରି। ଗଛରୁ ଗଛକୁ ଦୂରତା ୬୦ ସେମି ରଖିବା ଆବଶ୍ୟକ। ଜହ୍ନି ଚାଷ ପାଇଁ ଏହି ସମୟ ସର୍ବୋତ୍ତମ। ଅଧିକ ଗଭୀରରେ ବିହନ ପୋତିବା ଅନୁଚିତ। ଏହାଦ୍ୱାରା ଅଙ୍କୁରଣ ଉପରେ ପ୍ରଭାବ ପଡ଼େ।

ହାଲୁକା ଦୋରସା ମାଟିରେ ମଞ୍ଜି ଓ ଚାରା ବ୍ୟବହାର କରି କଲରା ଚାଷ କରାଯାଏ। ଏବେ କଲଟିଭେଟର ଚଳାଇ ମାଟିକୁ ଗୁଣ୍ଡ କରି ପାଳଙ୍ଗ ଚାଷ କରିପାରିବେ।

# ସ୍ୱତନ୍ତ୍ର ଟିଟ୍‌କପ୍



ଅତ୍ୟାଧୁନିକ ଡାଏରୀ ଫାର୍ମରେ କ୍ଷୀର ଦୁହିଁବା ପାଇଁ ମିଲକିଂ ମେସିନ୍ (ଟିଟ୍‌କପ୍) ବ୍ୟବହାର କରାଯାଏ। ପ୍ରାୟତଃ ମେସିନ୍ ଅଧିକ ଦୁଗ୍ଧ ଉତ୍ପାଦନ କ୍ଷମ ଗାଈଙ୍କ ଆକାରରେ ଡିଜାଇନ୍ ହୋଇଥାଏ। ଫଳରେ ଦେଶୀ ଗାଈଙ୍କ ଛୋଟ ଚିରରେ କିଟ୍ ଖାପ ଖାଏନି। ଏହା ଦ୍ୱାରା ଦୁଗ୍ଧ ନଷ୍ଟ ସହ ଗାଈ ଯନ୍ତ୍ରଣା ସହନ୍ତି। କମ୍ କ୍ଷୀର ଦିଅନ୍ତି। ଏନେଇ ଆସାମ, କାମରୂପ ଜିଲ୍ଲାର ମିଲନ ଜ୍ୟୋତି ଦାସ ଏକ 'କଷ୍ଟମାଇଜ୍ଡ ଟିଟ୍ କପ୍' ମେସିନ୍ ତିଆର କରିଛନ୍ତି। ଦେଶୀ ଗାଈଙ୍କ ଶାରୀରିକ ସ୍ଥିତି ଅନୁସାରେ ଏହାର କପ୍ ନିର୍ମିତ। କପ୍‌ର ଘେରା ୩ରୁ ୫ ସେମି। ଲମ୍ବା ୧୧ରୁ ୧୩ ସେମି। ଏଥିରେ ଦୁଗ୍ଧ ନଷ୍ଟ ହୁଏ ନାହିଁ। ଏହି ମେସିନ୍‌ଟି ଘଣ୍ଟାକରେ ୮ ରୁ ୧୦ଟି ଗାଈଙ୍କଠାରୁ କ୍ଷୀର ଦୁହିଁ ପାରିବ। ମେସିନ୍‌ଟି ହାଲୁକା ଏବଂ ପୋର୍ଟେବଲ। ଏଥିରେ ଛୋଟ ଭ୍ୟାକୁମ ପମ୍ପ ଏବଂ ୦.୭୫ରୁ ୧ ଏଚ୍‌ପିର ମୋଟର ଲାଗିଛି। ଏହା ବିଦ୍ୟୁତ୍ ଚାଳିତ। ଏହି ମେସିନ୍‌ରେ ଅନ୍ୟାନ୍ୟ ବିକଳ୍ପ ରହିଛି। ଏହାର ଟିଟକପ୍‌ରେ ଗାଈ ଆରାମ ଅନୁଭବ କରିବେ।

# ଉପଯୋଗୀ ଭର୍ମିୱାଶ୍

ଭର୍ମିୱାଶ ଏକ ପ୍ରାକୃତିକ ଟନିକ୍। ଏହା ଜିଆଖତରୁ ପ୍ରସ୍ତୁତ ହୋଇଥାଏ। ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ, ସୂକ୍ଷ୍ମଜୀବୀ ଆଦି ରହିଥାଏ। ଏହା ମାଟିର ଉର୍ବରତା ବୃଦ୍ଧି କରି ଫସଲ ବଢ଼ାଇବାରେ ସାହାଯ୍ୟ କରେ।



ଭର୍ମିୱାଶ୍‌କୁ ପାଣି କିମ୍ବା ଗୋମୂତ୍ର ସହିତ ମିଶାଇ ବ୍ୟବହାର କରାଯାଏ। ଏକ ଲିଟର ଭର୍ମିୱାଶ୍‌ରେ ୧୦ରୁ ୧୫ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ପତ୍ର ସିଞ୍ଚନ କିମ୍ବା ମାଟିରେ ପକାଇବା ଦ୍ୱାରା କୀଟ ନିୟନ୍ତ୍ରଣ ହୁଏ। ପ୍ରତି ୧୦ରୁ ୧୫ ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରାଯାଇ ପାରିବ। ଭର୍ମିୱାଶକୁ ଖତ ସହ ମିଶାଇ ଗଛ ମୂଳରେ ଦେବା ଭଲ। ଭର୍ମିୱାଶ ବ୍ୟବହାର ଦ୍ୱାରା ଗଛକୁ ଆବଶ୍ୟକ ପୋଷକତତ୍ତ୍ୱ ମିଳିପାରେ। ଫସଲର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ମାଟିର ଜଳଧାରଣ କ୍ଷମତା ବଢ଼ିଥାଏ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କୁହୁଡି, କମ୍ ତାପମାତ୍ରା ଓ ଆର୍ଦ୍ରତାରୁ କ୍ଷତି ନ ହେବା ପାଇଁ ଫସଲରେ ହାଲୁକା ଜଳସେଚନ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବିଜାତୀୟ ପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖନ୍ତୁ।
- ଆଖୁ ଲଗାଇବା ପୂର୍ବରୁ ଶେଷ ଓଡ଼ ସମୟରେ ଏକର ପ୍ରତି ୪ଟନ ଶଢ଼ା ଗୋବର ଖତ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ।
- ଟମାଟୋ ଫସଲରେ ସଅଳ ପତ୍ରପୋଡ଼ା ଏବଂ ଉଚ୍ଛୁର ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ ଫିମ୍ପିନାଶକରେ ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତରରେ ୨ରୁ ୩ ଥର ସିଞ୍ଚନ କରନ୍ତୁ।



# କୃଷି-ପଣ୍ୟ କମ୍ପାନୀଙ୍କ ପାଇଁ ଅର୍ଥନୈତିକ ଗତିବିଧି

**ଭାରତର ଅର୍ଥନୈତିକ ବିକାଶରେ କୃଷିକାର୍ଯ୍ୟର ମୁଖ୍ୟ ଭୂମିକା ରହିଛି। ତେଣୁ ଘରୋଇ ଚାହିଦା ଓ କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଯାନ୍ତ୍ରିକ ଓ ଅତ୍ୟାଧୁନିକ କୃଷିପ୍ରଣାଳୀ ଉପଯୋଗୀ ଉତ୍ପାଦନ ପରିମାଣକୁ ବହୁଗୁଣିତ କରାଯାଇଛି।**



୨୦୨୬ ଆରମ୍ଭରୁ ଭାରତୀୟ କୃଷି-ପଣ୍ୟ କ୍ଷେତ୍ର ପୁନର୍ବିକାଶ ସହ ସ୍ଥିରତାକୁ ସନ୍ତୁଳିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଛି। ଘରୋଇ ବ୍ୟବହାର ବୃଦ୍ଧି, ସହରୀକରଣ ଏବଂ ବିଶ୍ୱ ବାଣିଜ୍ୟ ଢାଞ୍ଚାରେ ପରିବର୍ତ୍ତନ ଦ୍ୱାରା ୨୦୨୪ରେ ପ୍ରାୟ ୪୫୭ ବିଲିୟନ ଆମେରିକୀୟ ଡଲାର ମୂଲ୍ୟରେ ଏହି କ୍ଷେତ୍ର ବିସ୍ତାରିତ ହେବାରେ ଲାଗିଛି। କ୍ରୟ, ପ୍ରକ୍ରିୟାକରଣ, ସଂରକ୍ଷଣ, ରପ୍ତାନି ଏବଂ ବଣ୍ଟନରେ ନିୟୋଜିତ କୃଷି-ପଣ୍ୟ କମ୍ପାନୀଗୁଡିକ ପାଇଁ ଏହା ସାଂରଚନିକ ପରିବର୍ତ୍ତନର ଏକ ପର୍ଯ୍ୟାୟ।

FY26 ର Q3 ରେ କୃଷି ମୋଟ୍ ମୂଲ୍ୟ ସଂଯୋଜନ ବୃଦ୍ଧି ପ୍ରାୟ ୩.୦% ରେ ସୀମିତ ଥାଇ ବି ରବି ଚାଷ ଅଞ୍ଚଳରେ ୬.୨% ବାର୍ଷିକ ବୃଦ୍ଧି ଉତ୍ପାଦନ ହୋଇଥିଲା। ଏହି କ୍ଷମତା ମଜବୁତ ଆଧାର ସହ ଜଳବାୟୁ, ନୀତି ଏବଂ ବିଶ୍ୱ ବଜାରଜନିତ ଅସ୍ଥିରତାକୁ ପ୍ରତିବିମ୍ବିତ କରେ।

ଭାରତର କୃଷିସାମଗ୍ରୀ ବଜାର ଏକ ବିଶ୍ୱ ଶକ୍ତି କେନ୍ଦ୍ର ଭାବେ ରହିଛି, ଯାହା ଆର୍ଥିକ ବର୍ଷ ୨୪-୨୫ରେ କୃଷି ରପ୍ତାନିରେ ୪୮.୭୭ ବିଲିୟନ ଆମେରିକୀୟ ଡଲାର ଯୋଗଦାନ କରିଛି। ରପ୍ତାନି ହ୍ରାସ ପାଇଥିଲେ ମଧ୍ୟ ଭାରତ ଚାଉଳ, ଚିନି, ମକା ଏବଂ ଡାଲି ଭଳି ସାମଗ୍ରୀରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛି। ଭାରତ ବିଶ୍ୱର ସର୍ବବୃହତ ଚାଉଳ ରପ୍ତାନିକାରୀ ଦେଶ ଭାବେ ପରିଣତ ହୋଇଛି। ୨୦୨୪-୨୫ରେ ଉତ୍ପାଦନ ୫% ବଢ଼ିଛି। ତେବେ ଘରୋଇ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରପ୍ତାନି ନିୟନ୍ତ୍ରଣ ଏବଂ କୋଟା ବ୍ୟବସ୍ଥା କରାଯାଇଛି। ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ସ୍ଥିର ଚାହିଦା ଦ୍ୱାରା ସମର୍ଥିତ, ବାସୁମତୀ ଏବଂ ଅଣ-ବାସୁମତୀ ଚାଉଳ ମୂଲ୍ୟ ସାମାନ୍ୟ ଭାବେ ସ୍ଥିର ରହିବା ଆଶା କରାଯାଉଛି। ସେହିପରି ମକା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଫସଲ। ଖରିଫ୍ ୨୦୨୫-୨୬ ଉତ୍ପାଦନ ୨୮.୩ ଏମ୍‌ଏମ୍‌ଟି ଆକଳନ କରାଯାଇଛି। ଭାରତ ବାର୍ଷିକ ୨୦୫ ନିୟୁତ ଟନ୍‌ରୁ ଅଧିକ ପନିପରିବା ଉତ୍ପାଦନ କରେ। ତଥାପି ଦୁର୍ବଳ ଶୀତଳ ଶୃଙ୍ଖଳ ଏବଂ ଖଣ୍ଡିତ ଯୋଗାଣ ବ୍ୟବସ୍ଥା ଯୋଗୁଁ ଅମଳ ପରବର୍ତ୍ତୀ କ୍ଷତି ସହିବାକୁ ପଡ଼େ। ନଷ୍ଟଶୀଳତା, ଋତୁକାଳୀନତା ଏବଂ ସହରାଞ୍ଚଳରେ ଚାହିଦା ଯୋଗୁଁ ପରିବା ମୂଲ୍ୟ–ସମ୍ବେଦନଶୀଳ ରହିଛି।

ଭାରତର କୃଷି-ପଣ୍ୟ କ୍ଷେତ୍ର ଉତ୍ପାଦନ ସହ ବଜାର ସମନ୍ୱୟ, ଗୁଣବତ୍ତା ଏବଂ ଗତି ଦ୍ୱାରା ପରିଚାଳିତ। ବିଶ୍ୱ ମୂଲ୍ୟ ଅସ୍ଥିରତା ଜାରି ରହିବା ଏବଂ ଜଳବାୟୁ ଅସ୍ଥିରତା ସହ ଆଗକୁ ବଢ଼ିବାର ପଥ ବଜାର–ଚାଳିତ ମୂଲ୍ୟ ଶୃଙ୍ଖଳ, ଏଫ୍‌ପିଓ, ବୈଜ୍ଞାନିକ ସଂରକ୍ଷଣ ଏବଂ ଡିଜିଟାଲ ବାଣିଜ୍ୟ ଭିତ୍ତିଭୂମିରେ ରହିଛି। ପୂର୍ବାନୁମାନଯୋଗ୍ୟ ରପ୍ତାନି ନୀତି, ଗୋଦାମ- ଆଧାରିତ ଆର୍ଥିକ ସହାୟତା ଏବଂ ଜଳବାୟୁ ସ୍ମାର୍ଟ ଅଭ୍ୟାସଗୁଡିକ ଏସ୍‌ଡିଜି୧ (ଦାରିଦ୍ର୍ୟ ନାହିଁ), ଏସ୍‌ଡିଜି୨(ଶୂନ୍ୟ କ୍ଷୁଦ୍ର), ଏସ୍‌ଡିଜି ୧୩ (ଜଳବାୟୁ କାର୍ଯ୍ୟ)କୁ ଆଗକୁ ବଢ଼ାଇବା ସହିତ ବଜାର ସ୍ଥିରତାକୁ ସୁଦୃଢ଼ କରିବ। ଘରୋଇ ଉଦ୍ଭାବନ ସହ ସାର୍ବଜନୀନ ନିବେଶ, ଭାରତର କୃଷି ପଣ୍ୟ ଇକୋସିଷ୍ଟମରେ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ସହଯୋଗ କରିପାରିବ।

- ଅବିନାଶ ନାୟକ
ଫୋନ୍-୯୦୭୮୭୨୪୭୭୪



# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

### ଟି-୨୦ ବିଶ୍ୱକପ୍ ଲାଗି ବାଂଲାଦେଶକୁ ଆଇସିସିର ଡେଡ୍‌ଲାଇନ୍

## ବୁଧବାର ସୁଦ୍ଧା ନିଷ୍ପତ୍ତି ନିଅ; ନଚେତ୍ ବିକଳ୍ପ ବ୍ୟବସ୍ଥା

**ଦୁବାଇ, ୧୯।୧ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ଏବେ ସନ୍ଦେହ ଘେରକୁ ଚାଲିଯାଇଛି। ଏହି ମେଗା ଇଭେଣ୍ଟରେ



ଅଂଶଗ୍ରହଣ କରିବ କି ନାହିଁ ଜାନୁଆରୀ ୨୧ ବା ବୁଧବାର ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ ବାଂଲାଦେଶ କ୍ରିକେଟ ବୋର୍ଡକୁ ଆଇସିସି ଡେଡ୍‌ଲାଇନ୍ ଦେଇଛି। ୨୧ ତାରିଖ ସୁଦ୍ଧା ବାଂଲାଦେଶ ଭାରତରେ ତାହାର ମ୍ୟାଚ୍ ଖେଳିବ କି ନାହିଁ ଜଣାଇବା ପରେ ଆଇସିସି ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯିବ। ସାମ୍ପ୍ରତିକ ସ୍ଥିତିରେ ବାଂଲାଦେଶ କ୍ରିକେଟ ଟିମ୍ ଭାରତ ଆସିବା ଅସମ୍ଭବ ମନେ ହୁଏ। ବାଂଲାଦେଶ ଯଦି ଭାରତ ଆସିବାକୁ ବିଧିବଦ୍ଧ ଭାବେ ମନାକରେ ତେବେ ଆଇସିସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ସ୍ପଷ୍ଟ କରିଛି। କିନ୍ତୁ ବାଂଲାଦେଶର ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହାର ଅର୍ଥ ଭାରତରେ ଖେଳିବାକୁ ଯଦି ବାଂଲାଦେଶ ରାଜି ନ ହୁଏ, ତେବେ ଏହି ଦଳକୁ ବିଶ୍ୱକପ୍‌ରୁ ବାଦ୍ ଦିଆଯିବ। ଏହି ଦଳ ସ୍ଥାନରେ ଆଇସିସିର ପରବର୍ତ୍ତୀ ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ଟିମ୍ ବା ସ୍କଟଲାଣ୍ଡକୁ ସୁଯୋଗ ଦିଆଯାଇପାରେ ବୋଲି ସୂଚନା ମିଳିଛି। ଆଇସିସି ପକ୍ଷରୁ ଏପରି କିଛି ଡେଡ୍‌ଲାଇନ୍ ଦିଆଯାଇନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। କିନ୍ତୁ ଏହି ଖବର ପ୍ରାୟ ସମସ୍ତ ନ୍ୟୁଜ୍ ଏଜେନ୍ସିରେ ପ୍ରକାଶ ପାଇଛି।

### ବିବାଦର ଅନ୍ତରାଳେ

ବାଂଲାଦେଶରେ ହିନ୍ଦୁମାନଙ୍କୁ ନିର୍ଯାତନା ଦିଆଯାଉଥିବାରୁ ଆଇପିଏଲ୍‌ରେ ଏହି ଦେଶର ତାରକା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବାଂଲାଦେଶରେ ପ୍ରବଳ ବିରୋଧ କରାଯାଇଥିଲା। ଏପରିକି ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ରୋକ୍‌ଠୋକ ଭାରତରେ ଖେଳିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। କୌଣସି କାରଣ ନ ଦର୍ଶାଇ ରହେମାନ୍‌ଙ୍କୁ ବିସିସିଆଇର ନିର୍ଦ୍ଦେଶକ୍ରମେ ଫ୍ରାଞ୍ଚାଇଜ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍‌ରୁ ବିଦା କରିଥିଲା। ଏହାକୁ ନେଇ ଜଣାଇଦେଇଥିଲା। ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ବାଂଲା ସରକାର ଏପରି ନିଷ୍ପତ୍ତି ନେଇଥିଲା। ଏହା ପରେ ଭେନ୍ୟୁ ଏବଂ ଆୟର୍ଲାଣ୍ଡ ସହ ଗ୍ରୁପ୍ ପରିବର୍ତ୍ତନ କରି ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ପ୍ରସ୍ତାବ ଦେଇଥିଲା। ଏହାକୁ କିନ୍ତୁ ଆଇସିସି ପ୍ରତ୍ୟାଖ୍ୟାନ କରିଥିଲା। ଭାରତରେ ବାଂଲା ଖେଳାଳିଙ୍କ ଜୀବନପ୍ରତି କୌଣସି ବିପଦ ନାହିଁ ବୋଲି ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଦ୍ୱାରା ଜଣାପଡ଼ିବା ପରେ ଆଇସିସି ଏଭଳି ନିଷ୍ପତ୍ତି ନେଇଛି। ଆଇସିସି ଏତେ କମ୍ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରିଛି। କୋଲକାତା ଓ ମୁମ୍ବାଇରେ ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ ଖେଳିବା କାର୍ଯ୍ୟକ୍ରମ ରହିଥିଲା।

### ବାଂଲା ନ ଖେଳିଲେ ସ୍କଟ୍‌ଲାଣ୍ଡ

ଏହି ବିଶ୍ୱକପ୍‌ରୁ ଯଦି ବାଂଲାଦେଶ ଓହରିଯାଏ, ତେବେ ବିକଳ୍ପ ବ୍ୟବସ୍ଥା କରିବ ବୋଲି ଆଇସିସି କହିଛି। ଏହାର ଅର୍ଥ ନିୟମ ଅନୁଯାୟୀ ଯଦି ଗୋଟିଏ ଦଳ ଟୁର୍ଣ୍ଣାମେଣ୍ଟରୁ କୌଣସି ପରିସ୍ଥିତିରେ ଖେଳିବାକୁ ଅସମର୍ଥ ହୁଏ, ତେବେ ଅଂଶଗ୍ରହଣ କରି ନ ଥିବା ଦଳଗୁଡିକ ମଧ୍ୟରେ ଆଇସିସି ମାନ୍ୟତାରେ ଶ୍ରେଷ୍ଠ ସ୍ଥାନରେ ଥିବା ଦଳକୁ ଖେଳିବାକୁ ସୁଯୋଗ ଦିଆଯାଇଥାଏ। ଏଣୁ ବାଂଲା ଓହରିଗଲେ ସ୍କଟଲାଣ୍ଡକୁ ଫାଇଦା ହେବ ବୋଲି ଜଣାଯାଇଛି।

### ପାକିସ୍ତାନର ସମର୍ଥନ, କିନ୍ତୁ ଓହରିବ ନାହିଁ

ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଯେଉଁ ନିଷ୍ପତ୍ତି ନେଇଛି ତାହାକୁ ପାକିସ୍ତାନ କ୍ରିକେଟ ବୋର୍ଡ ସମର୍ଥନ ଜଣାଇଛି। କିନ୍ତୁ ଏହି କାରଣ ଲାଗି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିବ ନାହିଁ ବୋଲି କ୍ରିକେଟ ବୋର୍ଡ ସ୍ପଷ୍ଟ କରିଛି। ପୂର୍ବରୁ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ଏଣୁ ଟୁର୍ଣ୍ଣାମେଣ୍ଟରୁ ଓହରିବା ଲାଗି ପାକିସ୍ତାନ ନିକଟରେ କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ। ପାକିସ୍ତାନ ମିଡିଆରେ କିଛି ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବାଂଲାଦେଶକୁ ସମର୍ଥନ ଜଣାଇ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିବ। କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

## ୩୭ ବର୍ଷ ଓ ୭ଟି ସିରିଜ୍ ପରେ ଭାରତରେ ଜିତିଲା ନ୍ୟୁଜିଲାଣ୍ଡ

ଦିନିକିଆ କ୍ରିକେଟ୍

**ଇନ୍ଦୋର,୧୯।୧(ଏଜେନ୍ସି):** ଏଠାରେ ଗତକାଲି ରବିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଭାରତ ୪୧ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିନେଇଛି। ଭାରତୀୟ ମାଟିରେ ଦିନିକିଆ ସିରିଜ୍ ଜିତିବାକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୩୭ ବର୍ଷ ଲାଗିଥିଲା। ଦୁଇ ଦେଶ ମଧ୍ୟରେ ପ୍ରଥମ ଦିନିକିଆ ସିରିଜ୍ ୧୯୮୮ରେ ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ୪-୦ରେ ଜିତିଥିଲା। ଏହିପରି ଭାବେ ୧୯୮୮ରୁ ୨୦୨୩ ମଧ୍ୟରେ ନ୍ୟୁଜିଲାଣ୍ଡ ୭ଥର ଦିନିକିଆ ସିରିଜ୍ ଖେଳିବାକୁ ଆସି ପରାଜିତ ହୋଇଥିଲା। କିନ୍ତୁ ୨୦୨୬ରେ ୮ମଥର ସକାଶେ ଏକ 'ବି' ଟିମ୍‌କୁ ନେଇ ଆସିଥିବା ମାଇକେଲ ବ୍ରେସ୍‌ୱେଲ୍‌ଙ୍କ ନ୍ୟୁଜିଲାଣ୍ଡ ଦଳ ଭାରତୀୟ ମାଟିରେ ପ୍ରଥମ ଦିନିକିଆ ସିରିଜ୍ ଜିତି ଐତିହାସିକ ସଫଳତା ହାସଲ କରିଛି। ୨୦୨୪ରେ ଏହି ଦଳ ଭାରତରେ ୩-୦ ବ୍ୟବଧାନରେ ଟେଷ୍ଟ ସିରିଜ୍ ଜିତିଥିଲା। ଏହି ଫଳାଫଳରୁ ଘରୋଇ ମାଟିରେ ଭାରତ ଯେ ଆଉ ଅପରାଜେୟ ହୋଇ ରହିନାହିଁ ତାହା ପ୍ରମାଣିତ ହୋଇଛି। କେବଳ ଏତିକିରେ ନ୍ୟୁଜିଲାଣ୍ଡର ରେକର୍ଡ ଶେଷ ହୋଇନାହିଁ। ୨୦୨୩ରେ ଦଳ କ୍ରମାଗତ ୮ଟି ମ୍ୟାଚ୍‌ରେ ହାରିବା ପରେ ଭାରତକୁ ପରାସ୍ତ କରିଛି। ସେହିପରି ଭାରତୀୟ ଉପମହାଦେଶ ପିଚ୍‌ରେ ନ୍ୟୁଜିଲାଣ୍ଡ ୨୦୧୭ରୁ କ୍ରମାଗତ ୮ଟି



ମ୍ୟାଚ୍‌ରେ ହାରିବା ପରେ ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା।

୨୦୧୬ରୁ ୨୦୨୬ ମଧ୍ୟରେ ଭାରତ ଘରୋଇ ମାଟିରେ ଖେଳିଥିବା ୧୦ଟି ଦିନିକିଆ ସିରିଜ୍‌ରୁ ଏହା ମାତ୍ର ତୃତୀୟ ପରାଜୟ। ପୂର୍ବରୁ ଦୁଇଥର ଅଷ୍ଟ୍ରେଲିଆ ନିକଟରୁ ୨୦୧୯ ଓ ୨୦୨୩ରେ ଭାରତ ଘରୋଇ ମାଟିରେ ଦିନିକିଆ ସିରିଜ୍ ହାରିଥିଲା। ଗତକାଲିର ମୁକାବିଲା ପୂର୍ବରୁ ଇନ୍ଦୋରରେ ଖେଳାଯାଇଥିବା ସମସ୍ତ ୭ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଦିନିକିଆ ସିରିଜ୍ ପରି ଏଠାରେ ଅନୁଷ୍ଠିତ ୮ମ ମ୍ୟାଚ୍‌ରେ ଭାରତ ପ୍ରଥମ ପରାଜୟ ବରଣ କରିଥିଲା।

କୋହଲିଙ୍କ ରେକର୍ଡ: ଏହି ମ୍ୟାଚ୍‌ରେ ଭାରତର ବିରାଟ କୋହଲି ୧୨୪ ରନ୍ କରିଥିଲେ। ଦିନିକିଆ କ୍ରିକେଟରେ ଏହା ତାଙ୍କର ୫୪ତମ ଶତକ। ସେହିପରି ସମସ୍ତ ଅନ୍ତର୍ଜାତୀୟ କ୍ରିକେଟରେ ଏହା ତାଙ୍କର ୮୫ତମ ଓ ଭାରତରେ ଏହା ୪୧ତମ ଶତକ। ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ୍ୟ ସେ ସର୍ବାଧିକ ୭ଟି ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଓ ବୀରେନ୍ଦର ସେହ୍ୱାଗ ୬ଟି ଲେଖାଏଁ ଶତକ ହାସଲ କରିଛନ୍ତି। ସେ ମଧ୍ୟ ୩୫ଟି ବିଭିନ୍ନ ଭେନ୍ୟୁରେ ଶତକ ହାସଲ କରି ସଚିନ ତେନ୍ଦୁଲକର (୩୪ଟିରେ) ନାମରେ ଥିବା ରେକର୍ଡକୁ ଅତିକ୍ରମ କରିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା ୨୬ଟି ଭେନ୍ୟୁରେ ଶତକ ହାସଲ କରିଛନ୍ତି। ୯ମଥର ସକାଶେ କୋହଲି ଶତକ ହାସଲ କରିବା ପରେ ଭାରାତ ପରାଜୟ ବରଣ କରିଛି। କେବଳ ସଚିନ ତେନ୍ଦୁଲକର ୧୪ଥର, କ୍ରିସ୍ ଗେଲ ୧୧ଥର ଓ ବ୍ରେଣ୍ଡାନ ଟେଲର ୯ଥର ଶତକ ହାସଲ କରିଥିଲାବେଳେ ନିଜ ଦଳ ପରାଜିତ ହୋଇଛି।

## ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ୍
## ପ୍ରମୋଦଙ୍କୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୯।୧ (ସମିସ):** ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ୍-୩ କାଟାଗୋରୀର ଫାଇନାଲରେ ପ୍ରମୋଦ ୧୯-୨୧, ୨୧-୧୫, ୨୧-୧୩ ଗେମରେ ସାଥୀ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପ୍ରଥମ ଗେମକୁ ପ୍ରମୋଦ ହାରିଯାଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇଟି ଜିତି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିବା ସହ ବାଜି ମାରିନେଇଥିଲେ।



ସେହିଭଳି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ଆଉ ଏକ ଟାଇଟଲ୍ ହାସଲ କରିଥିଲେ। ପୁରୁଷ ଡବଲ୍ସ ଏସଏଲ୍-୩ ଓ ଏସଏଲ୍-୪ କାଟାଗୋରୀର ଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡ଼ି ନିଜ ଦେଶର ଉମେଶ ଓ ସୂର୍ଯ୍ୟକାନ୍ତ ଯାଦବ ଯୋଡ଼ିଙ୍କ ସହ ଖେଳିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଉମେଶ-ସୂର୍ଯ୍ୟକାନ୍ତ ଫାଇନାଲରୁ ଓହରିଯାଇଥିଲେ। ଫଳରେ ପ୍ରମୋଦ-ସୁକାନ୍ତ ଯୋଡ଼ିଙ୍କୁ ଚାମ୍ପିଅନ ଘୋଷିତ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ପୂଜ୍ୟମ ମିଶ୍ର ପୁରୁଷ ଡବଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ମଣ୍ଟୁ କୁମାରଙ୍କୁ ସାଥୀ କରି ଖେଳିଥିଲେ।

## ଡବ୍ଲ୍ୟୁପିଏଲ୍: ୫ମ ବିଜୟ ସହ ପ୍ଲେ-ଅଫ୍‌ରେ ଆର୍‌ସିବି

**ଭଦୋଦରା, ୧୯।୧ (ଏଜେନ୍ସି):** ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ବରୋଦା ଲେଗ୍ ସୋମବାରଠାରୁ ଆରମ୍ଭ ହୋଇଛି। ଏଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୧୨ତମ ମ୍ୟାଚ୍‌ରେ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୬୧ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୮ ରନ୍ ସଂଗ୍ରହ କରିଛି। ୧୮ତମ ଓଭରରେ ୫ମ ଖେଳାଳିଭାବେ ଆଉଟ ହୋଇଥିବା ଗୌତମୀ ନାୟକ ୫୫ ବଲ୍‌ରୁ ୭ ଚୌକା ଓ ୧ଛକା ସହ ସର୍ବାଧିକ ୭୩ ରନ୍ କରିବା ସହ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଦଳର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ୱିକେଟରକ୍ଷକ ରିଚା ଘୋଷ ୨୦ବଲ୍‌ରୁ ୨୭, ଅଧିନାୟିକା ସ୍ମୃତି ମନ୍ଧାନା ୨୩ ବଲ୍‌ରୁ ୨୬ ଓ ରାଧା ଯାଦବ ୮ ବଲ୍‌ରୁ ୨୭ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଗୁଜରାଟ ପକ୍ଷରୁ ଅଧିନାୟିକା ଆଶ୍‌ଲେ ଗାର୍ଡନର ଓ କାଶବୀ ଗୌତମ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ଏହି ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟକୁ ପିଛା କରିଥିବା ଗୁଜରାଟ ୮ ୱିକେଟ୍‌ରେ ୧୧୭ ରନ୍ କରି ପରାସ୍ତ ହୋଇଛି। ଅଧିନାୟିକା ଗାର୍ଡନର ୪୩ ବଲ୍‌ରେ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନଥିଲେ। କରି ଲଢ଼େଇ ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେଥ୍ ମୁନୀ ୩, ଅନୁଷ୍କା ଶର୍ମା ୧୮, କାଶଭି ୪, ଜର୍ଜିଆ ୱେରହାମ ୨ ରନ କରିଥିବାବେଳେ ସୋଫି ଡିଭାଇନ ଓ କନିକା ଆହୁଜା ଖାତା ଖୋଲିପାରି ନ ଥିଲେ। ଆରସିବିର ସାୟଲୀ ସତଘାରେ ୩ ଓ ନାଦିନେ ଡି କ୍ଲେର୍କ ୨ଟି ୱିକେଟ୍ ନେଇଛନ୍ତି। ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ସୁଶ୍ରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

**କଟକ,୧୯।୧(ସମିସ):** ଫେବୃୟାରୀ ୬ରୁ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏଲିଟ ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ରାଜକୋଟରେ ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳିବ। ଓସିଏ ସମ୍ମିଳନୀ କକ୍ଷରେ ରାଜ୍ୟ ମହିଳା ଦଳ ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଆଜି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ଘୋଷିତ ୧୮ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ତନ୍ମୟୀ ବେହେରା ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ଦଳରେ ଅଞ୍ଜଳି ସିଂହ, ଇନ୍ଦ୍ରାଣୀ ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହଟା, ମୋନାଲିସା ରାଉତ, ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରଶ୍ମିତା ଚିନ୍ନାରା, ରୀମାଲକ୍ଷ୍ମୀ ଏକ୍କା, ଏସ୍‌ବି ଲରେନ୍ସ, ସଙ୍ଗୀତା ଖାଡିଆ, ସରିତା ମେହର, ଶିଲ୍ପା ସ୍ୱାଇଁ, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ, ନିବେଦିତା ଜନ ନାଏକ ସ୍ଥାନ ପାଇଛନ୍ତି। ୬ ତାରିଖରେ ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ୧୯ ବର୍ଷରୁ କମ୍ ବିଶ୍ୱକପ୍

## ୩୨୯ ରନ୍‌ରେ ଜିତିଲା ଦକ୍ଷିଣ ଆଫ୍ରିକା

**ୱିଣ୍ଡହୋକ, ୧୯।୧ (ଏଜେନ୍ସି):** ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩୨୯ ରନର ବୃହତ୍ ବ୍ୟବଧାନରେ ତାଞ୍ଜାନିଆକୁ ହରାଇଦେଇଛି। ଅଧିନାୟକ ମହମ୍ମଦ ବୁଲ୍‌ବୁଲିଆ (୧୦୮) ଓ ଜାସନ ରୋଉଲ୍ସ (ଅପରାଜିତ ୧୨୫)ଙ୍କ ଶତକ ବଳରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୫ ୱିକେଟ୍ ହରାଇ ୩୯୭ ରନ କରିଥିଲା। ଜବାବରେ ତାଞ୍ଜାନିଆ ୩୨.୨ ଓଭରରେ ମାତ୍ର ୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ଦଳ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ଆଫଗାନିସ୍ତାନ ନିକଟରୁ ହାରିଯାଇଥିଲା। ସୋମବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ପାକିସ୍ତାନ ୬ ୱିକେଟରେ ସ୍କଟଲାଣ୍ଡକୁ ମାତ୍ ଦେଇଛି। ପାକିସ୍ତାନର ମଧ୍ୟ ୨ୟ ମ୍ୟାଚରୁ ଏହା ପ୍ରଥମ ବିଜୟ ଥିଲା। ସେହିଭଳି ଶ୍ରୀଲଙ୍କା ସହଜରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ମଙ୍ଗଳବାର ଅଷ୍ଟ୍ରେଲିଆ-ଜାପାନ ଏବଂ ବାଂଲାଦେଶ-ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ସୁଟ୍ ଆଉଟ୍‌ରେ ଜିତିଲା ରୟାଲ୍ସ

■ ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୧୯।୧ (ସମିସ):** ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)ର ଅନ୍ତିମ ତଥା ୩ୟ ପର୍ଯ୍ୟାୟର ଖେଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ରାଞ୍ଚି ରୟାଲ୍ସ ସୁଟ୍ ଆଉଟ୍‌ରେ ୪-୧ ଗୋଲ୍‌ରେ ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ (ଜିସି)କୁ ପରାସ୍ତ କରିଛି। ନିର୍ଦ୍ଧାରିତ ୬୦ ମିନିଟ୍ ମଧ୍ୟରେ ଉଭୟ ଦଳ ୪ଟି ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। କିନ୍ତୁ ପରବର୍ତ୍ତୀ ୩ଟି କ୍ୱାର୍ଟରରେ ୮ଟି ଗୋଲ୍ ଦେଖିବାକୁ ମିଳିଥିଲା। ରାଞ୍ଚି ପକ୍ଷରୁ ଅରଜିତ୍ ସିଂହ ହୁଣ୍ଡାଲ ଓ ଏଚ୍‌ଆଇଏଲ୍ ଜିସି ପକ୍ଷରୁ ଲଳିତ ଉପାଧ୍ୟାୟ ୨ଟି ଲେଖାଏ ଦେଇଥିଲେ। ରାଞ୍ଚି ରୟାଲ୍ସ ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ସହ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିଛି। ସେହିଭଳି ଏଚଆଇଏଲ୍ ଜିସି ସମାନ ସଂଖ୍ୟକ ମ୍ୟାଚରୁ ୩ୟ ପରାଜୟ ସହ ୧୧ ପଏଣ୍ଟ ପାଇଛି। ଅପରପକ୍ଷରେ ମଙ୍ଗଳବାର ହାଇଦରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ମଧ୍ୟରେ ସନ୍ଧ୍ୟା ୫ଟାରେ ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିଭଳି ରାତି ୭ଟା ୩୦ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ସୁରମା ହକି କ୍ଲବ ପରସ୍ପର ସାମ୍ନାସାମ୍ନି ହେବେ। କଳିଙ୍ଗ ୬ ମ୍ୟାଚରୁ ୬ ବିଜୟ ସହ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଛି।

## ଜାତୀୟ ଦୃଷ୍ଟିବାଧିତ କ୍ରିକେଟ: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର,୧୯।୧(ସମିସ):** ଏଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ମହିଳା କ୍ରିକେଟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। କ୍ରମାଗତ ୩ଟି ଲିଗ୍ ମ୍ୟାଚ୍‌ରେ ଜିତିଥିବା ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସହ ରାଜସ୍ଥାନର ମୁକାବିଲା ହେବ। ଏଠାରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ ମଧ୍ୟପ୍ରଦେଶ ସହ ମହାରାଷ୍ଟ୍ରର ମୁକାବିଲା ହେବ। ସେହିପରି ଘୋର୍ଦ୍ଧାର କେଟି ଗ୍ଲୋବାଲ କ୍ରିକେଟ ଏକାଡେମୀରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ କର୍ଣ୍ଣାଟକ ସହ ପଶ୍ଚିମବଙ୍ଗ ଓ ଦ୍ୱିତୀୟ କ୍ୱାର୍ଟରରେ ଗୁଜରାଟ ସହ ଆନ୍ଧ୍ରପ୍ରଦେଶର ମୁକାବିଲା ହେବ।

## ଜାନକୀ ମେମୋରିଆଲ ରାଜ୍ୟସ୍ତରୀୟ ଭଲିବଲ
## ସମ୍ବଲପୁର ଚାମ୍ପିଅନ




**ଭୁବନେଶ୍ୱର, ୧୯।୧ (ସମିସ):** କଳିଙ୍ଗ ଭଲିବଲ କ୍ଲବ୍ ଆନୁକୂଲ୍ୟରେ ଏକାଦଶ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ନଗରସ୍ଥିତ (କେ-୪) ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ଟି ବଛା ବଛା ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଟିମ୍ ଚାମ୍ପିଅନ ଓ ଇଟାମାଟି ଭଲିବଲ ଟିମ୍ ରନର୍ସଅପ୍ ହୋଇଛି। ଫାଇନାଲରେ ସମ୍ବଲପୁର ୨-୧ ସେଟ୍‌ରେ ବିଜୟୀ ହୋଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୭,୦୦୦ ଟଙ୍କା ଓ ରନର୍ସଅପ୍ ଟିମ୍‌କୁ କପ୍ ସହ ୪,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଇଟାମାଟିର ସୌମ୍ୟରଞ୍ଜନଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ମାନବଅଧିକାର କମିଶନର ଉପସଭାପତି ସାବିତ୍ରୀ ପୃଷ୍ଟି ଓ ସମ୍ପାଦିକା ରଞ୍ଜୁକ୍ତା ସେଠୀଙ୍କ ସହ କଳିଙ୍ଗ ଭଲିବଲ କ୍ଲବ୍ ମ୍ୟାନେଜର ବଟକୃଷ୍ଣ ମଣ୍ଟୁ, ଅରବିନ୍ଦ ତ୍ରିପାଠୀ ଓ ରମାକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ କୁବେର ନେଷ୍ଟର ଏମ୍‌ଡି ଶିଶିର କୁମାର ବେହେରା ଓ ଆୟୋଜକ କ୍ଲବ୍ ସଭାପତି ନିତ୍ୟାନନ୍ଦ ନନ୍ଦ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଦେବଦତ୍ତ ସାମନ୍ତରାୟ ଓ ବେଣୁଧର ପରିଡ଼ା ଧାରାବିବରଣୀ ପ୍ରଦାନ କରିଥିଲେ।

## ମେଲ୍‌ବୋର୍ଣ୍ଣରେ ଜୋକୋଭିଚ୍‌ଙ୍କ ଶତକୀୟ ବିଜୟ

**ମେଲବୋର୍ଣ୍ଣ, ୧୯।୧ (ଏଜେନ୍ସି):** ସର୍ବିଆ ତାରକା ନୋଭାକ୍ ଜୋକୋଭିଚ୍ ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଦ୍ୱିତୀୟ ଦିବସରେ ମେଲବୋର୍ଣ୍ଣ ପାର୍କରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଜୋକୋଭିଚ୍ ୬-୩, ୬-୨, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋଭୋଭିଚ୍ ଅଷ୍ଟ୍ରେଲିଆନ୍ ଓପନ୍‌ରେ ୧୦୦ତମ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ମଧ୍ୟରେ ସେ ୧୦ଥର ଏହି ସମ୍ମାନଜନକ ଟ୍ରଫି ଜିତିବାର ରେକର୍ଡ ମଧ୍ୟ କରିଛନ୍ତି। ପୁରୁଷ ବିଭାଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପୂର୍ବତନ ବିଜେତା ଷ୍ଟାନ ୱାରିଙ୍କା ୫-୭, ୬-୩, ୬-୪, ୭-୬ (୭/୪) ସେଟରେ ସର୍ବିଆର ଲାସଲୋ ଜେରେଙ୍କୁ ହରାଇଛନ୍ତି। ୪୦ ବର୍ଷୀୟ ସୁଇଜରଲାଣ୍ଡ ତାରକା ୱାରିଙ୍କା'ଙ୍କ ଏହା ଅନ୍ତିମ ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟ। ସୋମବାର ଖେଳାଯାଇଥିବା ଅନ୍ୟ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ଗୁଡ଼ିକରେ ୧୨ତମ ସିଡ୍ କାସ୍ପର ରୁଡ୍, ୬ଷ୍ଠ ସିଡ୍ ତଥା ଘରୋଇ ଖେଳାଳି ଆଲେକ୍ସ ଡି ମିନାଉର, ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୭ମ ସିଡ୍ କାନାଡାର ଫେଲିକ୍ସ ଆଗର-ଆଲିଆସିମେ ୩-୬, ୬-୪, ୬-୪ ସେଟରେ ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କ ବିପକ୍ଷରେ ଆଗୁଆ ଥିଲେ ମଧ୍ୟ ଆହତ ହୋଇ ରିଟାୟର୍ଡ ନେଇଥିଲେ।




### ସ୍ୱିଆଟେକ୍, ଗଫ୍, ପେଗୁଲାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ବିଭାଗରେ ବିଶ୍ୱର ଦୁଇ ନମ୍ବର ଖେଳାଳି ଇଗା ସ୍ୱିଆଟେକ୍, ୩ୟ ମାନ୍ୟତା କୋକୋ ଗଫ, ୬ଷ୍ଠ ସିଡ୍ ଜେସିକା ପେଗୁଲା, ୮ମ ସିଡ୍ ମାରିଆ ଆନ୍ଦ୍ରିଭା, ଇଭା ଜୋଭିକ ପ୍ରମୁଖ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଆମେରିକାର ଗଫ୍ ୬-୨, ୬-୩ ସେଟ୍‌ରେ ଉଜବେକିସ୍ତାନର କାମିଲା ରାଖିମୋଭାଙ୍କୁ, ଆମଣ୍ଡା ଆନିସିମୋଭା ୬-୩, ୬-୨ରେ ସୁଇଜରଲାଣ୍ଡର ସିମୋନା ୱାଲ୍ଟରଙ୍କୁ, ପୋଲାଣ୍ଡ ତାରକା ସ୍ୱିଆଟେକ୍ ୭-୬ (୫), ୬-୩ ସେଟରେ ଚାଇନାର ୟୁ ୟୁନଙ୍କୁ, ଆନ୍ଦ୍ରିଭା ୪-୬, ୬-୩, ୬-୦ରେ କ୍ରୋଏସିଆର ଡୋନା ଭେକିକଙ୍କୁ, ପେଗୁଲା ୬-୨, ୬-୧ ସେଟରେ ଅନାସ୍ତାସିଆ ଜାଖାରୋଭଙ୍କୁ ହରାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS